
ସ୍ପିରିଟ୍ ଛାଡ଼ିନାହାନ୍ତି ପ୍ରକାଶ ରାଜ

▶ପୃଷ୍ଠା 9 ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-227 ♦THURSDAY ♦12 FEBRUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୨୭ ♦ଗୁରୁବାର ♦୧୨ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ସିବିଏସଇ ଦ୍ୱାଦଶ ଶ୍ରେଣୀର ଏକ କୋଟି ଖାତାର ହେବ ଡିଜିଟାଲ ଯାଞ୍ଚ

### ୩୨ କୋଟି ପୃଷ୍ଠା ସ୍କାନ କରି ଅପଲୋଡ କରିବେ

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଚଳିତ ଥର ସିବିଏସଇ ଦ୍ୱାଦଶ ଶ୍ରେଣୀର ୧୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାକୁ 'ଅନ୍ ସ୍କ୍ରିନ ମାର୍କିଂ ସିଷ୍ଟମ'ରେ ଯାଞ୍ଚ କରାଯିବ। ଏହି ପରୀକ୍ଷା ଆସନ୍ତା ୧୭ ତାରିଖରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ଚାଲିବ। ଏହା ପରେ ଖାତା ଯାଞ୍ଚ ଆରମ୍ଭ ହେବ। ଏଥିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଉତ୍ତର ପୃଷ୍ଠାକୁ ସ୍କାନ କରି ସିଷ୍ଟମରେ ଅପଲୋଡ କରାଯିବ। ପ୍ରାୟ କୋଟିଏ କପିର ୩୨ କୋଟି ପୃଷ୍ଠା ସ୍କାନ କରି ଅପଲୋଡ୍ ହେବ। ପରୀକ୍ଷକ ଏହି ଡିଜିଟାଲ କପିକୁ ଯାଞ୍ଚ କରି ନମ୍ବର ଦେବେ। ଅନ୍ୟପକ୍ଷରେ ସିବିଏସଇ ଦଶମ ଶ୍ରେଣୀ ଖାତାର ଯାଞ୍ଚ ପୂର୍ବଭଳି କାଗଜରେ ହେବ। ସିବିଏସଇର ପରୀକ୍ଷା ନିୟନ୍ତ୍ରକ ସଂଯମ ଭରଦ୍ୱାଜ କହିଛନ୍ତି ଯେ ଏହି ନୂଆ ବ୍ୟବସ୍ଥାରେ ଉତ୍ତର ଖାତାର ପରିବହନରେ ଲାଗୁଥିବା ସମୟ ଏବଂ ଖର୍ଚ୍ଚ ବଞ୍ଚିବ। ଶିକ୍ଷକ ନିଜ ସ୍କୁଲରେ ରହି ଖାତାର ମୂଲ୍ୟାଙ୍କନ କରିବେ। ଏହାଦ୍ୱାରା ଶିଶୁଙ୍କ ନିୟମିତ ଶିକ୍ଷା ପ୍ରଭାବିତ ହେବ ନାହିଁ। ମୂଲ୍ୟାଙ୍କନ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

**୧୭ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ବୋର୍ଡ ପରୀକ୍ଷା**

ସୂଚନା ଅନୁଯାୟୀ, ପିଲା ପରୀକ୍ଷା କେନ୍ଦ୍ରରେ ପୂର୍ବଭଳି ଖାତାରେ ଉତ୍ତର ଲେଖିବେ। ପରୀକ୍ଷା ଅଫଲାଇନରେ ହିଁ ହେବ। ବୋର୍ଡ ▶ପୃଷ୍ଠା-୭

## ପିଶାଚ ଶିକ୍ଷକ: ୮୯ ନାବାଳକଙ୍କୁ ଦୁଷ୍କର୍ମ

### ୫୦ ବର୍ଷ ମଧ୍ୟରେ ଭାରତ ସମେତ ୯ଟି ଦେଶର ପିଲାଙ୍କୁ ଶୋଷଣ କରିଛନ୍ତି

■ ପ୍ୟାରିସ, ୧୧।୨ (ଏଜେନ୍ସି): ଫ୍ରାନ୍ସର ଜଣେ ୭୯ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକଙ୍କ ବିରୋଧରେ ୧୯୬୦ରୁ ୨୦୨୨ ପର୍ଯ୍ୟନ୍ତ ୮୯ ଜଣ ନାବାଳକଙ୍କୁ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫ୍ରାନ୍ସର ଗ୍ରେନୋବଲ ସହରର ପ୍ରସିକ୍ୟୁଟର ଏଟିଏନ ମାଣ୍ଟୋ ମଙ୍ଗଳବାର ଦିନ ଏହି ମାମଲାକୁ ସାର୍ବଜନୀନ କରିବା ସହ ପୀଡିତମାନଙ୍କୁ ଆଗକୁ ଆସିବାକୁ ଅପିଲ କରିଛନ୍ତି। ଅଭିଯୁକ୍ତର ନାମ ହେଉଛି ଜ୍ୟାକ ଲେଭୁଗ୍ଲ। ସେ ୧୯୬୭ରୁ ୨୦୨୨ ମଧ୍ୟରେ ଭାରତ, ଜର୍ମାନୀ, ସ୍ୱିଜରଲାଣ୍ଡ, ମରକ୍କୋ, ନାଇଜର, ଆଲଜେରିଆ, ଫିଲିପାଇନ୍ସ ଓ ଫ୍ରାନ୍ସର ନାବାଳକଙ୍କ ସହ ଯୌନ ଅପରାଧ କରିଥିଲେ। ସେ ଜଣେ ଫରାସୀ ଭାଷା ଶିକ୍ଷକ ଓ ଗୁମ୍ଫା ଅଧ୍ୟୟନ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପୀଡିତମାନଙ୍କ ବୟସ ୧୩ରୁ ୧୭ ବର୍ଷ ମଧ୍ୟରେ ଥିଲା ବୋଲି କୁହାଯାଇଛି।

ଏହି ଘଟଣା ସେତେବେଳେ ସାମ୍ନାକୁ ଆସିଲା, ଯେତେବେଳେ ଅଭିଯୁକ୍ତଙ୍କ ପୁତୁରା ତାଙ୍କ ଉପରେ ସନ୍ଦେହ କରି ତାଙ୍କ ରୁମ୍ ତଲାସି କରିଥିଲେ। ସେଠାରୁ ଏକ ୟୁଏସ୍‌ବି ଡ୍ରାଇଭ ମିଳିଥିଲା, ଯେଉଁଥିରେ ନାବାଳକଙ୍କ ସହ ଯୌନ ସମ୍ପର୍କର ଅନେକ ଫଟୋ ଓ ତଥ୍ୟ ଲିଖିତ ଆକାରରେ ଥିଲା। ତଦନ୍ତକାରୀମାନେ ସେହି ଦସ୍ତାବିତ ପଢ଼ି ୮୯ ଜଣ ପୀଡିତଙ୍କୁ ଚିହ୍ନଟ କରିଛନ୍ତି। ଅଭିଯୁକ୍ତ ତଦନ୍ତ ସମୟରେ ସ୍ୱୀକାର କରିଛନ୍ତି ଯେ, ୧୯୭୦ରେ ସେ ନିଜର କର୍କଟ ▶ପୃଷ୍ଠା-୭

# ଲୋକସଭାରେ ରାହୁଲ-ରିଜିଜୁ ମୁହାଁମୁହିଁ

### ଟ୍ରମ୍ପଙ୍କ ଆଗରେ ଭାରତର ସ୍ୱାର୍ଥକୁ ସମର୍ପଣ କରିଛନ୍ତି ସରକାର: ରାହୁଲ

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଯାଉଥିବା ବାଣିଜ୍ୟ ଚୁକ୍ତିକୁ ନେଇ ଆଜି ଲୋକସଭାରେ ମୁହାଁମୁହିଁ ହୋଇଛନ୍ତି ସରକାର ଏବଂ ବିରୋଧୀ ଦଳ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏହି ପ୍ରସ୍ତାବିତ ଚୁକ୍ତି ନେଇ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଅଭିଯୋଗ କରିଛନ୍ତି ଯେ ମୋଦୀ ସରକାର ଟ୍ରମ୍ପ ଆଗରେ ଭାରତର ସ୍ୱାର୍ଥକୁ ସମର୍ପି ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏଭଳି ଅଭିଯୋଗକୁ ଖଣ୍ଡନ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାହୁଲଙ୍କୁ ଚାଲେଞ୍ଜ କରିଛନ୍ତି ଯେ ସେ ଯାହା କହୁଛନ୍ତି ତଥ୍ୟ ପ୍ରମାଣ ଦେଇ କୁହନ୍ତୁ। ଗୋଟିଏ କଥାକୁ ବାରମ୍ବାର ଦୋହରାଇଲେ ଏହା ସତ ହୋଇଯିବ ନାହିଁ।

ଆଲୋଚନା ଆରମ୍ଭ କରି ରାହୁଲ ଅଭିଯୋଗ କରିଥିଲେ ଯେ ବାଣିଜ୍ୟ ଚୁକ୍ତି ଜରିଆରେ ସରକାର ଭାରତ ମାତାଙ୍କୁ ବିକିଦେଇଛନ୍ତି। 'ଆପଣମାନେ ଭାରତକୁ ବିକି ଦେଇଛନ୍ତି। ଆପଣ ଆମର ଭାରତ ମାତାକୁ ବିକିଦେଇଛନ୍ତି। ଏହା ଲଜ୍ଜାଜନକ ନୁହେଁ କି?' ବୋଲି ସେ ପ୍ରଶ୍ନ କରିଥିଲେ। ଏଭଳି ଚୁକ୍ତି କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରାଯାଇଛି। ଭାରତର ଶକ୍ତି ନିରାପତ୍ତାକୁ ଆମେରିକା ହାତରେ ଟେକି ଦିଆଯାଇଛି। ଭାରତ ତେଲ କାହାଠୁ କିଣିବ, ତାହା ଆମେରିକା ସ୍ଥିର କରିବ। ସେହିଭଳି ଭାରତୀୟ ଚାଷୀମାନଙ୍କ ସ୍ୱାର୍ଥ ସହିତ ମଧ୍ୟ ସାଲିସ କରାଯାଇଛି। ଏବେ ଆମରିକାର କୃଷି ସାମଗ୍ରୀ ଭାରତ ବଜାରରେ ଛାଇଯିବ। ଏହା ଆମର କୋଟି କୋଟି ଚାଷୀଙ୍କ ଜୀବିକା ପ୍ରତି ବିଦ ସୃଷ୍ଟି କରିଛି। ଭାରତର ବୟନ ଶିଳ୍ପକୁ ମଧ୍ୟ ଶେଷ କରିଦିଆଯାଇଛି। ଯୁଦ୍ଧର ଯୁଗ ଶେଷ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନ୍‌ଏସ୍‌ଏ ଅଜିତ ଡୋଭାଲ କହୁଛନ୍ତି। କିନ୍ତୁ ସତ କଥା ହେଉଛି ଯେ ଆମେ ଯୁଦ୍ଧର ଯୁଗ ଭିତରକୁ ପ୍ରବେଶ କରିବାକୁ ଯାଉଛୁ। ବିପଜ୍ଜନକ ବିଶ୍ୱରେ ଆମକୁ ଆମର ସାମର୍ଥ୍ୟ ବିଷୟରେ ଅବଗତ ହେବାକୁ ପଡ଼ିବ। ଆମ ଦେଶବାସୀ ହେଉଛନ୍ତି ଆମର ପ୍ରକୃତ ଶକ୍ତି। ତେଣୁ ସେମାନଙ୍କର ସୁରକ୍ଷା, ତଥ୍ୟର ସୁରକ୍ଷା, ଖାଦ୍ୟ ଓ ଶକ୍ତିର ସୁରକ୍ଷାର ଜରୁରୀ ବୋଲି ରାହୁଲ କହିଥିଲେ। ସେ ଆହୁରି ଅଭିଯୋଗ କରିଥିଲେ ଯେ ବିଜେପିର ଆର୍ଥିକ ଢାଞ୍ଚାକୁ ସୁରକ୍ଷା ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ୧୪୦ କୋଟି ଭାରତୀୟଙ୍କ ଭବିଷ୍ୟତକୁ ସମର୍ପଣ କରିଦେଇଛନ୍ତି। ▶ପୃଷ୍ଠା-୭



### ରାହୁଲଙ୍କ ବିରୋଧରେ ସ୍ୱାଧିକାର ନୋଟିସ ଦେବେ ସରକାର

### ଶ୍ରମ ସଂହିତାକୁ ବିରୋଧ

# ଆଜି ଭାରତ ବନ୍ଦ

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଦେଶର ୧୦ ଶ୍ରମିକ ସଂଗଠନ (ଟ୍ରେଡ୍ ୟୁନିଅନ୍) ପକ୍ଷରୁ ଗୁରୁବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ୪ ଶ୍ରମ ସଂହିତା, ବିହନ ବିଲ୍ ୨୦୨୫, ବିଜୁଳି ସଂଶୋଧନ ବିଲ୍ ୨୦୨୫ ଏବଂ ବିଭି-ଜିରାମ୍‌ଜୀ ଆଇନ ଆଦିର ରଦ୍ଦ ଦାବି କରି ସାରା ଦେଶରେ ଶ୍ରମିକମାନେ ଧର୍ମଘଟ କରିବେ। ଶ୍ରମିକ ସଂଗଠନର କହିବାନୁଯାୟୀ, ଏହି ନୂଆ ଶ୍ରମ ସଂହିତା ୨୯ ପୁରୁଣା ଶ୍ରମ ଆଇନକୁ ବଦଳାଇବ, ଯାହା ଶ୍ରମିକଙ୍କ ଅଧିକାରକୁ ହ୍ରାସ କରିବ। ଏହା ଟ୍ରେଡ୍ ୟୁନିଅନଗୁଡ଼ିକର ପଞ୍ଜୀକରଣରେ ସମସ୍ୟା ଆଣିବ।

ଏହି ଧର୍ମଘଟରେ ସିଟୁ, ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି, ଟିୟୁସିସି, ସେବା, ଏଆଇସିସିଟିୟୁ ଏବଂ ୟୁଟିୟୁସି ଭଳି ଶ୍ରମିକ ସଂଗଠନଗୁଡିକ ସାମିଲ ହୋଇଛନ୍ତି। ଏଥିଯୋଗୁ ଖଣି ଏବଂ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ ପ୍ରଭାବିତ ହେବ। ଧର୍ମଘଟରେ ସାରା ଦେଶରେ ପ୍ରାୟ ୩୦ କୋଟି ଶ୍ରମିକ ସାମିଲ ହେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ନବ ନିର୍ମାଣ କୃଷକ ସଂଗଠନ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ କରିଛି। ତେବେ ଫେବୃଆରୀ ୧୨ର ଏହି ଧର୍ମଘଟରେ ଦେଶର ସମସ୍ତ ବ୍ୟାଙ୍କ କର୍ମଚାରୀ ସାମିଲ ହେବେ। ବ୍ୟାଙ୍କ କର୍ମଚାରୀମାନେ ଦୀର୍ଘ ଦିନ ଧରି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ୫ ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବାକୁ ଦାବି କରିଆସୁଛନ୍ତି। ଦେଶର ପ୍ରମୁଖ ବ୍ୟାଙ୍କ ସଂଗଠନ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଆସୋସିଏସନ୍ (ଏଆଇବିଇଏ), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ (ଏଆଇବିଓଏ) ଏବଂ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ବେଫି) ଧର୍ମଘଟ ଘୋଷଣା କରିଛନ୍ତି। ଧର୍ମଘଟ ଯୋଗୁ ବ୍ୟାଙ୍କରେ ନଗଦ କାରବାର ଏବଂ ଚେକ୍ କ୍ଲିୟରାନ୍ସ ଭଳି କାର୍ଯ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି।

**ଟି-୨୦ ବିଶ୍ୱକପ୍‌ରେ ବିରଳ ମ୍ୟାଚ୍**

## ରୋମାଞ୍ଚ ଭରିଦେଲା ଡବଲ୍ ସୁପର ଓଭର



■ ଅହମ୍ମଦାବାଦ, ୧୧।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଇତିହାସର ସର୍ବଶ୍ରେଷ୍ଠ ରୋମାଞ୍ଚକ ଓ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ବୁଧବାର ଦେଖିବାକୁ ମିଳିଥିଲା। ଏଠାରେ ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସୁପର ଓଭରରେ ୪ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଗତ ସଂସ୍କରଣର ଉପବିଜେତା ତଥା ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ରହିଥିବା ଦକ୍ଷିଣ ଆଫ୍ରିକାକୁ ଏହି ମ୍ୟାଚ୍ ଜିତିବା ପାଇଁ ନାକେଦମ କରିଥିଲା ୧୦ମ ମାନ୍ୟତା ଦଳ ଆଫଗାନିସ୍ତାନ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣଆଫ୍ରିକା ୬ ୱିକେଟ୍‌ରେ ୧୮୭ ରନ କରିଥିଲା। ଜବାବରେ ଆଫଗାନିସ୍ତାନ ୨ଟି ବଲ୍ ବଳକାଥାଇ ସମାନ ୧୮୭ ରନରେ ସୀମିତ ରହିଥିଲା। ▶ପୃଷ୍ଠା-୭

## ଆମେରିକାରୁ ଅଶୋଧିତ ତୈଳ କିଣିବେ ରାଷ୍ଟ୍ରାୟତ୍ତ କମ୍ପାନୀ

### ସରକାର ଜାରି କଲେ ନିର୍ଦ୍ଦେଶନାମା

■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଦେଶର ରାଷ୍ଟ୍ରାୟତ୍ତ ତୈଳ ବିଶୋଧନାଗାରଗୁଡ଼ିକୁ ଆମେରିକା ଏବଂ ଭେନେଜୁଏଲାରୁ ଅଧିକ ଅଶୋଧିତ ତେଲ କିଣିବା ଉପରେ ଭାରତ ସରକାର ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ସରକାର ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ରୁଷ ପରିବର୍ତ୍ତେ ଆମେରିକାରୁ ତେଲ କିଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ଆମେରିକା ସହିତ ସମ୍ପ୍ରତି ବାଣିଜ୍ୟ ଚୁକ୍ତି ପରେ ଭାରତ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ମାର୍କିନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବାଣିଜ୍ୟ ଚୁକ୍ତିର ଅଂଶ ଭାବରେ ରୁଷୀୟ ଅଶୋଧିତ ତେଲ କ୍ରୟ ବନ୍ଦ କରିବାକୁ ରାଜି ହୋଇଥିବା ସୂଚନା ଦେଇଥିଲେ। ଯଦିଓ ଭାରତ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସାର୍ବଜନୀନ ପ୍ରତିକ୍ରିୟା ଦିଆଯାଇ ନାହିଁ, ତଥାପି ଟ୍ରମ୍ପଙ୍କ ଦାବିକୁ ବି ଭାରତ ସରକାର ଖଣ୍ଡନ କରିନାହାନ୍ତି। ବିଶେଷଜ୍ଞଙ୍କ ମତରେ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ପାଇଁ ଆମେରିକୀୟ ଏବଂ ଭେନେଜୁଏଲାର ତେଲ ବଡ଼ ପରିମାଣରେ ଆମଦାନୀ କରିବା ସହଜ ନୁହେଁ। ବିଶୋଧନ କ୍ଷମତା ଏବଂ ମୂଲ୍ୟ ଏବଂ ପରିବହନ ଏଥିରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ରହିଛି। ଭାରତର ଅଧିକାଂଶ ରିଫାଇନାରୀ ମଧ୍ୟମ ଅଶୋଧିତ ତୈଳ ପାଇଁ ଡିଜାଇନ୍ କରାଯାଇଛି, ଯେତେବେଳେ ଆମେରିକୀୟ ତୈଳ ହାଲୁକା ଓ ଏଥିରେ ସଲଫର ପରିମାଣ କମ୍ ଅଛି। ଏହି ତେଲ ପ୍ରକ୍ରିୟାକରଣ ଭାରତୀୟ ୟୁନିଟ୍ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ନୁହେଁ। ଅନ୍ୟପକ୍ଷରେ ଭାରତ ଆମେରିକାଠାରୁ ଦୂରତା ମଧ୍ୟ ଅନେକ। ବର୍ଦ୍ଧିତ ପରିବହନ ହାର ସେଠାରୁ ତୈଳ ଆମଦାନୀକୁ ମହଙ୍ଗା କରିବାର ଆଶଙ୍କା ରହିଛି। ତୁଳନାତ୍ମକ ଭାବରେ କାଜାଖସ୍ତାନ ଏବଂ ପଶ୍ଚିମ ଆଫ୍ରିକାରୁ ତୈଳ ଆମଦାନୀ ଶସ୍ତା ହେଉଛି। ତଥାପି ସରକାରୀ ନିର୍ଦ୍ଦେଶ ଅନୁସାରେ ଆଇଓସିଏଲ୍, ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍ ଭଳି ▶ପୃଷ୍ଠା-୭

## ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

### ହାଇୱା ଧକ୍କାରେ ୨ ମୃତ; ଜଣେ ଗୁରୁତର

■ କଲମପୁର, ୧୧।୨ (ସମିସ): କଲମପୁର ଥାନା ଅଧୀନ ଦୁଲକିବନ୍ଧ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହେଇଛନ୍ତି। ଗୁରୁତରଙ୍କୁ ପୁଲିସ ଉଦ୍ଧାର କରି ଚିକିତ୍ସା ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ସୂଚନା ଅନୁସାରେ, କଲମପୁର ଥାନା ଅଧୀନ ଭେଜିଗୁଡ଼ା ଗ୍ରାମର ଶକ୍ତି ମାଝୀ, ବିପିନ ମାଝୀ ଓ ବାସୁଦେବ ମାଝୀ ଏକ ବାଇକ୍‌ରେ ଜୟପାଟଣା ମୋଟେର ମୁଖ୍ୟ ରାସ୍ତାଦେଇ ନିଜ ଗାଁ କୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହ ଧକ୍କା ହେଇଥିଲା। ହାଇୱାଟି ଧକ୍କାଦେଇ ବାଇକ୍ ଉପରେ ଚଢ଼ିଯାଇଥିଲା। ଫଳରେ ଶକ୍ତି ଏବଂ ▶ପୃଷ୍ଠା-୭

### ବାଇକ୍ ଦୁର୍ଘଟଣାରେ ୨ ମୃତ

■ ଥୁଆମୂଳ ରାମପୁର, ୧୧।୨ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଠାରୁ ଡୁମେରପଦରକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତାର କାଠକୁରା ନିକଟ ସାହୁ ଜଙ୍ଗଲ ଅଞ୍ଚଳରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣା ଘଟିଥିଲା। ଦ୍ରୁତ ଗତିରେ ବାଇକ୍ ଚାଳନା କରୁଥିବାବେଳେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ରାସ୍ତାତଳକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ ପହଞ୍ଚି ଆହତ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ମରିଗଲା ରାଜ୍ୟର ମେଟ୍ରୋ ଆଶା

### ନିଜେ କଲେନାହିଁ କି କେନ୍ଦ୍ରକୁ ପ୍ରସ୍ତାବ ଦେଲେନାହିଁ

■ ଭୁବନେଶ୍ୱର, ୧୧।୨ (ସମିସ): ସମଗ୍ର ଦେଶରେ ମେଟ୍ରୋ ରେଳ ନେଟୱାର୍କ ବଢ଼ିବାରେ ଲାଗିଛି। ଖୁବଶୀଘ୍ର କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ଭାଇଜାଗ ମେଟ୍ରୋ ରେଳ ପ୍ରକଳ୍ପର ସଂଶୋଧିତ ଡିପିଆରକୁ ଅନୁମୋଦନ ଦେବାକୁ ଯାଉଛନ୍ତି। ଏହି ପ୍ରକଳ୍ପ ପାଇଁ ୧୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ କେନ୍ଦ୍ର ସରକାର ୨୦ ପ୍ରତିଶତ ଅର୍ଥ ବହନ କରିବେ। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଏଯାବତ୍ ଦେଶର ୨୬ଟି ସହରକୁ ମେଟ୍ରୋ ରେଳ ସମ୍ପ୍ରସାରିତ ହେଲାଣି। ମାତ୍ର ସମାନ ସମୟରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ପୂର୍ବରୁ ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ିଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବର୍ତ୍ତମାନ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଏକପ୍ରକାର ମରିଗଲାଣି। ଠିକା ପାଇଥିବା କମ୍ପାନୀ ରାଜ୍ୟରୁ ନିଜର କ୍ୟାମ୍ପ ବି ଉଠାଇ ଚାଲିଗଲାଣି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରୁଛନ୍ତି।

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ କରିଡର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୯୫୨ କୋଟି ଟଙ୍କା ଖର୍ଚ୍ଚ କରିବେ। ପୂର୍ବରୁ ଏହି ରୁଟ୍ ଦେଇ ମେଟ୍ରୋ ଚଳାଚଳ କରିବା ପାଇଁ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇଥିଲା। ମାତ୍ର ନୂଆ ସରକାର ଏହି ରୁଟ୍ ଦେଇ ମେଟ୍ରୋ ସେବା ପରିବର୍ତ୍ତେ ଏଲିଭେଟେଡ କରିଡର କରିବାକୁ ନିଷ୍ପତ୍ତି ନେବା ପରେ ନିକଟ ଭବିଷ୍ୟତରେ ଭୁବନେଶ୍ୱରରେ ମେଟ୍ରୋ ଗଡ଼ିବ ନାହିଁ, ତାହା ଆପାତତଃ ନିଶ୍ଚିତ ହୋଇସାରିଛି। ବିହାର, ଉତ୍ତର ପ୍ରଦେଶ, ହରିୟାଣା ପରି ରାଜ୍ୟର ଭୁବନେଶ୍ୱରଠାରୁ ▶ପୃଷ୍ଠା-୭

**ଓଡ଼ିଶାକୁ ଛାଡ଼ି ସାରା ଦେଶରେ ମେଟ୍ରୋ ପାଇଁ ଆଗ୍ରହ**

**ସବୁ ଯୋଗ୍ୟତା ଥାଇ ଭୁବନେଶ୍ୱର ପଛୁଆ: ବିଶେଷଜ୍ଞ**



ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

# ଏଆଇ ପାଇଁ କାମ କରିବ ମଣିଷ!





ମଣିଷର ମସ୍ତିଷ୍କରୁ ଜନ୍ମ ନେଇଥିବା ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଏବେ ମଣିଷକୁ ଟପିଯିବାକୁ ବସିଛି। କାୟା ମେଲାଇ ଚାଲିଛି କୃତ୍ରିମ ବୁଦ୍ଧିମତ୍ତା। ଏଆଇର ବ୍ୟାପକ ବଜାର ପ୍ରବେଶ ଚାକିରି ଛଡ଼ାଇ ନେଉଛି। ଏହି କୃତ୍ରିମ ବୁଦ୍ଧିମତ୍ତାକୁ ଆଧାର କରି ତିଆରି ଚାଟ୍ ବଟ୍ ବା ଚାଟ୍ ଜିପିଟି ଏତେ ଦ୍ରୁତ ବେଗରେ କାମ କରୁଛି ଯେ ଏହା ଜୀବିକା ପାଇଁ ଛିଡ଼ା କଲାଣି ସଙ୍କଟ। ସେଥିପାଇଁ ଅନେକ ଲୋକ ନିଜ ଚାକିରିକୁ ନେଇ ଅସୁରକ୍ଷିତ ମନେ କରିବା ସହିତ ଚିନ୍ତାରେ ଅଛନ୍ତି। ତେବେ ଏବେ ରୋବଟ୍ ତଥା ଏଆଇ ଏଜେଣ୍ଟ ଲୋକଙ୍କୁ ନିଜ କାମରେ ରଖି ତା' ପ୍ରତି ବଦଳରେ ସେମାନଙ୍କୁ ପାରିଶ୍ରମିକ ଦେବ। ଶୁଣିବାକୁ ଅଜବ ଲାଗିଲେ ବି ଏହା ସତ। 'ରେଣ୍ଟ ଏ ହ୍ୟୁମାନ ଡଟ୍ ଏଆଇ' ନାମକ ଏକ ପ୍ଲାଟଫର୍ମ ଏବେ ଚାକିରିରେ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ। ତେଣୁ ବର୍ତ୍ତମାନ ଏଆଇ ଏଜେଣ୍ଟ ମାଲିକ ହେବେ ଏବଂ ମଣିଷ କର୍ମଚାରୀ ଭାବେ ଏଆଇର କାମ କରିବେ। ସରଳ ଭାଷାରେ କହିଲେ, ଯେତେବେଳେ ଏଆଇକୁ ବାସ୍ତବିକ ଦୁନିଆରେ କିଛି ଏମିତି କାମ କରିବାକୁ ପଡ଼ିବ, ଯାହା ତା' ପକ୍ଷେ କରିବା ଅସମ୍ଭବ ହୋଇଥିବ, ସେ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ କୌଣସି ମଣିଷକୁ ରଖିବ। ତେବେ ଏଥିରେ ମସ୍ତିଷ୍କ ଏଆଇର ହେବ ଏବଂ ହାତ, ଗୋଡ଼ ମଣିଷର ରହିବ। ଏଆଇ ଯେଉଁ କାମକୁ ନିଜେ କରିପାରିବ ନାହିଁ, ସେ ଲାଗି ମଣିଷର ସାହାଯ୍ୟ ନେବ। ତେବେ ଏଆଇ କୋଡିଂ କରିବା ସହ କବିତା ଲେଖୁଥିଲେ ବି ତା'ର ହାତ, ଗୋଡ଼ ନାହିଁ। ସେହିପରି ସେ ଦୋକାନ ଯାଇ ସାମଗ୍ରୀ କିଣିପାରିବ ନାହିଁ କିମ୍ବା ବଗିଚାରେ ଗଛରେ ପାଣି ଦେଇପାରିବ ନାହିଁ। ଏପରିକି କୌଣସି ଫାଇଲରେ ହାତରେ ଦସ୍ତଖତ କରିପାରିବ ନାହିଁ। ଏଭଳି ସ୍ଥଳେ ଏଆଇକୁ ମଣିଷର ଆବଶ୍ୟକତା ପଡ଼ିବ। ଉଦାହରଣ ସ୍ୱରୂପ, ଯଦି କୌଣସି ଏଆଇ ଏଜେଣ୍ଟକୁ ଏକ ପ୍ରୋଜେକ୍ଟ ଲାଗି ସହରର ବିଶେଷ ଅଫିସ୍‌ରୁ ଦସ୍ତାବିଜ ଆଣିବାରେ ଥିବ, ସେ ଏହି ପ୍ଲାଟ୍‌ଫର୍ମକୁ ଉପଯୋଗ କରିବ। ଏଠାରେ ଏଆଇ ଜଣେ ମଣିଷକୁ ବାଛି ତା'କୁ କାମ ବାବଦରେ ବୁଝାଇବ ଏବଂ କାମ ପୂରା ହେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପାରିଶ୍ରମିକ ଦେବ। ଏହି ପ୍ଲାଟ୍‌ଫର୍ମରେ ଜିନିଷ ପହଞ୍ଚାଇବା, ବଜାରରୁ କିଣାକିଣି, ପୋଷା ପ୍ରାଣୀଙ୍କୁ ଖାଦ୍ୟ ଦେବା, କୌଣସି ବ୍ୟକ୍ତିଙ୍କୁ ଭେଟ କରି ବାର୍ତ୍ତା ଦେବା ଭଳି ପ୍ରତିଦିନର ଛୋଟ ମୋଟ କାମ ସାମିଲ ଅଛି। ଅନ୍ୟପଟେ ଏହା ଅବିକଳ ଓଲା, ଉବର ଭଳି କାମ କରିବ। ଫରକ ଏତିକି ଯେ, ଏଠାରେ ମାଲିକ ମଣିଷ ନୁହେଁ, ଏଆଇ ହେବ। ଏଆଇ ଏଜେଣ୍ଟ ନିଜ ଆବଶ୍ୟକତା ଅନୁସାରେ କାମ ପୋଷ୍ଟ କରିବେ। ଯେଉଁମାନେ ଏହି ପ୍ଲାଟଫର୍ମରେ ପଞ୍ଜିକରଣ କରିଥିବେ, ସେମାନେ ସେହି କାମକୁ କରିବାର ସୁଯୋଗ ପାଇବେ। କାମ ଶେଷ ହେବା ପରେ ଏଆଇ ଡିଜିଟାଲ ମୁଦ୍ରା ବା ୱାଲେଟ୍ ମାଧ୍ୟମରେ ପାରିଶ୍ରମିକ ଦେବ। ଅନ୍ୟପଟେ ଏଆଇ ଚାକିରି ଛଡ଼ାଇବା ନେବା ବୋଲି ଲୋକେ ବିଶ୍ୱାସ କରୁଥିବା ବେଳେ ଏହି ପ୍ଲାଟଫର୍ମ ଏବେ ଲୋକଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ଏଠାରେ ଏଆଇ ମଣିଷକୁ ହଟାଇବା ପରିବର୍ତ୍ତେ କାମ ଦେଉଛି। ଏହା ଏକଥା ଦର୍ଶାଉଛି, ଆଗାମୀ ଦିନରେ ମଣିଷ ଓ ଏଆଇ ପରସ୍ପରର ଶତ୍ରୁ ନୁହେଁ, ବରଂ ଭଲ ସାଥୀ ହେବେ। ଆଗାମୀ ଦିନରେ ଯେଉଁ କାମ ଏଆଇ କରିପାରିବ ନାହିଁ, ସେ ଲାଗି ମଣିଷର ସାହାଯ୍ୟ ନିଆଯିବ ଏବଂ ଏହା ପ୍ରତିବଦଳରେ ସେମାନଙ୍କୁ ଟଙ୍କା ପ୍ରଦାନ କରାଯିବ।

# 'ସ୍ପିରିଟ୍' ଛାଡ଼ିନାହାନ୍ତି ପ୍ରକାଶରାଜ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପ୍ରଭାସଙ୍କ ଫିଲ୍ମ 'ଦ ରାଜା ସାବ୍' ନିକଟରେ ରିଲିଜ୍ ହୋଇଥିଲା। ଏହା ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିନାହିଁ। ଏବେ ପ୍ରଭାସ ତାଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। 'ସ୍ପିରିଟ୍'ରେ ପ୍ରଥମେ ପ୍ରଭାସଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍‌ଙ୍କୁ ଫାଇନାଲ କରାଯାଇଥିଲା। ହେଲେ ସେ ଏଥିରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ଅନେକ ବିବାଦ ଦେଖା ଦେଇଥିଲା। ଏଥିରେ ଏବେ ଦୀପିକାଙ୍କ ବଦଳରେ ତ୍ରିପ୍ତି ଦିମ୍ରି ଦେଖାଯିବେ। ଏହାର ସୁଟିଂ ଏବେ ହାଇଦ୍ରାବାଦ୍‌ରେ ଚାଲିଛି। ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ସହ ପ୍ରକାଶରାଜ୍‌ଙ୍କର ଫିଲ୍ମର କୌଣସି ଏକ ସୁଟିଂକୁ ନେଇ ଯୁକ୍ତିତର୍କ ହେବା ପରେ ସେ ଏହି ଫିଲ୍ମରୁ ଓହରି ଯାଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାପରେ ପ୍ରକାଶରାଜ୍ ନିଜେ ଏକ୍ସରେ ପୋଷ୍ଟ ସେୟାର୍ କରି କହିଥିଲେ, 'ଏସବୁ ମିଛ କଥା। ମୁଁ ଏଯାବତ୍ ଫିଲ୍ମର ସୁଟିଂ ଆରମ୍ଭ କରିନାହିଁ। ହ୍ୱାଟସ୍‌ଆପ୍‌ରେ ଏଭଳି ମିଛ କାହାଣୀ ତିଆରି କରୁଥିବା ଲୋକେ ଦୟାକରି ବଡ଼ ହୋଇଯାନ୍ତୁ। ନିଜ ଜୀବନ ଉପରେ ଧ୍ୟାନ ଦିଅନ୍ତୁ।' ତେବେ ପ୍ରକାଶରାଜ୍‌ଙ୍କର ଏହି ପୋଷ୍ଟ ପରେ ସେ 'ସ୍ପିରିଟ୍' ଛାଡ଼ି ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଏହା ଆସନ୍ତା ବର୍ଷ ମାର୍ଚ୍ଚ ୫ରେ ପରଦାକୁ ଆସିବ।

# ପ୍ରୋଜେକ୍ଟ 'ଦାମାଦ ଜୀ'



ସାଧାରଣତଃ ବାହାଘର ପୂର୍ବରୁ ନିଜ ପ୍ରେମିକ ତଥା ପ୍ରେମିକାଙ୍କୁ ପରିବାର ସଦସ୍ୟଙ୍କ ସହ ପରିଚିତ କରିବା ବହୁତ କଷ୍ଟକର କାମ। ଏହି କ୍ରମରେ ଜଣେ ଯୁବତୀ ନିଜ ମା'ଙ୍କ ସହିତ ପ୍ରେମିକଙ୍କୁ ପରିଚିତ କରାଇବାର ଏକ ନିଆରା ଉପାୟ ବାହାର କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ବିବାହ ଲାଗି ଯୁବତୀ ଜଣକ ଟେକ୍ନୋଲଜିର ସଠିକ ଉପଯୋଗ କରିଥିବା କୁହାଯାଇପାରେ। ନୋଏଡାର ପ୍ରକୃତି (ଛଦ୍ମ ନାମ) ନାମକ ଏହି ଯୁବତୀ ଜଣକ ପେଶାରେ ଜଣେ ମନସ୍ତତ୍ତ୍ୱବିତ୍। ସେ ତାଙ୍କ ପ୍ରେମିକଙ୍କୁ ନିଜ ମା'ଙ୍କ ପାଖରେ ପରିଚିତ କରିବା ପାଇଁ 'ପ୍ରୋଜେକ୍ଟ ଦାମାଜୀ' ପିପିଟି ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ନେଲେ। ପ୍ରକୃତି ଏନେଇ ନିଜ ମା'ଙ୍କ ସହିତ ଦୀର୍ଘ ଆଳାପ ଆଲୋଚନା କି ଆବେଗପୂର୍ଣ୍ଣ ନିବେଦନ କରିବା ପରିବର୍ତ୍ତେ ଏଭଳି କିଛି କରିବାକୁ ଚିନ୍ତା କଲେ। ପ୍ରେଜେଣ୍ଟେସନ ସ୍ଲାଇଡ୍ ଶୀର୍ଷକରୁ ହିଁ ଆରମ୍ଭ ହୋଇଥିଲା। ଏଥିରେ ଲେଖାଥିଲା 'ପ୍ରୋଜେକ୍ଟ ଦାମାଦ ଜୀ'। ଏହାପରେ ଯେଉଁ ସ୍ଲାଇଡ୍ ଆସିଲା, ସେଥିରେ ସମସ୍ତ ବିବରଣୀ ଥିଲା। ସେଥିରେ ପ୍ରେମିକଙ୍କ ବୟସ, ଶିକ୍ଷାଗତ ଯୋଗ୍ୟତା, ପରିବାର, ବୃତ୍ତି, କ୍ୟାରିୟର ଅନ୍ୟାନ୍ୟ ଜିନିଷ ଯାହା ପିତାମାତାମାନେ ଜାଣିବାକୁ ଇଚ୍ଛା କରନ୍ତି। ଅନ୍ୟପଟେ ଏହାକୁ ଦେଖିବା ପରେ ତାଙ୍କ ମା'ଙ୍କ ପାଖରେ ବି ପ୍ରକୃତିଙ୍କୁ ତାଙ୍କ ଜୀବନସାଥୀଙ୍କ ସମ୍ପର୍କରେ ପଚାରିବାକୁ କିଛି ନ ଥିଲା। କାରଣ ପ୍ରକୃତି ତାଙ୍କ ପ୍ରେମିକଙ୍କ ବାବଦରେ ପିପିଟିରେ ସବୁ କିଛି ଦର୍ଶାଇ ଥିଲେ। ତେବେ ଜୀବନର ଏଭଳି ଏକ ଗୁରୁତ୍ୱ ନିଷ୍ପତ୍ତି ନେଲାବେଳେ ସେ ପ୍ରେମରେ ଅନ୍ଧ ହୋଇ କୌଣସି ଭୁଲ୍ ନିଷ୍ପତ୍ତି ନେଇ ନ ଥିବା ପ୍ରକୃତି ଏହା ମାଧ୍ୟମରେ ତାଙ୍କ ଅଭିଭାବକଙ୍କୁ ଜଣାଇବାକୁ ଚାହୁଁଥିଲେ। ତେବେ ତାଙ୍କ ମା'ଙ୍କୁ ପ୍ରେଜେଣ୍ଟେସନ ଅଜବ ଲାଗିଥିଲେ ବି ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ କଲା ଭଳି ନ ଥିବା ସେ କହିଛନ୍ତି। କାରଣ ପ୍ରକୃତିଙ୍କର ଯେତେବେଳେ କିଛି ବଡ଼ ଘୋଷଣା କରିବାର ଥାଏ, ସେ କିଛି ନିଆରା କରିବାକୁ ଚେଷ୍ଟା କରିଥାନ୍ତି ବୋଲି ତାଙ୍କ ମା' କହିଛନ୍ତି।

# ସୁସ୍ଥ ଶରୀର ଲାଗି ପ୍ରାକୃତିକ ଦିନଚର୍ଯ୍ୟା

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ନିଜର ଯତ୍ନ ନେବାକୁ ଭୁଲି ଯାଉଛନ୍ତି। ବିଳମ୍ବିତ ରାତ୍ରିରେ ଶୋଇବା, ଖାଦ୍ୟରେ ଅନିୟମିତତା, ଘଣ୍ଟା ଘଣ୍ଟା ଧରି ମୋବାଇଲରେ ଅତିବାହିତ କରିବା ସହ ଚାପରେ ରହୁଥିବାର ଦେଖାଯାଉଛି। ଏସବୁର ପ୍ରଭାବ ଧୀରେ ଧୀରେ ଶରୀର ଉପରେ ପଡ଼ିଥାଏ। ଏଭଳି ସ୍ଥିତିରେ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ନିଜ ଭିତରେ ପରିବର୍ତ୍ତନ ଆସିପାରିବ। ଏ ଦୃଷ୍ଟିରୁ ପ୍ରାକୃତିକ ଦିନଚର୍ଯ୍ୟାକୁ ଆପାଣାଇବା ଭଲ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଏହି ଦିନଚର୍ଯ୍ୟା ସକାଳୁ ଆରମ୍ଭ ହୋଇଥାଏ। ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା ମନ ଓ ମସ୍ତିଷ୍କ ପାଇଁ ଉପକାରୀ। କାରଣ ଏହି ସମୟରେ ପରିବେଶ ଶାନ୍ତ ଏବଂ ଶୁଦ୍ଧ ରହେ। ସକାଳୁ ଉଠି କିଛି ସମୟ ଚଲାବୁଲା କରିବା, ଯୋଗ, ପ୍ରାଣାୟମ କରିବା ଦ୍ୱାରା ଏହା ଦିନସାରା ଶକ୍ତି ଓ ସକାରାତ୍ମକତା ପ୍ରଦାନ କରିଥାଏ। ଏହି ସମୟ ଦିନଯାକର ଯୋଜନା ପ୍ରସ୍ତୁତି କରିବା ପାଇଁ ଭଲ ସମୟ। ଏହାସହ ଶରୀରର ପ୍ରାକୃତିକ ଆବଶ୍ୟକତାକୁ ସମ୍ମାନ ଦେବା ବି ପ୍ରାକୃତିକ ଦିନଚର୍ଯ୍ୟାର ମୁଖ୍ୟ ଅଂଶ। ଏଥିପାଇଁ ଭୋକ ଲାଗିଲେ ଖାଇବା ଏବଂ ନିଦ ଲାଗିଲେ ଶୋଇବା ଉଚିତ। ଏହାଦ୍ୱାରା ଜଣେ ସୁସ୍ଥ ଜୀବନ ଜିଇଁ ପାରିବେ। କେବଳ ସେତିକି ନୁହେଁ, ସ୍ୱଚ୍ଛତା ଉପରେ ମଧ୍ୟ ଧ୍ୟାନ ଦେବା ଜରୁରି। ନିତିଦିନ ଦୁଇଥର( ଦିନ ଓ ରାତିରେ) ବ୍ରଶ କରିବା, ଗାଧୋଇବା ଏବଂ ପରିଷ୍କାର ପୋଷାକ ପିନ୍ଧିବା ଉଚିତ। ଏହା କେବଳ ଶରୀରକୁ ସୁସ୍ଥ ରଖେ ନାହିଁ, ବରଂ ମନକୁ ପୂର୍ତ୍ତି ରଖେ। ତେଲରେ ହାଲକା ଶରୀରକୁ ମାଲିସ କରିବା ଦ୍ୱାରା ଥକ୍କାପଣ ଦୂର ହୁଏ ଏବଂ ରକ୍ତସଞ୍ଚାର ଠିକ୍ ଭାବେ ହୁଏ। ନିଜକୁ ସମୟ ଦେବାର ଏହା ଏକ ସୁନ୍ଦର ଉପାୟ ବୋଲି କୁହାଯାଉଛି। ଠିକ୍ ସମୟରେ ପୁଷ୍ଟିକର ଖାଦ୍ୟ ଖାଇବା ସହ ତେଲମସଲା ଯୁକ୍ତ ଖାଦ୍ୟ ଠାରୁ ଦୂରରେ ରହିବା ଭଲ। ଠିକ୍ ସମୟରେ ଓ ଠିକ୍ ପରିମାଣରେ ପାଣି ପିଇବା ଉପରେ ବି ଗୁରୁତ୍ୱ ଦେବା ଉଚିତ। ଅନ୍ୟପଟେ ଶାରୀରିକ କାର୍ଯ୍ୟକଳାପ ସହିତ ବିଶ୍ରାମକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେବା ଉଚିତ। ରାତିରେ ୬-୮ ଘଣ୍ଟା ଶୋଇବା ଦରକାର।




# ଆଜିର ଇତିହାସ

- ୧୭୩୬- ନାଦିର ଶାହା ପ୍ରାନ୍ସର ଶାସକ ହେଲେ।
- ୧୮୦୯ - ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଜନ୍ମ।
- ୧୮୨୪- ଆର୍ଯ୍ୟ ସମାଜର ସଂସ୍ଥାପକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ।
- ୧୯୨୨- ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ଘୋଷଣା କଲେ।
- ୧୯୪୬- କଲିକତାରେ ଦଙ୍ଗାରେ ୧୪ ଜଣଙ୍କ ମୃତ୍ୟୁ।
- ୧୯୯୯ - ବିହାରରେ ରାଷ୍ଟ୍ରପତି ଶାସନ ଲାଗୁ।
- ୨୦୧୩- ଉତ୍ତର କୋରିଆ ତୃତୀୟ ଭୂମିଗତ ପରମାଣୁ ପରୀକ୍ଷା କଲା।

# ଆଖିରେ ଟାଟୁ

ଯୁବପିଢ଼ିଙ୍କ ମଧ୍ୟରେ ଟାଟୁ ନିଶା ଦିନକୁ ଦିନ ବଢ଼ି ଚାଲିଛି। ନିକଟରେ ଜଣେ ଯୁବତୀ ଆଖିରେ ଟାଟୁ କରି ସଭିଙ୍କୁ ଚକିତ କରିଛନ୍ତି। ତେବେ ଅରୋରା ଏରିନା ନାମ୍ନୀ ୨୮ ବର୍ଷୀୟା ଯୁବତୀ ଆଖିରେ ଟାଟୁ କରି ଏବେ ଚର୍ଚ୍ଚାରେ। ସେ ଟାଟୁ କରିବା ପରେ ତାଙ୍କ ଆଖି ମାଛ ଭଳି ଦେଖାଯାଉଛି। ଏରିନାଙ୍କ କହିବାନୁଯାୟୀ, 'ଆଖିରେ ଟାଟୁ କରିବା ଏକ ଜଟିଳ ପ୍ରକ୍ରିୟା। ଏଥିପାଇଁ ଟାଟୁ କାଳିରେ ପାଣି ମିଶାଇ ପ୍ରଥମେ ଏହାକୁ ପତଳା କରାଯାଏ। ପରେ ଏହାକୁ ଇଞ୍ଜେକସନ୍ ମାଧ୍ୟମରେ ଆଖିରେ ଭର୍ତ୍ତି କରାଯାଏ। ଅବଶ୍ୟ ଏହାକୁ ଆଖିରେ ଖୁବ୍ ସାବଧାନତାର ସହ କରିବାକୁ ପଡ଼ିଥାଏ। ନଚେତ୍ ଏହାଦ୍ୱାରା ଜଣେ ବ୍ୟକ୍ତି ଦୃଷ୍ଟିଶକ୍ତି ହରାଇବା ଆଶଙ୍କା ଥାଏ।' ତେବେ ସେ ଏହି ଟାଟୁ କରିବା ପଛରେ ମଧ୍ୟ ବଡ଼ କାରଣ ରହିଛି। ଦୀର୍ଘ ଦିନ ଧରି ଏରିନା ଅବସାଦରେ ପୀଡ଼ିତ ଥିଲେ। ଅବସାଦରୁ ବାହାରିବା ପାଇଁ ସେ ଏହି ଟାଟୁ କରିଥିବା କହିଛନ୍ତି। ତେଣୁ ସେ ଏତେ ସମ୍ବେଦନଶୀଳ ସ୍ଥାନରେ ଟାଟୁ କରି ପାଶ୍ଚାତାପ କରୁନାହାନ୍ତି ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏରିନାଙ୍କର ୨୫ ହଜାରରୁ ଉର୍ଦ୍ଧ୍ୱ ପ୍ରଶଂସକ ରହିଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କୁ ତାଙ୍କ ଟାଟୁ ଭଲ ଲାଗୁଥିବାବେଳେ ଆଉ କେତେକଙ୍କୁ ଏହା ଖୁବ୍ ଭୟଙ୍କର ଲାଗିଥାଏ।



# ଏମିତି ଗାଁ



ପୃଥିବୀର କୋଣ ଅନୁକୋଣରେ ଅନେକ ଗାଁ ଅଛି। ତନ୍ମଧ୍ୟରୁ କିଛି ଗାଁ ତାର ଅଜବ ପରମ୍ପରା ପାଇଁ ଜଣାଯାଏ। ଏହି କ୍ରମରେ ରାଜସ୍ଥାନ ଚୁରୁ ଜିଲ୍ଲାସ୍ଥିତ ଉଡସର ଗାଁର ଏକ ସ୍ୱତନ୍ତ୍ରତା ରହିଛି। ଏହି ଗାଁରେ କାହାରି ହେଲେ ଦ୍ୱିମହଲା ଘର ନାହିଁ। ଦୀର୍ଘ ୭୦୦ ବର୍ଷ ହେଲାଣି ଏଠାରେ କୌଣସି ଗ୍ରାମବାସୀ ଦ୍ୱିମହଲା ଘର ନିର୍ମାଣ କରିନାହାନ୍ତି। ଏହା ପଛରେ ଏଠାରେ ପ୍ରଚଳିତ ଲୋକବିଶ୍ୱାସ ରହିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, 'ଏହି ଗାଁକୁ ଏକ ଅଭିଶାପ ମିଳିଛି। ଏଥିପାଇଁ ଏଠାରେ କେହି ଦ୍ୱିମହଲା ଘର ନିର୍ମାଣ କଲେ ତାଙ୍କ ପରିବାର ଲୋକଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ।' ସ୍ଥାନୀୟ ଲୋକକଥା ଅନୁସାରେ, ଏହି ଗାଁକୁ ୭୦୦ ବର୍ଷ ତଳେ ଏକ ଅଭିଶାପ ମିଳିଥିଲା। ସେବେଠାରୁ ଏହି ଗାଁର କୌଣସି ବାସିନ୍ଦା ଏଠାରେ ଦ୍ୱିମହଲା ଘର ନିର୍ମାଣ କରିବାକୁ ସାହସ ଜୁଟାଇ ପାରନ୍ତି ନାହିଁ। ୭୦୦ ବର୍ଷ ପୂର୍ବେ ଏଠାରେ ଭୋମିୟା ନାମରେ ଜଣେ ବ୍ୟକ୍ତି ରହୁଥିଲେ। ସେ ଜଣେ ଗୋଭକ୍ତ ଥିଲେ। ଏକଦା ଗାଁରେ ଚୋର ପଶି ଗୋରୁଗାଈଙ୍କୁ ଚୋରାଇ ନେଉଥିବା ଭୋମିଆ ଜାଣିବାକୁ ପାଇଥିଲେ। ଏହାପରେ ଭୋମିୟା ଚୋରଙ୍କ ସହ ଏକାକି ଲଢ଼ିଥିଲେ। ଚୋରମାନେ ତାଙ୍କୁ ମାରି ଲହୁ ଲୁହାଣ କରି ଦେଇଥିଲେ। କୌଣସିମତେ ସେ ଚୋରଙ୍କଠାରୁ ଖସିଯାଇ ଶ୍ୱଶୁର ଘରେ ପହଞ୍ଚି ଦ୍ୱିମହଲାରେ ଲୁଚିଗଲେ। ହେଲେ ଚୋରମାନେ ତାଙ୍କ ପିଛା କରି ସେହି ସ୍ଥାନରୁ ମଧ୍ୟ ତାଙ୍କୁ ଧରି ନେଇଥିଲେ। ଏହାପରେ ତାଙ୍କୁ ଏବଂ ତାଙ୍କ ଶ୍ୱଶୁରଘର ଲୋକଙ୍କୁ ଚୋରମାନେ ମାଡ଼ ମାରିଥିଲେ। ଭୋମିୟା ଆଘାତ ସତ୍ତ୍ୱେ ଚାରିଜଣ ଚୋରଙ୍କ ସହ ଲଢ଼ିଥିଲେ। ଶେଷରେ ଚୋରମାନେ ତାଙ୍କ ଗଳା କାଟି ଦେଇଥିଲେ। ସେ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଗାଁର ସୀମାରେ ପହଞ୍ଚିଥିଲେ। ଶେଷରେ ତାଙ୍କ ମୁଣ୍ଡ ଉଡ଼ସର ଗାଁରେ ପଡ଼ିଥିଲା। ଏକଥା ତାଙ୍କ ପତ୍ନୀ ଜାଣିବା ପରେ କ୍ରୋଧିତ ହୋଇ ଗ୍ରାମବାସୀଙ୍କୁ ଅଭିଶାପ ଦେଇଥିଲେ। କୌଣସି ବ୍ୟକ୍ତି ଗାଁରେ ଦ୍ୱିମହଲା ଘର ନିର୍ମାଣ କଲେ ତା ପରିବାରର ବିନାଶ ହେବ ବୋଲି ସେ ଅଭିଶାପ ଦେଇଥିଲେ। ସେବେଠୁ ନେଇ ଅଦ୍ୟାବଧି କୌଣସି ବ୍ୟକ୍ତି ଗାଁରେ ଦ୍ୱିମଲା ଘର ନିର୍ମାଣ କରି ନାହାନ୍ତି। ଏହାର ଆଖପାଖ ଗାଁଗୁଡ଼ିକରେ ଦ୍ୱିମହଲା କୋଠା ରହିଥିଲେ ସୁଦ୍ଧା ଏହି ଗାଁରେ ଏଯାବତ୍ ଏଭଳି ଘର ନାହିଁ। ଗାଁ ମଧ୍ୟରେ ଭୋମିୟାଙ୍କର ଏକ ମନ୍ଦିର ମଧ୍ୟ ତିଆରି କରାଯାଇଛି। ଯଦିଓ ଏହି କାହାଣୀ ପଛରେ କୌଣସି ଐତିହାସିକ ତଥ୍ୟ ମିଳିନାହିଁ ତଥାପି ଶତାଧିକ ବର୍ଷ ଧରି ଗ୍ରାମବାସୀ ଏହି ପରମ୍ପରାକୁ ପାଳି ଆସୁଛନ୍ତି।

# ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ସାହିତ୍ୟ ପ୍ରତି ରୁଚି ବଢ଼ିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ଜମି କ୍ରୟ କରିପାରନ୍ତି। ଲୋକ ସମ୍ପର୍କ ବଢ଼ିବ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଟକି ଥିବା କାର୍ଯ୍ୟ ପୂରା ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ। ଦାନ ଧର୍ମ କରନ୍ତୁ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିପାରେ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ଅତିଥି ସତ୍କାର କରିପାରନ୍ତି।

**ନବୀନ ନିବାସରେ ଦଳର ସୁପ୍ରିମୋଙ୍କୁ ଭେଟିଲେ ଗଞ୍ଜାମ ଜିଲ୍ଲାର ବିଜେଡି ନେତା**

# ପୌର ନିର୍ବାଚନ ନିମନ୍ତେ ସଂଗଠନକୁ ପ୍ରସ୍ତୁତ ରଖ: ନବୀନ



ଭୁବନେଶ୍ୱର,୧୧।୨(ସମିସ): ଆଜି ନବୀନ ନିବାସରେ ଗଞ୍ଜାମ ଜିଲ୍ଲା ବିଜେଡି ନେତାମାନେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଜିଲ୍ଲାରେ ସାଂଗଠନିକ ସ୍ଥିତି, ଚାଷୀ ସମସ୍ୟା ଓ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକ ଦଳର ନେତାମାନଙ୍କୁ ସଂଗଠନକୁ ସୁଦୃଢ଼ କରିବା ଓ ସାଂଗଠନିକ କାର୍ଯ୍ୟକ୍ରମ ଅବ୍ୟାହତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ନବ ଘୋଷିତ ପୌର ପରିଷଦ ମଧ୍ୟରୁ ଗଞ୍ଜାମ ଜିଲ୍ଲା ରେ ସାତ ଗୋଟି ପୌରାଞ୍ଚଳରେ ପ୍ରଥମ କରି ନିର୍ବାଚନ ଅନୁଷ୍ଠିତ ହେବ । ସେହିପରି ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ହାତରେ ଆଉ ମାତ୍ର ବର୍ଷେ ବାକି । ତେଣୁ ଏବେଠୁ ଜିଲ୍ଲା ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବା ଉପରେ ସଭାପତି ଗୁରୁତ୍ୱ ଆରୋପ କରିଛନ୍ତି ।

ଅନ୍ୟପକ୍ଷରେ ମଣ୍ଡି ମାନଙ୍କରେ ଚାଷୀ ମାନଙ୍କ ହଇରାଣ ବିଷୟରେ ବିରୋଧୀ ଦଳ ନେତା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଗଞ୍ଜାମ ଜିଲ୍ଲାର ନେତାମାନେ ଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ବୈଠକରେ ନବ ନିଯୁକ୍ତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ପ୍ରତିହାରୀ, ପୂର୍ବ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ,ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ,ଶ୍ରୀକାନ୍ତ ସାହୁ ଓ ରଂଜିତା ସାହୁ ଙ୍କ ସମେତ ଗଞ୍ଜାମ ଜିଲ୍ଲା ର ୧୩ ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ନେତା ମାନେ ଉପସ୍ଥିତ ଥିଲେ ।

**ବିରିଡ଼ି ହତ୍ୟାକାଣ୍ଡର ଗୁମର ଖୋଲିଲା ପୁଲିସ**

# ଭିଣୋଇ ସହ ମିଶି ମାରିଥିଲା ପ୍ରେମିକା



**ସୋସିଆଲ ମିଡିଆରୁ ପ୍ରେମ ଆରମ୍ଭ; ହତ୍ୟାରେ ଶେଷ**

ଭଦ୍ରକ/ବାରିକପୁର,୧୧।୨(ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ୍ ଫାଣ୍ଡି ଅନ୍ତର୍ଗତ ବିରିଡ଼ିଠାରେ ଘଟିଥିବା ଏକ ହତ୍ୟାକାଣ୍ଡର ଗୁମର ଖୋଲିଛି ପୁଲିସ । ଜଣେ ନାବାଳିକାଙ୍କ ସହିତ ପ୍ରେମ ବ୍ୟାପାରକୁ ନେଇ ଏଭଳି ହତ୍ୟାକାଣ୍ଡ ହୋଇଥିବା ସାମ୍ବାଦିକ ସମ୍ମିଳନୀ ଜରିଆରେ ବୁଧବାର ପୁଲିସ ଉପଖଣ୍ଡ ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି । ନାବାଳିକା ଜଣକ ସମ୍ପୃକ୍ତ ଯୁବକଙ୍କୁ ଡକାଇ ନିଜ ଭିଣୋଇଙ୍କ ଦ୍ୱାରା ହତ୍ୟା କରିଥିବା ଜଣାପଡ଼ିଛି । ଏଥିରେ ଉକ୍ତ ନାବାଳିକାକୁ ତାଙ୍କର ଆଉ ଜଣେ ନାବାଳିକା ସାଙ୍ଗ ସାହାଯ୍ୟ କରିଥିବା ମଧ୍ୟ ପୁଲିସ ପ୍ରକାଶ କରିଛି ।

ସୂଚନା ମୁତାବକ, ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଟାପଡ଼ା ଅଞ୍ଚଳର ଜଗବନ୍ଧୁ ଦାସଙ୍କ ପୁଅ ରଞ୍ଜନ(୨୧) ବେଙ୍ଗାଲୁରୁରେ ଏକ କମ୍ପାନୀରେ ରହି କାର୍ଯ୍ୟ କରୁଥିଲେ । ଏହାରି ଭିତରେ ରଞ୍ଜନ ବିରିଡ଼ି ଅଞ୍ଚଳର ଜନୈକା କଲେଜ ପଢୁଆ ନାବାଳିକାକୁ ପ୍ରେମ କରୁଥିଲେ । ସୋସିଆଲ ମିଡିଆ ଜରିଆରେ ଉଭୟଙ୍କ ସମ୍ପର୍କ ଗଢ଼ି ଉଠିଥିବାବେଳେ ପାଖାପାଖି ୮ରୁ ୧୦ ମାସ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ୨ ମାସ ହେଲା ନାବାଳିକା ଜଣକ ଯୁବକଙ୍କ ସହିତ ପ୍ରେମ ସମ୍ପର୍କରୁ ଦୂରେଇ ଯାଇଥିଲେ । ଗତ ୪ ତାରିଖରେ ରଞ୍ଜନଙ୍କୁ ବେଙ୍ଗାଲୁରୁରୁ ନାବାଳିକା ଜଣକ ଡକାଇଥିବାବେଳେ ଯୁବକ ଜଣକ ବିରିଡ଼ି ଅଞ୍ଚଳରେ ଆସି ପହଞ୍ଚିଥିଲେ । ପରେ ସୂଚନା ପାଇ ନାବାଳିକାଙ୍କ ଭିଣୋଇ ତେସିଙ୍ଗା ଅଞ୍ଚଳର ନୀଳମଣି ଓଝା ମଧ୍ୟ ରଞ୍ଜନ ନିକଟରେ ପହଞ୍ଚି ଯାଇଥିଲେ । ୪ତାରିଖ ପୂର୍ବାହ୍ଣ ପ୍ରାୟ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନିକଟସ୍ଥ ରେଳ ଲାଇନ୍ ପାର୍ଶ୍ୱରେ ଯୁବକଙ୍କ ସହିତ ନାବାଳିକା ଓ ତାଙ୍କ ଭିଣୋଇଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ନାବାଳିକାଙ୍କ ସହପାଠିନୀ ଜଣେ ମଧ୍ୟ ଉପସ୍ଥିତ ଥିଲେ । କଥା କଟାକଟି ମଧ୍ୟରେ ନୀଳମଣି ଉତ୍‌କ୍ଷିପ୍ତ ହୋଇ ରଞ୍ଜନଙ୍କୁ ଏକ ପଥରରେ ଶକ୍ତ ଆଘାତ ଦେଇଥିଲେ । ପରେ ତିନିଜଣଯାକ ମିଶି ତାଙ୍କୁ ଶ୍ୱାସରୁଦ୍ଧ କରି ମାରିଦେଇଥିବା ପୁଲିସ ବୁଧବାର ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛି । ଏନେଇ ମୃତକଙ୍କ ଭିଣୋଇ ସରୋଜ କୁମାର ଦାସ ୫ ତାରିଖ ଦିନ ଅଭିଯୋଗ କରିଥିବାବେଳେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ ହୋଇଥିଲା । ଘଟଣା ଘଟିଥିବା ସ୍ଥାନକୁ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ଯାଇ ଅନୁସନ୍ଧାନ କରିଥିଲା । ପରେ ପୁଲିସ ଅଭିଯୋଗକୁ ଆଧାର କରି ମୁଖ୍ୟ ଅଭିଯୁକ୍ତ ନୀଳମଣିକୁ ଗିରଫ କରି ବୁଧବାର ହତ୍ୟାର ସିନ୍ ରିକ୍ରିଏସନ କରିଥିବାବେଳେ ତାକୁ କୋର୍ଟ ଚାଲାଣ କରିଛି । ହତ୍ୟାରେ ବ୍ୟବହୃତ ହୋଇଥିବା ପଥର, ଦୁଇଟି କଣ୍ଟାଯୁକ୍ତ ଗିଲ କାଠି ଓ ୪ଟି ମୋବାଇଲକୁ ପୁଲିସ ଜବତ କରିଛି । ଏଥିରେ ସମ୍ପୃକ୍ତ ଥିବା ୨ ନାବାଳିକାଙ୍କୁ ମଧ୍ୟ ଥାନା ପକ୍ଷରୁ ବାଳ ଅପରାଧ କୋର୍ଟରେ ହାଜର କରିବ ବୋଲି ସୂଚନା ଦିଆଯାଇଛି । ଘଟଣାରେ ଆଉ କେହି ସମ୍ପୃକ୍ତ ଅଛି କି ନାହିଁ ସେନେଇ ଅଧିକ ତଦନ୍ତ ହେଉଥିବା ଜଣାପଡ଼ିଛି । ପୁଲିସ ଏନେଇ ହତ୍ୟା ମାମଲା(ନଂ ୬୦/୨୫ରେ) ରୁଜୁ କରିଥିବାବେଳେ ସନ୍ଧ୍ୟାରେ ଅଭିଯୁକ୍ତ ଭିଣୋଇକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକାଦ୍ୱୟଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ହୋମ୍‌କୁ ପଠାଯାଇଥିବା ଜଣାଯାଇଛି । ଘଟଣାଟି ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଯୁବକଙ୍କୁ ଦଳିଦେଲା ଦନ୍ତା

ସମ୍ବଲପୁର,୧୧।୨(ସମିସ): ଦନ୍ତା ଆକ୍ରମଣରେ ଗତ ୩ ଦିନ ଭିତରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଜି ସମ୍ବଲପୁର ବନଖଣ୍ଡ ପଡ଼ିଆବାହଲ ରେଞ୍ଜ ହତ୍ରିଯାବାହଲ ମହଲିଙ୍ଗ ପଡ଼ାରେ ପ୍ରେମାନନ୍ଦ ଓରାମଙ୍କୁ ( ୩୯) ଏକ ଦନ୍ତା ଦଳି ଦେଇଛି । ଭୋର ପ୍ରାୟ ୫ଟାରେ ଶୌଚ ହେବା ପାଇଁ ଯାଇଥିବା ସମୟରେ ସେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ପଡ଼ିଆବାହାଲ ରେଞ୍ଜର ସୁନୀଲ ଖିଲାରି କହିଛନ୍ତି ଯେ, ବନବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇବାରେ ନିୟୋଜିତ ଥିଲେ । ସକାଳେ ହାତୀ ଜଙ୍ଗଲକୁ ଫେରିବା ସମୟରେ ଓରାମ ହଠାତ୍ ସାମ୍ନାକୁ ଆସିଯାଇଥିଲେ । ଏହି ଘଟଣାରେ ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ସରକାରୀ ସହାୟତା ଦିଆଯିବ ବୋଲି ରେଞ୍ଜର କହିଛନ୍ତି ।

ସୂଚନାଯୋଗ୍ୟ, ଗତ ସୋମବାର ସମ୍ବଲପୁର ସଦର ରେଞ୍ଜ ଝାଙ୍କରପାଲି ସେକ୍ସନ ଅଧୀନ ଡୁମେରଚୁଆଁ-ମୁଣ୍ଡର ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ହାଲିପାଲି ଗ୍ରାମର ପଞ୍ଚାନନ ପାଇକ (୩୮)ଙ୍କ ମୃତ୍ୟୁ ଘଟିଥିଲା । ଏହାସହ ଝାଙ୍କରପାଲି ପଞ୍ଚାୟତ ରସିଆପାଲିର ସୁକାନ୍ତି ପ୍ରଧାନ (୬୬) ଗୁରୁତର ହୋଇଥିଲେ । ୬ ଜଣ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣ କରିଥିଲା ।

**ମଣ୍ଡିରେ ଅଚଳାବସ୍ଥା ଜାରି**

# ୧୭ରେ ବିଧାନସଭା ଘେରିବ ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର, ୧୧।୨(ସମିସ): ଧାନ ବିକ୍ରି କରିବା ପାଇଁ ଚାଷୀ ହଇରାଣ ହେଉଛି । ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଥିବାବେଳେ କଟନିଛଟନି ସେମାନଙ୍କ ମେରୁଦଣ୍ଡ ଭାଙ୍ଗୁଛି । ଚାଷ ହୋଇଥିବା ଜମି ଅନୁଯାୟୀ ସରକାର ଟୋକନ୍ ପ୍ରଦାନ କରୁ ନାହାନ୍ତି । ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଚାଷୀଙ୍କ ମାଳମାଳ ସମସ୍ୟାକୁ ନେଇ ଆସନ୍ତା ୧୭ ତାରିଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦିଆଯାଇଛି ।

ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ ଦୀର୍ଘ ୩ ମାସରୁ ଅଧିକ ସମୟ ହେଲା ମଣ୍ଡିରେ ଅଚଳାବସ୍ଥା ଲାଗି ରହିଛି । ମଣ୍ଡିରେ ଧାନ ପକାଇ ଚାଷୀମାନେ ରାତିସାରା ବସି ରହୁଥିଲେ ମଧ୍ୟ ସଠିକ୍ ସମୟରେ ଧାନ ଉଠୁନାହିଁ । ଅନେକ ଚାଷୀଙ୍କୁ ଅଧା ଜମି ଅନୁଯାୟୀ ଟୋକନ୍ ଦିଆଯାଇଥିବାବେଳେ ଚାଷ ହୋଇଥିବା ଅନେକ ପ୍ଲଟ୍‌କୁ ସାଟେଲାଇଟ୍ ସର୍ଭେ ଆଳରେ ବାଦ୍ ଦିଆଯାଇଛି । ଏଫ୍‌ଏକ୍ୟୁ ନାମରେ କୁଇଣ୍ଟାଲ୍ ପିଛା ୧୨ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରାଯାଉଛି । ୧୫୦ କୁଇଣ୍ଟାଲରୁ ଅଧିକ ଧାନ ହେଲେ ଇନ୍‌ପୁଟ୍ ସହାୟତା ମିଳିବନି ବୋଲି ଯୋଗାଣ ମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ।

# ଗୋଚର ଜମି ସାଧାରଣ ହିତରେ ଲାଗି ପାରିବ: ହାଇକୋର୍ଟ

କଟକ,୧୧।୨(ସମିସ): ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୭୧ ଅନୁଯାୟୀ ଗୋଚର ଜମି ଗ୍ରାମ ଶାସନ ଅଧୀନରେ ଆସେ ନାହିଁ । ଏହା ରାଜସ୍ୱ ବିଭାଗର ସମ୍ପତ୍ତି ଏବଂ ସରକାର ଏହାକୁ ସାଧାରଣ ହିତ ପାଇଁ ବ୍ୟବହାର କରିପାରିବେ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ନୂଆପଡ଼ା ଜିଲ୍ଲା ଧରମପୁର ଗ୍ରାମରେ ଗୋଚର ଜମିରେ ଟ୍ରକ୍ ଟର୍ମିନାଲ ନିର୍ମାଣକୁ ବିରୋଧ କରି ମାଧବ ମାଝୀ ଓ ଆଉ ଜଣଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅନ୍ତର୍ଗତ ଧରମପୁର ଗ୍ରାମର ପ୍ରାୟ ୮ ଏକର ଗୋଚର ଜମିରେ ଗ୍ରାମ ଶାସନର ଅନୁମତି ବିନା ଏବଂ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ଉପେକ୍ଷା କରି ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯାଉଛି ବୋଲି ଆବେଦନରେ ଦର୍ଶାଯାଇଥିଲା ।

**ମହଙ୍ଗା ପଡ଼ିଲା ଚାକିରି ପ୍ରଲୋଭନ ଦେଖାଇ ଟଙ୍କା ହଡ଼ପ ମାମଲା**

# ନିଲମ୍ବିତ ହେଲେ ପୁଲିସ କର୍ମଚାରୀ

କଲମପୁର,୧୧।୨(ସମିସ): ଚାକିରି କରେଇ ଦେବା ପାଇଁ ଜଣେ ମାଛ ବେପାରୀଙ୍କଠାରୁ ପ୍ରାୟ ଦଶ ଲକ୍ଷ ଟଙ୍କା ନେବା ଜଣେ ପୁଲିସ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି । ମାମଲା ଦାୟର ହେବାପରେ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ଏସପି ନିଲମ୍ବନ କରିଛନ୍ତି । ସୂଚନା ଅନୁସାରେ କଲମପୁର ଥାନା ଅଧୀନ ବୋଦେଲବନ୍ଧ ଗ୍ରାମର ଭୋଳାନାଥ ତେଜି ମାଛ ବ୍ୟବସାୟ କରନ୍ତି । ଏମିତି ଯିବା ଆସିବା ଭିତରେ ଥୁଆମୂଳ ରାମପୁର ଥାନାରେ ନିୟୋଜିତ ଆଇଆରବି କନଷ୍ଟେବଳ ଦିଲୀପ ବାଗଙ୍କ ସହିତ ପରିଚୟ ହୋଇଥିଲା । ପୁଲିସ ସହିତ ବନ୍ଧୁତା ହେବାପରେ ଦୁଃଖସୁଖ ହେବା ଆରମ୍ଭ ହେଲା । ଏହି ସମୟ ଭିତରେ ଭୋଳାନାଥ ନିଜ ପୁଅ ବାବଦରେ କଥାହୋଇ ଚାକାରି କରାଇଦେବାକୁ କହିଥିଲେ । ଏହାପରେ କନଷ୍ଟେବଳ ଦିଲୀପ ବାଗ ହର୍ଟିକଲଚର ବିଭାଗରେ ଚାକିରି କରେଇ ଦେବି ବୋଲି କହି ପଇସା ପତ୍ର ଯୋଗାଡ଼ କରିବାକୁ କହିଥିଲେ । ଭୋଳାନାଥ ପଇସା ପତ୍ର ଯୋଗାଡ କରି କନଷ୍ଟେବଳ ଦିଲୀପ ବାଗଙ୍କୁ ଦେବା ଆରମ୍ଭ କରିଥିଲେ । ୪୫ କିସ୍ତିରେ ଭୋଳାନାଥ କନଷ୍ଟେବଳଙ୍କୁ ନଅ ଲକ୍ଷ ଟଙ୍କା ଦେଇ ସାରିଥିଲେ । କିଛିଦିନ ପରେ କନଷ୍ଟେବଳ ଦିଲୀପ ବାଗଙ୍କ ବଦଳି ଥୁଆମୂଳ ରାମପୁର ଠାରୁ ଆମପାଣି ଥାନାକୁ ବଦଳି ହୋଇଗଲା । କିନ୍ତୁ ଭୋଳାନାଥଙ୍କ ପୁଅର ଚାକିରି ହେଲା ନାହିଁ । ଏହାପରେ ଭୋଳାନାଥଙ୍କ କନଷ୍ଟେବଳଙ୍କ ଉପରେ ସନ୍ଦେହ ହେଲା । ଚାକିରି କରେଇ ଦିଅ ନହେଲେ ପଇସା ଫେରେଇ ଦିଅ ବୋଲି ଭୋଳାନାଥ ବାରମ୍ବାର କହିଥିଲେ । ପରେ କନଷ୍ଟେବଳ ଜଣକ ଫୋନ ନ ଉଠାଇବାରୁ ତାଙ୍କ ପାଖକୁ ଦୌଡ଼ିଲେ । ଏମିତିକି ଆମପାଣି ଓ କଲମପୁର ପୁଲିସ ପାଖକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଭୋଳାନାଥଙ୍କ କଥା କେହି ଶୁଣିନଥିଲେ । ସବୁଆଡ଼ୁ ନିରାଶ ହେବାପରେ ସେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ଆମପାଣି ପୁଲିସ ପାଖକୁ ଯାଇଥିଲେ ବି ସେଠାରେ ମାମଲା ରୁଜୁ ପାଇଁ ମନାକଲେ । ସେଠାରୁ ସେମାନେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ଗଲେ । ଆରକ୍ଷୀ ଅଧିକ୍ଷକ ଅନୁପସ୍ଥିତରେ ସେଠାରେ ଥିବା ସହାୟତା କେନ୍ଦ୍ରରେ ଲିଖିତ ଅଭିଯୋଗ କରି ଫେରି ଆସିଲେ । ପରେ ପରେ ଏସ୍‌ପିଙ୍କ ନିର୍ଦ୍ଦେଶ ପାଇ କଲମପୁର ଥାନା ଅଧିକାରୀ ମାମଲା ପଞ୍ଜିକୃତ କଲେ । ଉଭୟ ପକ୍ଷକୁ ଡାକି ତଦନ୍ତ ପରେ କଲମପୁର ପୁଲିସ ଜାଣିବାକୁ ପାଇଲେ ଯେ ସମ୍ପୃକ୍ତ କନଷ୍ଟେବଳ ଟଙ୍କା ନେଇଛନ୍ତି । ଏହା ଭିତରେ ସେ ଦୁଇଲକ୍ଷ ଟଙ୍କା ମଧ୍ୟ ଫେରାଇଛନ୍ତି । ଏନେଇ ଠକାମୀ ଓ ଧମକଚମକ ମାମଲା ପଞ୍ଜିକୃତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ । କନଷ୍ଟେବଳ ଅବଶିଷ୍ଟ ଟଙ୍କା ଫେରାଇ ଦେବାକୁ ଆଉ କିଛି ସମୟ ମାଗିଥିଲେ, କିନ୍ତୁ ଧାର୍ଯ୍ୟ ସମୟରେ ଦେଇ ନ ପାରିବାରୁ ତାଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି ।

**■ ଅନୁମତିଠାରୁ କମ ଖଣିଜ ଦ୍ରବ୍ୟ ଉତ୍ତୋଳନ ପ୍ରସଙ୍ଗ**

# ନିୟମର ପାଳନ ପାଇଁ ସରକାରଙ୍କୁ ୩ ମାସର ସମୟ

କଟକ,୧୧।୨(ସମିସ): ଖଣିଗୁଡ଼ିକରୁ ଅନୁମତି ଅନୁସାରେ ଉପଯୁକ୍ତ ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯାଉ ନଥିବା କାରଣରୁ ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟୁଥିବାରୁ ଦାୟର ମାମଲାରେ ହାଇକୋର୍ଟ ୨୦୧୬ର ମିନେରାଲ କନସେସନ ରୁଲ୍ (ଖଣିଜ ରିହାତି ନିୟମ) ଧାରା ୧୨(୧)(ଇଇ)କୁ କଡାକଡି ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଯେଉଁ ଲିଜଧାରୀଙ୍କ କ୍ଷେତ୍ରରେ ଅନୁମତିଠାରୁ କମ ଖଣିଜ ଦ୍ରବ୍ୟ ଉତ୍ତୋଳନ ହେଉଛି ସେଠାରେ ଏନଏମଡିସି (ନ୍ୟାସନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ) ମାଧ୍ୟମରେ ଉତ୍ତୋଳନ ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ଗତ ଜାନୁଆରୀ ୨୯ରେ ନିର୍ଦ୍ଦେଶ ଦେଇଥିଲେ । ତେବେ ନିୟମାବଳୀ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇ ନଥିବାରୁ ସରକାର ତତ୍ପରତା ପ୍ରକାଶ କରିବା ନେଇ ଆଶଙ୍କା ରହିଛି ବୋଲି ଦର୍ଶାଇ ଆବେଦନକାରୀ ଏକ ଅନ୍ତରୀଣ ଆବେଦନ କରିଥିଲେ । ଯାହାର ଆଜି ଶୁଣାଣି କରି ଉକ୍ତ ନିୟମାବଳୀକୁ ଆସନ୍ତା ୩ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଗତ ୨୯ ତାରିଖର ଆଦେଶକୁ ସାମାନ୍ୟ ପରିବର୍ତ୍ତନ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଟିଜେନ୍ସ ଆକ୍ସନ ଫୋରମ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାରୁ ପ୍ରକାଶ ଯେ ରାଜ୍ୟରେ ୬୩ଟି ବୈଧ ଲୁହା ପଥର ଖଣିରୁ ପରିବେଶ ମଞ୍ଜୁରୀ ଅନୁସାରେ ବାର୍ଷିକ ପ୍ରାୟ ୨୪୬ ମିଲିୟନ ଟନ୍ ଆଇରନ୍ ଓର୍ ଉତ୍ପାଦନ କରାଯିବା କଥା କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୧୫୯ ମିଲିଅନ ଟନ ଖଣିଜଦ୍ରବ୍ୟ ଏହି ସବୁ ଖଣିରୁ ଉତ୍ପାଦନ କରାଯାଇଛି ।

# ଆଇଏଏସସ୍ତରରେ ଅଦଳବଦଳ

**■ ଭୁପେନ୍ଦ୍ର ପୁନିଆଙ୍କୁ କ୍ରୀଡ଼ା ବିଭାଗର ଅତିରିକ୍ତ ଦାୟିତ୍ୱ**
**■ ପ୍ରଶାନ୍ତ ରେଡ୍ଡୀ ଇଡ୍‌କୋ ଏମ୍‌ଡି, ରଶ୍ମିତା ଏମ୍‌ଏସ୍‌ଏମ୍‌ଇ ସଚିବ**

ଭୁବନେଶ୍ୱର,୧୧।୨(ସମିସ): ରାଜ୍ୟ ସରକାର ବୁଧବାର ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୦୮ ବ୍ୟାଚର ଆଇଏଏସ ଭୁପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ସହିତ ଗତ ୫ ତାରିଖରେ ଆଇଏଏସ ସଚିନ ରାମଚନ୍ଦ୍ର ଯାଦବଙ୍କୁ ରାଜ୍ୟ ସରକାର କ୍ରୀଡ଼ା ବିଭାଗର ଅତିରିକ୍ତ ଦାୟିତ୍ୱ ନିର୍ଦ୍ଦେଶ ରଦ୍ଦ ହୋଇଛି । ଅନୁରୂପ ଭାବରେ ୨୦୦୯ ମସିହା ବ୍ୟାଚର ଆଇଏଏସ ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ଇଡକୋର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ, ୨୦୧୦ ବ୍ୟାଚର ଆଇଏଏସ ରଶ୍ମିତା ପଣ୍ଡାଙ୍କୁ ଏମଏସଏମଇ ବିଭାଗର କମିଶନର ତଥା ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି । ସେ ଅତିରିକ୍ତ ଭାବେ ଓରସାକର ସିଇଓ ଓ ଷ୍ଟାର୍ଟ ଅପ ଓଡ଼ିଶାର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଜାରି ରଖିବେ । ଗତ ୫ ତାରିଖରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ସହ ଅତିରିକ୍ତ ଭାବେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ପ୍ରଦାନ କରିଥିଲେ । ମାତ୍ର ପୂର୍ବୋକ୍ତ ନିର୍ଦ୍ଦେଶକୁ ଆଜି ରଦ୍ଦ କରାଯାଇଛି । ୨୦୧୨ ମସିହା ବ୍ୟାଚର ଆଇଏଏସ ସୁରେନ୍ଦ୍ର କୁମାର ମୀନାଙ୍କୁ ସିଏମଜିଆଇର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହାକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ୨୦୧୫ ବ୍ୟାଚର ଆଇଏଏସ ଆବୋଲି ସୁନୀଲ ନରଭଣେଙ୍କୁ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବରୁ ଏହି ଦାୟିତ୍ୱ ଭୁପେନ୍ଦ୍ର ସିଂ ପୁନିଆଙ୍କୁ ଦିଆଯାଇଥିବା ବେଳେ ଶ୍ରୀ ନରଭଣେ ଦାୟିତ୍ୱ ନେବା ପରେ ସେ ଦାୟିତ୍ୱ ମୁକ୍ତ ହେବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ଭାରତ ବନ୍ଦ ପାଇଁ ଘୁଞ୍ଚିଲା ଉତ୍କଳର ସେମିଷ୍ଟାର ପରୀକ୍ଷା

ଭୁବନେଶ୍ୱର, ୧୧।୨(ସମିସ): ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଦିନ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି । ଏଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ କରାଯାଇ ନ ଥିଲେ ମଧ୍ୟ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ମହାବିଦ୍ୟାଳୟରେ ଗୁରୁବାର ହେବାକୁ ଥିବା +୩ ତୃତୀୟ ସେମିଷ୍ଟାର ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି । ଆସନ୍ତାକାଲି ହେବାକୁ ଥିବା ଏହି ପରୀକ୍ଷା ଆସନ୍ତା ୧୯ ତାରିଖ ଅପରାହ୍ଣ ୨ ଟାରୁ ୫ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି । ଏନେଇ ସମସ୍ତ ମହାବିଦ୍ୟାଳୟକୁ ମେଲ୍ ମାଧ୍ୟମରେ ଅବଗତ କରାଇ ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି । ସେହିପରି ଏହି ବନ୍ଦକୁ ଓଡ଼ିଶାର ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ପାଚିକା ଓ ସହାୟିକା ସଂଘ ପକ୍ଷରୁ ସମର୍ଥନ ଦିଆଯାଇଛି । ଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ କରିବାକୁ ବିକଳ୍ପ ବ୍ୟବସ୍ଥା କରାଯାଇଛି ।

**■ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଚୟନରେ ଅଂଶଗ୍ରହଣ ପ୍ରସଂଗ**

# ଏନ୍‌ଓସି ପ୍ରଦାନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ନିର୍ଦ୍ଦେଶ

କଟକ,୧୧।୨(ସମିସ): ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପଦ ପାଇଁ ହେବାକୁ ଥିବା ସାକ୍ଷାତକାର ତଥା ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଆବେଦନକାରୀ ଡ. ସଦାନନ୍ଦ ନାଏକଙ୍କୁ ଆବଶ୍ୟକୀୟ ନୋ ଅବଜେକ୍ସନ ସାର୍ଟିଫିକେଟ(ଏନଓସି) ଏବଂ କ୍ଲିୟରାନ୍ସ ସାର୍ଟିଫିକେଟ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଆସନ୍ତା ତିନି ଦିନ ମଧ୍ୟରେ ଆବେଦନକାରୀଙ୍କୁ ଉକ୍ତ ପ୍ରମାଣପତ୍ର ପ୍ରଦାନ କରାଯିବ ଯାହାଫଳରେ ସେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ । ଡ.ନାୟକଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପଦ ପାଇଁ ଡ. ନାୟକ ଆବେଦନ କରିଥିଲେ । ଆସନ୍ତା ଫେବୃଆରୀ ୧୬ରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ସର୍ଚ୍ଚ-କମ-ସିଲେକ୍ସନ କମିଟି ସହିତ ତାଙ୍କର ସାକ୍ଷାତକାର ଧାର୍ଯ୍ୟ ହୋଇଛି । ନିୟମ ଅନୁଯାୟୀ ସାକ୍ଷାତକାର ପୂର୍ବରୁ ନିଜ ନିଯୁକ୍ତିଦାତାଙ୍କଠାରୁ ଏନଓସି ଏବଂ କୌଣସି ଅଭିଯୋଗ ବିଚାରଧୀନ ନଥିବା ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ । ତେବେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏନଓସି ପାଇଁ ଆବେଦନ କରିଥିଲେ ସୁଦ୍ଧା ତାଙ୍କ ବିରୋଧରେ କିଛି ଅଭିଯୋଗ ନଥାଇବି ଏହି ପ୍ରମାଣପତ୍ର ଦିଆଯାଇ ନଥିଲା । ପୂର୍ବରୁ ମଧ୍ୟ ଏନଓସି ଅଭାବରୁ ସେ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଚୟନ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିଲେ ବୋଲି ଅଭିଯୋଗ କରିଥିଲେ । ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶୁତୋଷ ସାହୁ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଡି.କେ ସାହୁ ପକ୍ଷ ରଖିଥିଲେ ।

# ସାଇବର ଅପରାଧ ମୁକାବିଲା ପାଇଁ ଅତିରିକ୍ତ ୨୦ ଥାନା ଖୁବଶୀଘ୍ର

**■ ପୁଲିସ ମୁଖ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା**
**■ ବେନାମୀ ବ୍ୟାଙ୍କ ଖାତା ଓ ସିମ କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

କଟକ,୧୧।୨(ସମିସ): ରାଜ୍ୟରେ ବଢୁଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୁଲିସ ପ୍ରସ୍ତୁତ କରିଛି ବ୍ଲୁ ପ୍ରିଣ୍ଟ । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମାନ ନିଆଯାଇଛି । ରାଜ୍ୟର ୨୦ଟି ପୁଲିସ ଜିଲ୍ଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଖୁବଶୀଘ୍ର ଏହି ଥାନାଗୁଡ଼ିକୁ ଉଦଘାଟନ କରାଯାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବ । ସିଇଆଇଆର ପୋର୍ଟାଲ ମାଧ୍ୟମରେ ଚୋରି ହୋଇଥିବା ମୋବାଇଲ ଫୋନ ଟ୍ରାକିଂ, ବେନାମୀ ବ୍ୟାଙ୍କ ଖାତା ଓ ବେନାମୀ ସିମ କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଉପରେ ବୈଠକରେ ଆଲୋଚନା କରାଯାଇଛି । ସେହିଭଳି କ୍ରାଇମବ୍ରାଞ୍ଚର ତତ୍ତ୍ୱାବଧାନରେ ଚଳିତ ମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡ୍ରାଇଭ ଆୟୋଜନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ବର୍ତ୍ତମାନ ୧୪ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା କାର୍ଯ୍ୟ କରୁଛି । ଏହି ସାଇବର ଥାନାଗୁଡ଼ିକର କାର୍ଯ୍ୟଶୈଳୀ ଓ ସାଇବର ଅପରାଧ ନିୟନ୍ତ୍ରଣ ପଦକ୍ଷେପ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା । ସାଇବର ଥାନାଗୁଡ଼ିକର ଭିତ୍ତିଭୂମି ମଜବୁତ କରିବା, ଅତ୍ୟାଧୁନିକ ସଫ୍ଟୱେୟାର ଓ ହାର୍ଡୱେୟାର କ୍ରୟ, ଆବଶ୍ୟକ କର୍ମଚାରୀ ନିୟୋଜନ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ., ଆଇଜିପି (ଟ୍ରେନିଂ, ବିପିଏସପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଏସପିମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।




# ୧୬ରେ ସର୍ବଦଳୀୟ ବୈଠକ

**■ ଗୃହ ସୁରୁଖୁରୁରେ ଚାଲିବା ପାଇଁ ସହଯୋଗ ଲୋଡ଼ିବେ ବାଚସ୍ପତି**
**■ ସନ୍ଧ୍ୟାରେ ବସିବ ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ**

ଭୁବନେଶ୍ୱର,୧୧।୨(ସମିସ): ଆସନ୍ତା ୧୭ ତାରିଖରୁ ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେସନ ତଥା ବଜେଟ ଅଧିବେଶନ ଆରମ୍ଭ ହେବ । ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୬ ତାରିଖ ପୂର୍ବାହ୍ଣ ସାଢ଼େ ୧୧ଟାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ୧୧ଜଣ ନେତୃବୃନ୍ଦ ସାମିଲ ରହିବେ । ଏହି ଅବସରରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି ଅନୁଷ୍ଠିତ ହେବାକୁ ଥିବା ବଜେଟ ଅଧିବେଶନ କିଭଳି ଶୃଙ୍ଖଳିତ ଓ ସୁରୁଖୁରୁରେ ଚାଲିବ ତାହା ଉପରେ ବିସ୍ତୃତ ଆଲୋଚନା ହେବ ।

ସୂଚନା ଅନୁଯାୟୀ, ସର୍ବଦଳୀୟ ବୈଠକରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧ ସିଂହଦେଓ, ସଂଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର ଏବଂ ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଉପସ୍ଥିତ ରହିବାକୁ ବାଚସ୍ପତିଙ୍କ ଦପ୍ତରରୁ ଅନୁରୋଧ କରାଯାଇଛି ।

ଅପରପକ୍ଷେ ୧୬ ତାରିଖ ସନ୍ଧ୍ୟା ୫ଟା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଆସନ୍ତା ଅଧିବେଶନରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି । ସେହିପରି ୧୬ ତାରିଖ ସନ୍ଧ୍ୟାରେ କଂଗ୍ରେସ ମଧ୍ୟ ନିଜ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବା ପାଇଁ ରଣନୀତି ଚୂଡ଼ାନ୍ତ କରିବ ବୋଲି ଦଳୀୟ ବିଧାୟକ ଅଶୋକ ଦାସ ସୂଚନା ଦେଇଛନ୍ତି ।

### ଅବକାରୀ ବିଭାଗର ସମୀକ୍ଷା ବୈଠକ

# ମାଦକ ଦ୍ରବ୍ୟ ଚାଲାଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ନୂଆପଡ଼ା, ୧୧।୨(ସମିସ)



ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଅବକାରୀ ବିଭାଗର କାର୍ଯ୍ୟାବଳୀ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରୁ ଜଣାଗଲାଯେ ୨୦୨୬ରେ ଗତବର୍ଷ ତୁଳନାରେ ଅପରାଧିକ ମାମଲା ଚିହ୍ନଟ, ଗିରଫ ଓ ଚାର୍ଜସିଟ ଦାଖଲରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଜିଲ୍ଲାପାଳ ରାଜସ୍ୱ ସଂଗ୍ରହ ଉପରେ ଗୁରୁତ୍ୱ ଦେବା ସହିତ ବିଭାଗୀୟ କାର୍ଯ୍ୟକଳାପ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା ପାଇଁ ସୋସିଆଲ ମିଡିଆର ସକ୍ରିୟ ବ୍ୟବହାର ଉପରେ ଜୋର ଦେଇଥିଲେ। ଆଇନ ଅନୁମୋଦିତ ଦଣ୍ଡାଦେଶ ସୁନିଶ୍ଚିତ କରିବା ପାଇଁ ମାମଲାର ସଠିକ ତଦନ୍ତ ଓ ସମୟସୀମା ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଗଞ୍ଜେଇ ଓ କଫସିରପ ଚୋରାଚାଲାଣ ରୋକିବାକୁ ସମନ୍ୱିତ ଓ ଦୃଢ଼ ଅଭିଯାନ ଜାରି ରଖିବା ପାଇଁ ଜିଲ୍ଲାପାଳ ଆହ୍ୱାନ କରିଥିଲେ। ମଦ୍ୟପାନ କରି ଗାଡ଼ି ଚାଳନାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଢାବା ଉପରେ ଚଢ଼ଉ କରିବା ସହ ସମ୍ପର୍କିତ ଅନ୍ୟାନ୍ୟ ବିଭାଗ ସହିତ ସମନ୍ୱୟ ବଢ଼ାଇବାକୁ ସେ ପରାମର୍ଶ ଦେଇଥିଲେ। ଏହାସହିତ ଅଧିକ ମାମଲା ଚିହ୍ନଟ ପାଇଁ ଗୁଇନ୍ଦା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟଦକ୍ଷତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତିମାସ 'ଶ୍ରେଷ୍ଠ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ସଚେତନତା ଶିବିର

**ସିନାପାଲି, ୧୧।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବନ ବିଭାଗ ପକ୍ଷରୁ ନଙ୍ଗଲବୋଡ ଠାରେ ସିନାପାଲି ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ଡିଏଫଓ ଆଜିଜ ଖାନ, ମୁଖ୍ୟବକ୍ତା ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରି ମାଝୀ, ସମ୍ମାନିତ ଅତିଥି ବିଡିଓ କାର୍ମି ଓରାମ, ଉପାଧ୍ୟକ୍ଷା ମୀନା ଘିଭେଲା, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଅଗ୍ନିଶମ ଅଧିକାରୀ ନରେନ୍ଦ୍ର କୁମାର ପ୍ରଧାନ, ମହେନ୍ଦ୍ର ମିଶ୍ର, ନଙ୍ଗଲବୋଡ ସରପଞ୍ଚ ଜଗଦୀଶ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସଚେତନତା ଶିବିର ଉଦ୍ଦେଶ୍ୟ ଉପରେ ନିଜ ନିଜର ମତାମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲରେ ନିଆଁ ନଲଗାଇବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ନିଆଁ ଲାଗିଥିବା ଜାଗାକୁ କଞ୍ଚା ଡାଲପତ୍ର ସାହାର୍ଯ୍ୟରେ ଲିଭାଇବା ସମେତ ଅନେକ ପ୍ରକାରର ସଚେତନତା ବାର୍ତ୍ତା ପ୍ରକାଶ କରି ସଚେତନ କରିଥିଲେ। ନିଆଁ ଆୟତ କରିଥିବା ବିଭାଗୀୟ କର୍ମଚାରୀଙ୍କୁ ସମ୍ମାନିତ କରାଗଲା। ଏହି କାର୍ଯ୍ୟକ୍ରମରେ ଜୟରାମ ମାଝୀ, ନଙ୍ଗଲବୋଡ ସମିତି ସଭ୍ୟ ଡିଙ୍ଗର ମାଝୀ, ମହିଳା, ସ୍କୁଲ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଫରେଷ୍ଟର କନ୍ଦର୍ପ ସୁନାନୀ, ସଂଗ୍ରାମ ପ୍ରଧାନଙ୍କ ସମେତ ଅନେକ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ। ଫରେଷ୍ଟର କନ୍ଦର୍ପ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।




# ରାସ୍ତା ପାଇଁ ହିନସ୍ତା; ଛାତ୍ରଛାତ୍ରୀଙ୍କୁ ଠକିଦେଲା ପ୍ରଶାସନ

**କଳମପୁର, ୧୧।୨(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର+୨ ଓ +୩ କଲେଜ ଛାତ୍ରଛାତ୍ରୀମାନେ କଲେଜ ରାସ୍ତାର ଦୂରାବସ୍ଥାକୁ ନେଇ ଗତ ନଭେମ୍ବର ମାସରେ ରାଜରାସ୍ତାକୁ ଓହ୍ଲାଇ ଥିଲେ। କଲେଜ ଠାରୁ ପିକେଟିଂ କରି ସେମାନେ ବ୍ଲକ କାର୍ଯ୍ୟାଳୟକୁ ଘେରଉ କରିଥିଲେ। ରାସ୍ତା ପ୍ରଶସ୍ତିକରଣ ଓ ମୁକ୍ତ ଶୌଚାଳୟ ବ୍ୟବହୃତରୁ ଲୋକଙ୍କୁ ବିରତ ରଖିବା ସେମାନଙ୍କ ପ୍ରମୁଖ ଦାବି ରହିଥିଲା। ବିଡିଓ ବିଜୟ ମାଣ୍ଡାଙ୍ଗି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଜନର ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିଥିଲେ, ସେ ସମୟରେ ବିଭାଗୀୟ ଯନ୍ତ୍ରୀ କେଦାର ଦାସ ଗୋଟିଏ ଦିନରେ ରାସ୍ତା ପାର୍ଶ୍ୱରେ ଥିବା ଘାସ ଲତା ସଫା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରଛାତ୍ରୀମାନେ ଆଜି କାମ ଆରମ୍ଭ ନ ହେଲେ ଆମେ ବ୍ଲକ ଅଫିସରୁ ହଟିବୁ ନାହିଁ ବୋଲି ଯିଦ ଧରିଥିଲେ,। ଆଜି ନିଶ୍ଚିତ କାମ ଆରମ୍ଭ ହେବ ବୋଲି ଦୃଢ ପ୍ରତିଶ୍ରୁତି ଦେବା ସହିତ ଧାନ କଟା ସରିବା ସାଙ୍ଗେସାଙ୍ଗେ ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହେବ ବୋଲି କହିଥିଲେ। କିନ୍ତୁ ସେହି ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ ପ୍ରତିଶ୍ରୁତିରେ ରହି ଯାଇଛି। ଧାନ ଅମଳ ହୋଇ ପୂନର୍ବାର ଧାନ ରୁଆ ଆରମ୍ଭ ହୋଇ ସାରିଲାଣି କିନ୍ତୁ ରାସ୍ତାର ଅବସ୍ଥା ଯଥା ପୂର୍ବଂ ତଥା ପରଂ ଭାବେ ପଡ଼ି ରହିଛି। ସଂକୀର୍ଣ୍ଣ ରାସ୍ତା ପାଇଁ ବାଟ ଦେବା ନେବା ଅସୁବିଧା ହେବା ସହିତ ରାସ୍ତା ପାର୍ଶ୍ୱରେ ଲତାବୁଦା ଓ ମୁକ୍ତାକାଶ ଶୌଚାଳୟ ଅତିକ୍ରମ କରି ଛାତ୍ରଛାତ୍ରୀମାନେ କଲେଜ ପାଠ ପଢ଼ିବାକୁ ଯାଉଛନ୍ତି, ଦୀର୍ଘ ଦିନ ହେବ ଏମାନଙ୍କ ଏହି ଦାବି ପୂରଣ ହୋଇ ପାରୁନାହିଁ। ଛାତ୍ରଛାତ୍ରୀମାନେ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଏନେଇ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ତୁରନ୍ତ ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଲୋକଙ୍କ ସମସ୍ୟା ଶୁଣ ଓ ସମାଧାନ କରି ବୋଲି ପରାମର୍ଶ ଦେଇଛନ୍ତି, କିନ୍ତୁ ଏଠାରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି।



# ୧୯ରେ ମାଟ୍ରିକ ପରୀକ୍ଷା: ପୂରଣ ହେଲାନି ପ୍ରଧାନଶିକ୍ଷକ ପଦ

**ଭବାନୀପାଟଣା, ୧୧।୨ (ସମିସ):** ଚଳିତମାସ ୧୯ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ପରିଚାଳନାରେ ସଂସ୍କାର ଅଣାଯିବା ବିଷୟରେ ସରକାର ଏତେ ବ୍ୟବସ୍ଥା ହାତକୁ ନେଇଛନ୍ତି ଯେ, ଯୋଗ୍ୟ ଛାତ୍ରଛାତ୍ରୀଙ୍କ ମନକୁ ମଧ୍ୟ ବିଚଳିତ କରୁଛି। ଆସନ୍ତା ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମାଟ୍ରିକ ପରୀକ୍ଷା ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ। ତଥାପି କଳାହାଣ୍ଡି ଜିଲ୍ଲାରେ ଅଧାରୁ ଅଧିକ ହାଇସ୍କୁଲର ପ୍ରଧାନଶିକ୍ଷକ ପଦ ଖାଲିରହିଛି। ବର୍ଷ ପରେ ବର୍ଷ ବିତୁଛି ଅଥଚ ସ୍ଥାୟୀ ପ୍ରଧାନଶିକ୍ଷକ ପଦ ପୂରଣ କାର୍ଯ୍ୟ ସରକାରଙ୍କ ଦ୍ୱାରା ସମ୍ଭବ ହେଉନାହିଁ। କଳାହାଣ୍ଡି ଜିଲ୍ଲାରେ ୧୭୪ଜଣ ପ୍ରଧାନ ଶିକ୍ଷକଙ୍କ ସ୍ଥାନରେ ଅଛନ୍ତି ୫୦ଜଣ। ଅନ୍ୟ ଯେଉଁସବୁ ବିଷୟରେ ଶିକ୍ଷକ ପଦ ଖାଲି ପଡ଼ିଛି ତାହା ଏତେଟା ଫରକ୍ ପଡ଼ିନପାରେ। ତଥାପି ପାଠପଢ଼ାରେ ଗୁରୁତର ବ୍ୟତିକ୍ରମ ଘଟିଛି। ଆସନ୍ତା ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲାରେ ୧୩୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ନୋଡାଲ ସେଣ୍ଟର୍ ୧୪ଟି ବୋଲି ଜଣାପଡ଼ିଛି। ଗୋଟିଏ ଏସଓଏସ୍ସି କେନ୍ଦ୍ରରେ ୨୮୫ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେପଟେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ତିନୋଟି ସ୍କ୍ୱାର୍ଡ। ଜିଲ୍ଲା ପ୍ରଶାସନ ମଧ୍ୟ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିବେ। ଏଆଇ କ୍ୟାମେରା ଠାରୁ ସ୍କ୍ୱାର୍ଡ ବୁଲିବା ଭୟ ବୋର୍ଡ କର୍ତ୍ତୃପକ୍ଷ ଦର୍ଶାଇ ଆସୁଛନ୍ତି। ଅସାଧୁ ଉପାୟରେ ପରୀକ୍ଷା ଦେବା ଏକ ଅପରାଧ। କିନ୍ତୁ ପିଲାଙ୍କ ମନରେ ପାଠ ପଢ଼ାଇବା ଆପେକ୍ଷା ନାନା ପ୍ରକାର ଭୟଜାତ ହେବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏପରିକି ସୋସିଆଲ ମିଡିଆରେ ଭାଇରାଲ ହେଉଛି ଯେ କପି ଧରା ପଡ଼ିଲେ ଜେଲ ଦଣ୍ଡ ଓ ଜରିମାନା ଆଦାୟ ହେବ। କିଏ ଏଭଳି ବାର୍ତ୍ତା ସବୁ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି ତାହାକୁ ବୋର୍ଡ କର୍ତ୍ତୃପକ୍ଷ ତର୍ଜମା କରିବା ଜରୁରୀ। ବିଭିନ୍ନ ସ୍କୁଲରେ ବର୍ଷ ବର୍ଷ ଧରି ବିଷୟ ଅନୁସାରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନଥିବା କାରଣରୁ ଗୁଣାରକ ଶିକ୍ଷାଦାନରେ ଅନ୍ତରାୟ ସୃଷ୍ଟି କରୁଛି। ସେ ଯାହାହେଉ, ବର୍ତ୍ତମାନ ଅନେକ ଖାଲିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି କରାଯାଇଛି। ଏବେ ମଧ୍ୟ ଆବଶ୍ୟକ ତୁଳନାରେ କେତେକ ପଦବୀ ପୂରଣ ହୋଇପାରିନାହିଁ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଏକ୍ସ ରେଗୁଲାର ୧୦୬ ଜଣ ଓ ଦୂର ଶିକ୍ଷାରେ ୩୪ ଜଣ ପରୀକ୍ଷା ଦେବେ ବୋଲି କୁହାଯାଇଛି। ପୂର୍ବରୁ ରାଜ୍ୟ ସରକାର ପ୍ରଧାନ ଶିକ୍ଷକ ପଦବୀ ପୂରଣ କରି ଶିକ୍ଷାର ଦାୟୀତ୍ୱବୋଧକୁ ଉପଲବ୍ଧି କରିଥିଲେ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅଧିକ ଉଜ୍ଜ୍ୱଳମୟ ହୋଇପାରନ୍ତା ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

**୧୭୪ ପ୍ରଧାନଶିକ୍ଷକଙ୍କ ସ୍ଥାନରେ ଅଛନ୍ତି ୫୦**

**ଚଳିତ ବର୍ଷ ପରୀକ୍ଷା ଦେବେ ୨୦୯୬୮ ଛାତ୍ର ଛାତ୍ରୀ**

## ଦୁଇ ବାଇକ ମଧ୍ୟରେ ଧକ୍କା; ୪ ଗୁରୁତର

**ଗୋଲାମୁଣ୍ଡା, ୧୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଖମାରହଳଦୀ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାରେ ଚାରି ବାଇକ ଆରୋହୀ ଗୁରୁତର ହୋଇଥିଲେ। ଗୁରୁତରମାନେ ହେଲେ କୋକସରା ଥାନା ମାଝୀଗୁଡା ଗାଁ ର ଧୁଶାସନ ପୁଞ୍ଜି (୫୦), ଲୋଚନି ପୁଞ୍ଜି (୪୫) ଏବଂ ଚିଚିଆ ଗାଁ ର ସୁଶାନ୍ତ ବାଗ (୨୨) ଓ ଗୋବିନ୍ଦ ଭରାଶଗଡ଼ିଆ (୨୪)। ସୂଚନା ଅନୁସାରେ ଧୁଶାସନ ଓ ଲୋଚନି ଧାମନପୁରରୁ ଏକ ବାହାଘର କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଗାଁକୁ ବାଇକ ଯୋଗେ ଯାଉଥିବାବେଳେ ସୁଶାନ୍ତ ଓ ଗୋବିନ୍ଦ ନିଜ ଗାଁରୁ ଧର୍ମଗଡ଼ ଯାଉଥିବା ବେଳେ ଭାରସାମ୍ୟ ହରାଇ ଧୁଶାସନଙ୍କ ବାଇକକୁ ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ଚାରିଜଣ ବାଇକ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କୁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁଶାନ୍ତ ଓ ଧୁଶାସନର ଗୋଡ଼ ଭାଙ୍ଗି ଅଧିକ ଗୁରୁତର ଥିବାରୁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ଗାୟତ୍ରୀ ଗ୍ରୁପ୍‌ର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧୧।୨(ସମିସ):** ସ୍ଥାନୀୟ ଗାୟତ୍ରୀ ସମୂହ ଅନୁଷ୍ଠାନର ବାର୍ଷିକ ଉତ୍ସବ ଟାଉନ ହଲଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ସୁଧାଂଶୁ ଶେଖର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସିପଲ୍ ଆଦିତ୍ୟ ମୁଣ୍ଡ, ଗାୟତ୍ରୀ ସ୍ମାର୍ଟ ସ୍କୁଲ ଅଧ୍ୟକ୍ଷ ବୁଦ୍ଧଦେବ ସାହୁ, ସରସ୍ୱତୀ ନର୍ସିଂ କଲେଜର ଅଧ୍ୟକ୍ଷ ରଞ୍ଜନ ମେହେର, ନିର୍ଦ୍ଦେଶିକା ଦେବପ୍ରିୟା ଦାସ, ଅନୁଷ୍ଠାନର ମ୍ୟାନେଜମେଣ୍ଟ ଦାୟିତ୍ୱରେ ଥିବା ଉତ୍ତମ ସାହୁ ଓ ଲିଲେଶ ସାହୁ ଉପସ୍ଥିତ ଥିଲେ।

### ■ ବିଧାୟକଙ୍କ ପରସଖୋଲ ସରକାରୀ ବିଦ୍ୟାଳୟ ପରିଦର୍ଶନ

# ଶିଶୁଙ୍କ ବିକାଶରେ ହିଁ ଦେଶର ପ୍ରଗତି

**ନୂଆପଡ଼ା, ୧୧।୨(ସମିସ):** ବିଧାୟକ ଜୟ ଢୋଲକିଆ ପରସଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି। ପୂର୍ବାହ୍ନରେ ବିଧାୟକ ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ସେଠାରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟକ ମଧ୍ୟ ଶିଶୁମାନଙ୍କ ସହ ସମୟ ଅତିବାହିତ କରିବା ସହ ସେମାନଙ୍କ ଗହଣରେ ବେଶ ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରିଥିଲେ। ଆଗକୁ ପରୀକ୍ଷା ଥିବାରୁ ପିଲାମାନେ କିଭଳି କୌଣସି ମାନସିକ ଚାପ ନରଖି ନିର୍ଭୟରେ ପରୀକ୍ଷା ଦେବେ, ସେ ନେଇ ସେ ଗୁରୁମନ୍ତ୍ର ଦେଇଥିଲେ। ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ ଆଜିର ଶିଶୁ କାଲିର ସୁନାଗରିକ। ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ହିଁ ଦେଶ ଓ ଜାତିର ଉନ୍ନତି ନିର୍ଭର କରେ। ତେଣୁ ଶିକ୍ଷା ଓ ସଂସ୍କାର ମାଧ୍ୟମରେ ସେମାନଙ୍କୁ ଗଢ଼ିତୋଳିବା ଆମ ସମସ୍ତଙ୍କର ଦାୟିତ୍ୱ। ବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ଅନୁଧ୍ୟାନ କରିବା ପରେ ବିଧାୟକ ଢୋଲକିଆ ଆଗାମୀ ଦିନରେ ବିଦ୍ୟାଳୟର ସାମଗ୍ରିକ ବିକାଶ ଓ ଉନ୍ନତିକରଣ ପାଇଁ ସରକାରୀ ସ୍ତରରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏକ ପୁରାତନ ତଥା ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ପରସଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ ଯୋଜନାରେ ଅଣଦେଖା କରାଯିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟକୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର ପ୍ରଥମ ପର୍ଯ୍ୟାୟରେ ସାମିଲ କରିବାର ଲକ୍ଷ୍ୟ ଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଆଜି ନୂଆପଡ଼ା ବିଧାୟକ ଜୟ ଢୋଲକିଆ ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏହି ପ୍ରସଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟରେ ତୁରନ୍ତ ସାମିଲ କରିବା ପାଇଁ ଦାବି କରାଯାଇଛି। ପର୍ଯ୍ୟାପ୍ତ ସ୍ଥାନ ଓ ଭିତ୍ତିଭୂମି ଥିବାରୁ ଏହାକୁ ରୂପାନ୍ତରିତ କରି ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ବିଧାୟକଙ୍କ ନିକଟରେ ଦାବିପତ୍ର ଉପସ୍ଥାପନ କରାଯାଇଥିଲା। ବିଧାୟକ ମଧ୍ୟ ଏହି ଦାବିକୁ ଗ୍ରହଣ କରି ବିଦ୍ୟାଳୟର ସାମଗ୍ରିକ ବିକାଶ ଓ ଉନ୍ନତି କରଣରେ ସମ୍ପୂର୍ଣ୍ଣ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।



# ବିକଶିତ ଭି.ବି.ଜୀ.ରାମଜୀ ବ୍ଲକସ୍ତରୀୟ ପ୍ରସ୍ତୁତି

**କର୍ଲାମୁଣ୍ଡା, ୧୧।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ପଞ୍ଚାୟତ ସମିତି ରାଜୀବ ଗାନ୍ଧୀ ସେବା ଭବନଠାରେ ବିକଶିତ ଭାରତ-ଜୀ ରାମ ଜୀ ଆକ୍ଟ ସମ୍ପର୍କୀୟ ବ୍ଲକସ୍ତରୀୟ ପ୍ରସ୍ତୁତି ତଥା ସଂଯୋଜନା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏପିଓ ଲିଜା ବରିହା ଓ ପିଇଓ ବସନ୍ତ ମିଶ୍ର ଯୋଗ ଦେଇ ଶ୍ରମିକମାନଙ୍କୁ ୧୨୫ ଦିନ ର ଗ୍ରାମୀଣ ରୋଜଗାରର ନୂଆ ଗ୍ୟାରେଣ୍ଟି ଉପରେ ଆଲୋଚନା ହୋଇଥିଲା। ବୈଠକରେ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ସ.ମାଲପଡ଼ା ସରପଞ୍ଚ ବରୁଣ ଛତ୍ରିଆ ଅତିଥିଭାବେ ଯୋଗ ଦେଇଥିବାବେଳେ ବୋରପଦର ସରପଞ୍ଚ ସୁବାସ ସାହୁ, ଜୋରାଡ଼ବରା ଖିତିସୁତା ସାହୁ, ରାଜପୁର ସରପଞ୍ଚ କୌଶଲ୍ୟା ରଣା, ପୌରକେଲା ସରପଞ୍ଚ ଯଶୋଶ୍ୱିନୀ ଧରୁଆ, ସାମ୍ବାଦିକ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓମାନେ ଉପସ୍ଥିତ ଥିଲେ। ଡିଇଓ ନରହରି ସାହୁ ସହଯୋଗ କରିଥିଲେ।




# ହାଇଦ୍ରାବାଦରେ ପୁଣି ଦାଦନ ଶ୍ରମିକଙ୍କ ମୃତ୍ୟୁ

**କୋକସରା, ୧୧।୨(ସମିସ):** ଗତକିଛି ମାସ ମଧ୍ୟରେ ରାଜ୍ୟ ବାହାରରୁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବିଭିନ୍ନ ଗ୍ରାମକୁ ଦାଦନ ଶ୍ରମିକଙ୍କ ମୃତଦେହ ଫେରିଛି। ପୁଣି ଆଉ ଜଣେ ଦାଦନ ଶ୍ରମିକର ମୃତ୍ୟୁ ପରେ ଗାଁକୁ ମୃତଦେହ ଫେରୁଥିବା ନେଇ ସୂଚନା ମିଳିଛି। କୋକସରା ବ୍ଲକ ସଦର ମହକୁମା ପଞ୍ଚାୟତ ଚିଲିଗୁଡା ଗ୍ରାମର ସ୍ୱର୍ଗତ ଲମ୍ବୁ ବାଗଙ୍କ ବଡ଼ ପୁଅ ବସନ୍ତ ବାଗ(୨୧)ଙ୍କ ଗତକାଲି ହାଇଦ୍ରାବାଦ ଠାରେ ମୃତ୍ୟୁ ଘଟିଥିଲା। ଏବେ ତାଙ୍କର ମରଶରୀର ନିଜ ଭିଟାମାଟିକୁ ଫେରୁଥିବାବେଳେ ଖବର ପ୍ରଚାରିତ ପରେ ଚିଲିଗୁଡା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି। ସୂଚନା ଅନୁସାରେ, ଗତ ବର୍ଷେ ତଳେ ରୋଜଗାର ଆଶାରେ ବସନ୍ତ ଘର ଛାଡ଼ି ହାଇଦ୍ରାବାଦ ସହରକୁ ଦାଦନ ଖଟିବାକୁ ଯାଇଥିଲେ। ଏବଂ ସେଠାକାର ଏକ କମ୍ପାନୀରେ ଡ୍ରାଇଭର ଭାବେ କାମ କରୁଥିଲେ। ହେଲେ ଗତକାଲି ତାଙ୍କ ଦେହ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। କମ୍ପାନୀ କର୍ମଚାରୀ ଓ ସାଥି ଶ୍ରମିକ ମାନେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବସନ୍ତର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ବସନ୍ତଙ୍କ ମର ଶରୀର କମ୍ପାନୀ ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଭିଟାମାଟିକୁ ଫେରୁଥିବା ଖବର ମିଳିଛି। ସୂଚନା ଯେ, ବାପାଙ୍କ ମୃତ୍ୟୁ ପରେ ବସନ୍ତ ତାଙ୍କ ମା' ଓ ସାନ ଭାଇଙ୍କୁ ନେଇ ତାଙ୍କ ପରିବାର ରହିଥିଲା। ଘରର ଆର୍ଥିକ ପରିସ୍ଥିତି ହେତୁ ଗାଁରେ ମା' ଓ ସାନ ଭାଇଙ୍କୁ ଛାଡ଼ି ବର୍ଷେ ତଳେ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ତେବେ ବସନ୍ତ ଘରର ଏକମାତ୍ର ରୋଜଗାରକ୍ଷମ ଯୁବକ ଥିଲେ। ଏବେ ତାଙ୍କର ମୃତ୍ୟୁପରେ ପରିବାର ଅସହାୟ ହୋଇଯାଇଛି।



# ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସଯାତ୍ରା

**ଗୋଲାମୁଣ୍ଡା, ୧୧।୨(ସମିସ):** ଶାନ୍ତିକୁଞ୍ଜ ହରି ଦ୍ୱାର ମାଁ ଗାୟତ୍ରୀ ପୀଠଙ୍କ ନିର୍ଦ୍ଦେଶ ଅନୁସାରେ ଲକ୍ଷ୍ମୀବାଇ ମହିଳା ମଣ୍ଡଳ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ ମାନଝରି ପଞ୍ଚାୟତ ଅଧୀନ ଗ୍ରିଣ୍ଡୋଳ ଗ୍ରାମରେ ନବକୁଣ୍ଡିୟ ମାଁ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଯାତ୍ରାରେ ଆଖ ପାଖ ଗାୟତ୍ରୀ ପରିଜନର ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ। ପୂଜକ ପୋଖରୀ ତୁଠ ରେ ମନ୍ତ୍ର ପାଠ ସହ ଜଳପୂର୍ଣ୍ଣ କଳସ ଉଠାଇ ଦେବା ପରେ ମହିଳା ମାନେ ଆଣି ଯଜ୍ଞପୀଠ ରେ ସ୍ଥାପନ କରିଥିଲେ। ହାତିବନ୍ଧା ଗାୟତ୍ରୀ ପୀଠ ର ସଦାନନ୍ଦ ନାମଦେବ ପୂଜକ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସୁବାସ ଅଗ୍ରୱାଲ, ନୃପରାଜ ପ୍ରଧାନୀ, ସାଇଲେସ ଅଗ୍ରୱାଲ, ଗିରିଧାରୀ ତେଜି, ଧନୀରାମ ଭାଟି, ସିମାଞ୍ଚଲ୍ ଭାଟି, ଅଭି ହଂସ, କ୍ଷୀରୋଦ ବନ୍ଦୀଚୋଡ, ସାଧୁ ବଗର୍ତ୍ତି, ସୁରେଶ ବନ୍ଦିଚୋଡ ସମେତ ଅଞ୍ଚଳର ଶତାଧିକ ଜନ ସାଧାରଣ ସହଯୋଗ କରିଥିଲେ।

# ଆମସେନା ଗୁରୁକୁଳ ଆଶ୍ରମରେ ପ୍ରାକୃତିକ ଚିକିତ୍ସାଳୟ

**ନୂଆପଡ଼ା, ୧୧।୨ (ସମିସ):** ସ୍ଥାନୀୟ ଗୁରୁକୁଳ ଆଶ୍ରମ ଆମସେନାରେ ପଞ୍ଚ ତତ୍ତ୍ୱ ପ୍ରାକୃତିକ ଚିକିତ୍ସାଳୟର ଶୁଭାରମ୍ଭ ହୋଇଛି। ବୁଧବାର ଗୁରୁକୁଳସ୍ଥିତ ଋଷି ବାଟିକାରେ ଉଦଘାଟନୀ କାର୍ଯ୍ୟକ୍ରମରେ ଆଶ୍ରମ ମୁଖ୍ୟ ଧର୍ମାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମର ବ୍ରତାନନ୍ଦ ସରସ୍ୱତୀ, କୁଞ୍ଜ ଦେବ ମନିଷୀ, ସାମାଜିକ କର୍ମୀ ଶ୍ୟାମ କେଶରବାନୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଶ୍ରମର ବ୍ରହ୍ମଚାରୀମାନଙ୍କ ଦ୍ୱାରା ବୈଦିକ ଯଜ୍ଞାକୃତି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଆଶ୍ରମ ମୁଖ୍ୟ କହିଲେ ଯେ ନୂଆପଡ଼ା ଜିଲ୍ଲା ଆଜିବି ପ୍ରାକୃତିକ ବନ ସମ୍ପଦ, ଦୃଶ୍ୟରାଜି ପାଇଁ ସର୍ବବିଦିତ। ଏଠାରେ ଆଜିକୁ ୫୮ବର୍ଷ ତଳେ ଗୁରୁକୂଳ ଆଶ୍ରମ ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଲୋକଙ୍କୁ ମୁକ୍ତ ଏବଂ ସହଜ, ସରଳ ଚିକିତ୍ସାବ୍ୟବସ୍ଥା ଯୋଗାଇଦେବାକୁ ଆୟୁର୍ବେଦିକ ଚିକିତ୍ସାଳୟ ସହ ଔଷଧ ତିଆରି କାରଖାନା କରାଗଲା। ବର୍ତ୍ତମାନ ଏଥିରେ ଲୋକଙ୍କ ଆବଶ୍ୟକ୍ତାକୁ ଆହୁରି ସରଳ ଏବଂ ସୁଲଭ କରିବାକୁ ପ୍ରାକୃତିକ ଚିକିତ୍ସାଳୟ ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ ଯେ ଆଶ୍ରମର ଗୋଶାଳା ନିକଟରେ ଏକ ଜଙ୍ଗଲ ଭିତରେ ଏହି ହସପିଟାଲ ବ୍ୟବସ୍ଥା କରାଯାଇଛି। ଏହି ଭିତରେ ରୋଗୀମାନଙ୍କୁ ବୈଦିକ ମାନସ ଯୋଗ, ପଞ୍ଚତନ୍ତ୍ର ଚିକିତ୍ସା, ମର୍ମ ଥେରାପି, ଷ୍ଟିମ ବାଥ, ମାଟି ସ୍ନାନ, ଜଳ ଥେରାପି ଆଦି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବହୁ କମ ଶୁଳ୍କ ରଖାଯିବ। ଏଥିସକାଶେ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ରଖିଥିବା ଚିକିତ୍ସକ ସୁଦର୍ଶନ ଗୁପ୍ତା ଏବଂ ମୁନେ ଆର୍ଯ୍ୟ ନିଯୁକ୍ତ ରହିଛନ୍ତି। ଏଠାରେ ଲୋକଙ୍କ ପାଇଁ ରହିବାକୁ ମାଟିର କୁଡିଆ ଘର ସହ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଏହାର ସୁବିଧା ନେବାକୁ ଧର୍ମାନନ୍ଦଜୀ ଆହ୍ୱାନ କରିଛନ୍ତି।



# ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନିରାକରଣ ସମ୍ବନ୍ଧରେ ସଚେତନତା ଶିବିର

ନୂଆପଡ଼ା, ୧୧।୨(ସମିସ)




ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଓକିଲ ସଂଘ ସଭାଗୃହରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ତଥା ବନ୍ଧିତ ଶ୍ରମିକ ନିରାକରଣ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ଜିଲ୍ଲାପାଳ ମଧୁସୂଦନ ଦାଶ, ପ୍ରାଧିକରଣର ସଚିବ ନବନିତା ଦାଶ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ଜଜ୍ (ମହିଳା କୋର୍ଟ) ସରୋଜିନୀ ସାହୁ, ନିବନ୍ଧକ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସ୍ୱାତକୀ ଦାଶ, କନିଷ୍ଠ ଦେୱାନୀ ଜଜ୍ କାହ୍ନୁକିଶ୍ଚୁ, ଉପ ଆରକ୍ଷୀ ଅଧିକାରୀ ମର୍ଶିରାଣୀ ପୂର୍ତ୍ତୀ, ଆନ୍ତର୍ଜାତୀୟ ଜଷ୍ଟିସ୍ ମିଶନର ଅଧିକାରୀ ନାଥାନିଲ୍ ନାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସହକାରୀ ଶ୍ରମଅଧିକାରୀ ମୁରଲିଧର ପାକଳ, ସରକାରୀ ଓକିଲ ତଥା ପ୍ରାଧିକରଣର ସଦସ୍ୟ ତ୍ରିଲୋକଚନ୍ଦ ସୋନୀ, ଜିଲ୍ଲା ଦେୱାନୀ ଓକିଲ ସଂଘ ସଭାପତି ବିଶ୍ୱମଣୀ ପାଣିଗ୍ରାହୀ, ଉପସଭାପତି ପ୍ରବୀଣ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘ ସଚିବ ପ୍ୟାରିଲାଲ ଦେୱାଙ୍ଗନ୍, ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ଉପମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ସହକାରୀ ଆଇନ ସେବା ପ୍ରତିପକ୍ଷ ଓକିଲ କାର୍ତ୍ତିକ ରାମ ବାଗ, ଓ ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ପ୍ରବାସୀ ଶ୍ରମିକ ଓ ବନ୍ଧିତ ଶ୍ରମିକମାନଙ୍କ ପ୍ରତି ହେଉଥିବା ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ବିରୋଧରେ ଥିବା ଆଇନ ବ୍ୟବସ୍ଥା ଉପରେ ଚର୍ଚ୍ଚା କରିଥିଲେ। ଜିଲ୍ଲାପାଳ ଶ୍ରୀ ଦାଶ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରବାସୀ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ। ସେ ଜିଲ୍ଲାର ସମସ୍ତ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ନ ଯାଇ ନିଜ ଅଞ୍ଚଳରେ ରୋଜଗାର କରି ସମ୍ମାନର ସହିତ ବଞ୍ଚିବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକମାନଙ୍କୁ ଦିଆଯାଉଥିବା ଆଇନ ସହାୟତା ବିଷୟରେ ଆଲୋକପାତ କରିଥିଲେ। ବନ୍ଧିତ ଶ୍ରମିକ ପ୍ରଥାକୁ ସମାଜରୁ ଉଚ୍ଛେଦ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ।

# ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ; ସାହିତ୍ୟ ଶିକ୍ଷକ ଗିରଫ



**ଲହୁଣୀପଡ଼ା,୧୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତ ହଳଦୀକୁଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ବିଦ୍ୟଳୟର ସାହିତ୍ୟ ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଲହୁଣିପଡ଼ା ପୁଲିସ ସାହିତ୍ୟ ଶିକ୍ଷକ ତାପସ କୁମାର ବଡେଇଙ୍କୁ ଗିରଫ କରିଥିବା ଜଣାପଡିଛି। ଅଭିଯୋଗ ମୁତାବକ, ହଳଦୀକୁଦର ପଞ୍ଚାୟତର ପିଡିତ ଛାତ୍ରୀ ହଳଦୀକୁଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ପାଠପଢୁଥିଲେ। ବିଦ୍ୟାଳୟ କାମରେ ଆଧାର ବର୍ତ୍ତମାନ ଦରକାର ପଡୁଥିବା ବେଳେ ଉକ୍ତ ନାବାଳିକାଙ୍କ ଆଧାର କାର୍ଡରେ କୌଣସି ତ୍ରୁଟି ଥିଲା। ଆଧାର କାର୍ଡ ତ୍ରୁଟିକୁ ସୁଧାରିବାର ବାହାନା କରି ଅଭିଯୁକ୍ତ ସାହିତ୍ୟ ଶିକ୍ଷକ ଜଣକ ନାବାଳିକାଙ୍କୁ ବାଇକରେ ବସାଇ ବଣାଇଁ ଆଣୁଥିଲେ। ଫେରିବା ବେଳେ ସୁଆରପାଲି ଗ୍ରାମରେ ଥିବା ଭଡା ଘରକୁ ନେଇ ରାତିରେ ଦୁଷ୍କର୍ମ କରିଥିଲେ। ଏପରି ଆଧାର ତ୍ରୁଟି ସଂଶୋଧନ ବାହାନାରେ ଚାରି ଚାରିଥର ପିଡିତା ଛାତ୍ରୀଙ୍କୁ ଶିକ୍ଷକ ଜଣକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏକାଧିକ ଛାତ୍ରୀଙ୍କୁ ଧମକ ଚମକ ଦେଇ ଅସଦାଚରଣ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଏପରି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ପୂର୍ବରୁ ଏଭଳି ଘଟଣା ସମ୍ପର୍କରେ ସ୍ଥାନୀୟ ବିଇଓ, ଡିଇଓ ଅଫିସକୁ ଅବଗତ କରାଯାଇଥିଲେ ମଧ୍ୟ ରସିକିଆ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନିଆଯିବା ଯୋଗୁଁ ଆଜି ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଆଲୋଚନା ହେଉଛି।

# ଶଳାର ଖଣ୍ଡା ଚୋଟରେ ଭିଣୋଇ ଗୁରୁତର



**ବଣାଇଁ,୧୧।୨(ସମିସ):** ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା କଷଡା ଗ୍ରାମରେ ଶଳାର ଖଣ୍ଡା ଚୋଟରେ ଭିଣେଇ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଉକ୍ତ ଗ୍ରାମର ଭିଣେଇ କୁମୁଦ ବନ୍ଧୁ ନାଏକ (୫୮) ଘର କୁର୍ଡାପାଲି କଷଡା ଗ୍ରାମରେ ଦୀର୍ଘ ବର୍ଷ ଧରି ଘର ଜ୍ୱାଇଁ ଭାବେ ରହି ଆସୁଥିଲେ। ଆଜି ଶଳା ଭଗବାନ କାଲୋ (୪୭) ଓ ଭିଣେଇ କୁମୁଦ ବନ୍ଧୁ ନାଏକଙ୍କ ମଧ୍ୟରେ କୌଣସି କାରଣବଶତଃ ବଚସା ହୋଇଥିଲା। ଶଳା ଭଗବାନ ରାଗି ଯାଇ ଏକ ଖଣ୍ଡାରେ ଆକ୍ରମଣ କରି ମୁଣ୍ଡ ଓ ମୁହଁକୁ ଚୋଟ ମାରିବା ପରେ ଭେଣେଇ ତଳେ ପଡିଯାଇ ଗୁରୁତର ହୋଇଥିଲେ। ଏହା ଦେଖି ପରିବାର ଲୋକେ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଟିକାୟତପାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଭିଣୋଇକୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଆକ୍ରମଣ କରିଥିବା ଶଳାକୁ ଟିକାୟତପାଲି ପୁଲିସ ଥାନାରେ ଅଟକ ରଖିବା ସହ କେସ୍ ନଂ-୧୮/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଟିକାୟତପାଲି ଥାନା ଅଧିକାରୀ ସବିତା ପାତ୍ର ସୂଚନା ଦେଇଛନ୍ତି।

# ଅଜଣା ଗାଡିକୁ ପଛରୁ ଧକ୍କା ଦେଲା ବାଇକ; ଚାଳକ ମୃତ

ଲହୁଣିପଡା,୧୧।୨: ଲହୁଣିପଡା ଥାନା ଲହୁଣିପଡା ଟକରା ନିକଟରେ ଭାରସାମ୍ୟ ହରାଇ ଅଜଣା ଗାଡି ପଛକୁ ଧକ୍କା ଦେବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରାଜ୍ୟ ରାଜପଥ ୧୦ (କ)ର ଲହୁଣିପଡା ଟକରା ନିକଟରେ ଏକ ବାଇକ(ଓଡି ୦୫ ବି ଆର ୨୩୪୯) ଏକ ଅଜଣା ଗାଡି ପଛରେ ଧକ୍କା ଦେବାରୁ ବାଇକ ଚାଳକ ସମ୍ବିତ କୁମାର ମାହାନ୍ତ (୨୫) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତଙ୍କୁ ଲହୁଣିପଡା ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୁଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# 'ଦୀର୍ଘବର୍ଷ ଧରି ରହୁଥିବା ବାସିନ୍ଦାଙ୍କୁ ଉଚ୍ଛେଦ ବଦଳରେ ଜମିପଟ୍ଟା ଦିଆଯାଉ'

## ରାଜନୈତିକ ଆକ୍ରୋଶ ରଖି କାର୍ଯ୍ୟ କଲେ ବିରୋଧ କରାଯିବ: ବିଜେଡି

**ରାଉରକେଲା,୧୧।୨(ସମିସ)**



ରାଉରକେଲା ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ଦୀର୍ଘବର୍ଷ ହେଲା ରହୁଥିବା ବାସିନ୍ଦାଙ୍କୁ ଉଚ୍ଛେଦ କରିବା ବଦଳରେ ଜମିପଟ୍ଟା ପ୍ରଦାନ କରାଯାଉ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଗରିବ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ପରିବର୍ତ୍ତେ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ବାସଗୃହ ଯୋଗାଇ ଦିଆଯାଉଥିଲା। କିନ୍ତୁ ଡବଲ ଇଞ୍ଜିନ ସରକାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି। କିନ୍ତୁ କୌଣସି ଗରିବ ପରିବାରକୁ ବେଘର ହେବାକୁ ଦିଆଯିବ ନାହିଁ ବୋଲି ବିଜେଡି ପକ୍ଷରୁ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସିଧା ଶୁଣାଇଛନ୍ତି। ରାଉରକେଲା ସହରରେ ପ୍ରଶାସନିକ ଅଧିକାରୀ ରାଜନୈତିକ ଦଳର ହାତବାରିସୀ ସାଜି ରାଜନୈତିକ ଆକ୍ରୋଶ ରଖି କାର୍ଯ୍ୟ କରିବା ବନ୍ଦ କରନ୍ତୁ।

ରାଜନୈତିକ ଆକ୍ରୋଶ ରଖି ପ୍ରଶାସନିକ ଅଧିକାରୀ କାର୍ଯ୍ୟ କଲେ ଏହାର ତିବ୍ର ବିରୋଧ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ବିଜେଡି କିମ୍ବା ବିଧାୟକ ସାରଦା ନାୟକ କେହିବି ବିକାଶ ବିରୋଧି ନୁହଁନ୍ତି। ରାଉରକେଲାରେ ବିଭିନ୍ନ ବିକାଶ ମୂଳକ କାମ ପାଇଁ ଯେଉଁଠି ବି ଜବରଦଖଲ ଉଚ୍ଛେଦର ଆବଶ୍ୟକତା ପଡିଛି ସେତବେଳେ ଦଳ ତଥା ବିଧାୟକଙ୍କ ତରଫରୁ ସହଯୋଗ କରାଯାଇ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରାଯାଇଛି। କିନ୍ତୁ କିଛି ପ୍ରଶାସନିକ ଅଧିକାରୀ ରାଜନୈତିକ ଓ ବ୍ୟକ୍ତିଗତ ଆକ୍ରୋଶ ରଖି ଅଭିସନ୍ଧିମୂଳକ ଭାବେ ଉଚ୍ଛେଦ କାର୍ଯ୍ୟ କରୁଥିବାରୁ ଦଳ ତାହାର ବିରୋଧ କରିଛି। ଗତ ଦୁଇଦିନ ତଳେ ଗୁରୁଦ୍ୱାର ରୋଡରେ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ପାଞ୍ଚ ଜଣଙ୍କୁ ଉଚ୍ଛେଦ ଉଦ୍ୟମ ଆଦୌ ନିରପେକ୍ଷ ଓ ସ୍ୱଚ୍ଛ ନଥିଲା। ସମ୍ପୂର୍ଣ୍ଣ ଅଭିଶନ୍ଧି ମୂଳକ ଥିଲା, ଯାହାକୁ କି ବିଧାୟକ ତଥା ବିଜୁ ଜନତା ଦଳ ତରଫରୁ ବିରୋଧ କରାଯାଇଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ନାୟକ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ନିଜର ପକ୍ଷ ରଖିବା ସହିତ ଆକ୍ରୋଶ ଓ ଅଭିଶନ୍ଧି ମୂଳକ ଉଚ୍ଛେଦ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଦଳର ଏକ ପ୍ରତିନିଧିମଣ୍ଡଳୀ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବ ବୋଲି ବିଧାୟକ ସୂଚନା ଦେଇଥିଲେ। ଜିଲ୍ଲା ସଭାପତି ପ୍ରାଦ୍ୟୁମ୍ନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନଗର ସଭାପତି ଗଗନ ପଣ୍ଡା, ମୁଖପାତ୍ର ଜୟନ୍ତ ମିଶ୍ର, ବରିଷ୍ଠ ନେତା ବିରେନ ସେନାପତି, ରଶ୍ମିବାଳା ମିଶ୍ର, ଜୟଶ୍ରୀ ପାଣିଗ୍ରାହୀ, ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ପିଙ୍କୁ ଜୟସ୍ୱାଲ, ସଂଜିତ ଛୋଟରାୟ, ସୁଧାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍ଏମ୍ ଓ ଏମ୍ଏସ୍ଏସ୍ ବିଭାଗର ୧୮ କର୍ମଚାରୀ ପୁରସ୍କୃତ



**ରାଉରକେଲା,୧୧।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍ଏସ୍ପି)ର କେନ୍ଦ୍ରୀୟ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) ସିଏମଏମ ଏବଂ ଏମଏସଏସ ବିଭାଗର ୧୮ ଜଣ କର୍ମଚାରୀଙ୍କୁ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆରସିଏମ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେକାନିକାଲ ବିଭାଗର ସିଜିଏମ ଡିକେ ପାଳ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସିଏମଏମ ବିଭାଗର ଜିଏମ ଇନଚାର୍ଜ ଏସ୍‌କେ ପଣ୍ଡା, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ମାନବ ସମ୍ବଳ ବିଭାଗର ପ୍ରତିନିଧି ଏବଂ ସିଏମଏମ ଅଧିନସ୍ଥ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପାଳ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଅନୁକରଣୀୟ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ରକ୍ଷଣାବେକ୍ଷଣରେ ଉତ୍କର୍ଷତା ହାସଲ ସହ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଅନୁରୂପ ଉତ୍ସାହ ତଥା ପ୍ରତିବଦ୍ଧତା ସହିତ ସମସ୍ତଙ୍କୁ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ପଣ୍ଡା ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିବା ସହିତ ସାଙ୍ଗଠନିକ ଉତ୍କର୍ଷତା ହାସଲ କରିବାରେ ସେମାନଙ୍କର ଆଗ୍ରହ, ନିଜର ଭାବନା ଏବଂ କଠିନ ପରିଶ୍ରମକୁ ଅନୁକରଣ କରିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ଷଣାବେକ୍ଷଣ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଡି ସୋରେନ ସଂଯୋଜନା କରିଥିଲେ।

# ନିଶାମୁକ୍ତ ପାଇଁ ସଚେତନତା ପଦଯାତ୍ରା

**ରାଉରକେଲା,୧୧।୨(ସମିସ) :** ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଆରଏମସି କାର୍ଯ୍ୟାଳୟ ଦେଇ ସହର ପରିକ୍ରମା କରିଥିଲା। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିସହ ଏକ ସଚେତନତା ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଉଦିତନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଉପଜିଲ୍ଲାପାଳ ଶ୍ରୀ ନାୟକ ପୁରସ୍କୃତ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ଭାରତ ଗଠନ ପାଇଁ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସାଧାବୀ ଦେହୁରିଆ, ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତଣ୍ଡିଆ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରକାଶ କୁମାର ଦାଶ, ଶିଶୁ ବିକାଶ ପ୍ରକଳ୍ପ ବିକାଶ ଅଧିକାରୀ ଦର୍ଶନି ଏକ୍କା ଓ ପ୍ରବୀନା ହରିଚନ୍ଦନ, ମୁନିସିପାଲ ମହାବିଦ୍ୟାଳୟର ଅଧକ୍ଷ, ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ଅବକାରୀ ବିଭାଗର କର୍ମଚାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ ଓ ନିଶା ନିବାରଣ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଧର୍ମଘଟ ସଫଳ ପାଇଁ ବାଇକ୍ ଶୋଭାଯାତ୍ରା

**ରାଉରକେଲା,୧୧।୨(ସମିସ):** ୧୦ ଟି କେନ୍ଦ୍ରୟ ଟ୍ରେଡ ୟୁନିୟନମାନଙ୍କ ପକ୍ଷରୁ ଗୁରୁବାର ଦେଶ ବ୍ୟାପି ସାଧାରଣ ଧର୍ମଘଟର ଡାକରା ଦିଆଯାଇଥିବା ବେଳେ ଏହାକୁ ସଫଳ କରିବା ପାଇଁ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିୟନ ଓ ଆଇଏଫଜିଏଲ ରିଫ୍ରାଟୋରିଜ ୱାର୍କସ ୟୁନିୟନ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏହାକୁ ସିଟୁର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ସଙ୍ଗଠର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲା।



ଏହି ଶୋଭାଯାତ୍ରା କଳୁଙ୍ଗା ଶିଳ୍ପାଞ୍ଚଳର ସମସ୍ତ କଳ କରାଖାନା ଅତିକ୍ରମ କରି ବେଲଡି, ବେଦବ୍ୟାସ ମାର୍କେଟ ଦେଇ ପାନପୋଷ ମାର୍କେଟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, ଜନ ବିରୋଧୀ ନୀତି ବିରୁଦ୍ଧରେ ସ୍ଲୋଗାନ ଦେଇ ଅଞ୍ଚଳରେ ଥିବା ସମସ୍ତ କଳ କାରଖାନା, ଅଫିସ ଦପ୍ତର, ଦୋକାନ ବଜାର, ଗାଡି ମଟର, ସ୍କୁଲ କଲେଜ ଆଦି ବନ୍ଦ ରଖି ଏହି ଦେଶ ବ୍ୟାପି ସାଧାରଣ ଧର୍ମଘଟକୁ ସଫଳ କରାଇବାକୁ ଜଣାଇଥିଲେ। ଏହି ମୋଟର ସାଇକେଲ ଶୋଭାଯାତ୍ରାରେ ସିଟୁ ସମ୍ପାଦକ ଯଯାତୀ କେଶରୀ ସାହୁ, ଅଜିତ ଏକ୍କା, ଅଜିତ କୁମାର ଦାଶ, ଖିରୋଦ ବେହେରା, ସମ୍ବିତ ସ୍ୱାଇଁ, ରଞ୍ଜନ ବେହେରା, ସୁଧାଂଶୁ ଜେନା, ସରୋଜ ବାର୍ଲା, ଭବାନୀ ସାହୁ, ଅନିଲ ସ, ସୁରେଶ ହେମ୍ବ୍ରମ, ରାଜୁ ଗୌଡ, ଡି. ଦିବାକର ରାଓ, ଏମ୍‌ଡି ଆକବର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଆଇନ ମହାବିଦ୍ୟାଳୟର କ୍ରୀଡା ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା,୧୧।୨(ସମିସ) :** ରାଉରକେଲା ଆଇନ ମହାବିଦ୍ୟାଳୟର ତ୍ରିଦିବସୀୟ କ୍ରୀଡା ମହୋତ୍ସବ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉପାଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି ସଂଯୋଜନା କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ଯତୀନ୍ଦ୍ର ନାୟକ ଯୋଗ ଦେଇଥିଲେ। ହରଦିପ ସିଂ, ଛବି ଚକ୍ରବର୍ତ୍ତୀ, ସନ୍ଧ୍ୟା ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଉଦଯାପନୀ ଉତ୍ସବ ପ୍ରାରମ୍ଭ ହୋଇଥିଲା। ଅତିଥିମାନେ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କ ମନରେ ଖେଳପ୍ରତି ଆଗ୍ରହ ଆଣିବାପାଇଁ ପ୍ରୋତ୍ସାହନ ଦେଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସଂଗୀତ ଗାନ କରାଯାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା। ଛାତ୍ରୀ ମୁନମୁନ ସା ସଭା ପରିଚାଳନା କରିଥିବା ବେଳେ ତନ୍ମୟ ରାଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଟ୍ରକ୍‌ରେ ବେଧଡ଼କ ବାଲି ଚାଲାଣ

# ରାସ୍ତା ଉପରେ ପଡୁଛି ବାଲି; ସମସ୍ୟା ଭୋଗୁଛନ୍ତି ବାଇକ୍ ଆରୋହୀ



**ବଣାଇଁ,୧୧।୨(ସମିସ):** ବଣାଇଁ ଅଞ୍ଚଳରେ ଦିନକୁ ଦିନ ବେଧଡକ ବାଲି ଚାଲାଣ ବଢୁଥିବା ବେଳେ ଟ୍ରକ୍‌ରେ ଆବଶ୍ୟକତାଠାରୁ ମାତ୍ରାଧିକ ବାଲି ଚାଲାଣ ଏବେ ବାଇକ୍ ଆରୋହୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବଡ ବଡ ଗାଡ଼ିରେ ରାତି ତମାମ ବିନା ଘୋଡଣିରେ ଆବଶ୍ୟକ ଠାରୁ ଅଧିକ ପରିମାଣର ବାଲି ବୋଝେଇ କରି ଦ୍ରୁତ ଗତିରେ ଯିବା ଆସିବା କରିବା ଫଳରେ ବଣାଇଁ ସହରର ବିଭିନ୍ନ ଛକ ସ୍ଥାନରେ ଥିବା ହମ୍ପସ ନିକଟରେ ରାସ୍ତା ଉପରେ ବାଲି ପଡିରହିଛି। ବିଶେଷ କରି କନ୍ତଯୋଡି ଛକରୁ ଦେଓଗାଁ ବାବା ବାଣେଶ୍ୱର ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ସାରା ବାଲି ପଡ଼ି ରହିଥିବା ଦେଖିବାକୁ



ମିଳିଛି। ରାତି ତମାମ ଏଭଳି ବେପରୁଆ ବାଲି ବୋଝେଇ ହେଉଥିଲେ ମଧ୍ୟ ସ୍ଥାନୀୟ ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାରେ ବାଲି ପଡି ରହୁଥିବାରୁ ବାଇକ୍ ଆରୋହୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥିତି ଯୋଗୁଁ ଅନେକ ସମୟରେ ବାଇକ୍‌ରେ ଯିବା ଆସିବା ବେଳେ ବାଇକ୍ ସ୍ଲିପ ହୋଇ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି।

କିଛି ଦିନ ତଳେ ପୁରୀ ପିପିଲି ରାସ୍ତାରେ ଏଭଳି ବାଲିରେ ସ୍କୁଟି ଚକା ସ୍ଲିପ୍ ହେବାରୁ ଜଣେ ମହିଳା ସାମ୍ବାଦିକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ମନରୁ ଲିଭି ନଥିବା ବେଳେ ଏବେ ବଣାଇଁ ସହରର ମୁଖ୍ୟ ରାସ୍ତା ସହ ଅନେକ ଅଣ ଓସାରିଆ ରାସ୍ତାରେ ବାଲି ପଡି ରହୁଥିବା ଦେଖିବାକୁ ମିଳିଛି। ବାଲି ପରିବହନ ବେଳେ ବୋଝେଇ ଗାଡ଼ିରେ ବାଲିକୁ ସମ୍ପୂର୍ଣ୍ଣ ଭାବେ ମୋଟା ପଲିଥିନ୍‌ରେ ଘୋଡାଇ ରଖିବା ବାଧ୍ୟତାମୂଳକ ନିର୍ଦ୍ଦେଶ ଥିଲେ ମଧ୍ୟ ଏହି କଟକଣା ଓ ସର୍ତ୍ତାବଳୀକୁ ବଣାଇଁରେ ହେୟ ଜ୍ଞାନ ମନେ କରୁଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜାତୀୟ ନୂତନ ଶିକ୍ଷାନୀତି ଉପରେ ଶିକ୍ଷକଙ୍କୁ ତାଲିମ



**ରାଉରକେଲା,୧୧।୨(ସମିସ):** ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ୫ ଦିନିଆ ଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକରେ ଅନୁଷ୍ଠିତ ହୋଇଛି। ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ସାଲଗିମୁନି ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆଗାଁ ବ୍ଲକରେ ୩ ଟି କେନ୍ଦ୍ରରେ ନୂଆଗାଁ, ପୁରୁଣାପାଣି ଓ ସୋରଡ଼ା, ନୂଆଗାଁ ଓ ସୋରଡ଼ା କେନ୍ଦ୍ରରେ ୫୦ ଜଣ ଲେଖାଏଁ ଶିକ୍ଷକ ତାଲିମ ନେଉଥିବା ବେଳେ ପୁରୁଣାପାଣି କେନ୍ଦ୍ରରେ ୧୦୦ ଜଣ ଶିକ୍ଷକ ତାଲିମ ନେଉଛନ୍ତି। ତିନୋଟି ତାଲିମ କେନ୍ଦ୍ରକୁ ନୂଆଗାଁ ଗୋଷ୍ଠୀ ଶିକ୍ଷାଅଧିକାରୀ ଟୁଡୁ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ବାନେ କେଛୁଆ ପରିଦର୍ଶନ କରି ଶିକ୍ଷକମାନଙ୍କୁ ଉପଯୁକ୍ତ ତାଲିମ ନେବାରେ ପରାମର୍ଶ ଦେବା ସହ ତାଲିମ କେନ୍ଦ୍ରରେ ଶିକ୍ଷକମାନଙ୍କୁ ତାଲିମ ନେବାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ପରାମର୍ଶ ଦେଇଥିଲେ। ଉପରୋକ୍ତ ତିନୋଟି ତାଲିମ କେନ୍ଦ୍ରରେ ତାଲିମ ପ୍ରାପ୍ତ ପ୍ରଶିକ୍ଷକ (ଆର୍‌ପି)ମାନେ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରୁଛନ୍ତି ।

ସକାଳ
THE SAKALA

# ସମ୍ପାଦକୀୟ

କୌଣସି ବାହ୍ୟ ତତ୍ତ୍ୱ ଆମ ଅନ୍ତରାତ୍ମାକୁ ଶାସନ କରିପାରିବ ନାହିଁ।
ଏହି ସତ୍ୟ ଜାଣିଯିବା ପରେ ଯାଇ ଆମେ ପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କରିପାରିବା।
-ଗୌତମ ବୁଦ୍ଧ

## କେନ୍ଦ୍ରରୁ ପରୋକ୍ଷ ବୋନସ ବାର୍ତ୍ତା

ଦେଶରେ ଉତ୍ପାଦିତ ହେଉଥିବା ବିଭିନ୍ନ କୃଷିଜାତ ଦ୍ରବ୍ୟର କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ନିର୍ଦ୍ଧାରଣ ମାଧ୍ୟମରେ ଚାଷୀଙ୍କ ପାଇଁ ଲାଭଜନକ ମୂଲ୍ୟ ସୁନିଶ୍ଚିତ କରିଥା'ନ୍ତି। ତେବେ ଏହି ଏମ୍‌ଏସ୍‌ପିକୁ ଆଇନଗତ ସ୍ୱୀକୃତି ଦିଆଯାଇନାହିଁ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟଠାରୁ କମ ଦରରେ କୃଷି ଉତ୍ପାଦର ବିକ୍ରି ଖରିଦ ଯେ ଏକ ଧର୍ତ୍ତବ୍ୟ ଅପରାଧ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିମଧ୍ୟରେ ଓଡ଼ିଶା ସମେତ ଏକାଧିକ ରାଜ୍ୟ ସରକାର ଧାନ ଓ ଗହମ ସଂଗ୍ରହରେ ଏମ୍‌ଏସ୍‌ପି ଉପରେ କ୍ୱିଣ୍ଟାଲ ପିଛା ବୋନସ ଦେଉଛନ୍ତି। ଚାଷୀ ମଧ୍ୟ ଉତ୍ସାହିତ ହୋଇ ଅଧିକରୁ ଅଧିକ ଫସଲ ଅମଳ କରୁଛନ୍ତି। ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥା ସହ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଓ ଅନ୍ୟାନ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କରିବାରେ ଧାନ ଓ ଗହମ ଉପଯୋଗୀ ହୋଇ ଆସିଛି। ତେବେ ଭଣ୍ଡାରଣ କ୍ଷମତା ଅତିକ୍ରମ କରିଯାଉଥିବାରୁ କେନ୍ଦ୍ର ସରକାର ଅସହାୟତା ପ୍ରକାଶ କରିବା ସହ ବୋନସ ପ୍ରଦାନକୁ ନିରୁତ୍ସାହିତ କରୁଛନ୍ତି। ଆମ ରାଜ୍ୟ ସରକାର ମଧ୍ୟ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି କ୍ୱିଣ୍ଟାଲ ପିଛା ଧାନରେ ୮୦୦ ଟଙ୍କା ବୋନସ ପ୍ରଦାନ କରି ହରଡ଼ଗଣାରେ ପଡ଼ିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସରକାରଙ୍କୁ ଦେବାକୁ ବାଧ୍ୟ, ଅନ୍ୟପଟେ ଅଧିକ ଧାନ ସଂଗ୍ରହ କରି ତାହାକୁ କେଉଁଠି ରଖିବେ ସେ ଚିନ୍ତା ଘାରିଛି।

ନିକଟରେ କେନ୍ଦ୍ର ସରକାରଙ୍କ ମୁଖ୍ୟ ସଚିବଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରାଳୟ ଲେଖିଥିବା ଚିଠିର ମର୍ମରୁ ସ୍ପଷ୍ଟ ହୋଇଛି ଯେ ବୋନସ ପ୍ରଦାନ ବନ୍ଦ ହେଉ। ଧାନ ଓ ଗହମ ବଦଳରେ ଡାଲି ଓ ତୈଳବୀଜ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉ। କାରଣ ଏ କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହୋଇନଥିବାରୁ ବିଦେଶରୁ ଆମଦାନୀ କରିବାକୁ ପଡୁଛି। କେବଳ କୃଷିପ୍ରଧାନ ରାଜ୍ୟ ନୁହେଁ। ତଥାପି ଧାନ ଓ ଗହମରେ ଦିଆଯାଉଥିବା ବୋନସ ପ୍ରସଙ୍ଗରେ ସେଠାକାର ମୁଖ୍ୟ ସଚିବଙ୍କୁ ଚିଠି ଲେଖି କେନ୍ଦ୍ର ସରକାର ପରୋକ୍ଷରେ ଡବଲ ଇଞ୍ଜିନ ସରକାରଙ୍କୁ ଚେତାବନୀ ଦେଇନାହାନ୍ତି କି? ଏହି ପତ୍ରର ଅନ୍ୟ ଏକ ଦିଗ ହେଲା, ଗହମ ଓ ଧାନ ଚାଷରେ ତୁଳନାତ୍ମକ ଭାବେ ଅଧିକ ଜଳ ବିନିଯୋଗ ହେଉଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଇଛି। ଏଥିସହ ମୃତ୍ତିକା ଓ ଜୈବ ବିବିଧତାରେ ପରିଲକ୍ଷିତ ଅବକ୍ଷୟ ଧାରା ଆଗକୁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ସେଥିରେ ନଡ଼ାପୋଡ଼ିରୁ ଯେଉଁ ପରିବେଶ ଜନିତ ସମସ୍ୟା ସୃଷ୍ଟି ହୋଇଛି ତାହା କ୍ରମେ ନିୟନ୍ତ୍ରଣ ସୀମା ଅତିକ୍ରମ କରୁଛି।

ଅର୍ଥ ମନ୍ତ୍ରଣାଳୟର ପତ୍ର ମାଧ୍ୟମରେ କେନ୍ଦ୍ର ସରକାର ଯେଉଁ ବାର୍ତ୍ତା ଦେଇଛନ୍ତି ସେଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଚାଷୀଙ୍କୁ ଦିଆଯାଉଥିବା ବୋନସ ଆଗାମୀ ଦିନରେ ବନ୍ଦ ହେବ। ମୃତ୍ତିକା, ଜୈବ ବିବିଧତା ଓ ପରିବେଶରେ ସନ୍ତୁଳନ ରକ୍ଷା କରିବା ପାଇଁ ଧାନ ଓ ଗହମ ଚାଷକୁ ନିରୁତ୍ସାହିତ କରାଯିବ। ସରକାର ସଂଗ୍ରହ ପରିମାଣ ହ୍ରାସ କଲେ ଲାଭଖୋର ବେପାରୀଙ୍କ ସହ ବିକ୍ରିବଟା ପାଇଁ ଯେଉଁ ବାଧ୍ୟବାଧକତା ସୃଷ୍ଟି ହେବ ସେଥିରେ ଚାଷୀଙ୍କ ଆର୍ଥିକ ଦୁର୍ଗତି ଆଗକୁ ଆହୁରି ବଢ଼ିବ। ତେଣୁ ଏମଏସପିକୁ ଆଇନଗତ ମର୍ଯ୍ୟାଦା ପ୍ରଦାନ କରି କମ ମୂଲ୍ୟରେ ବିକ୍ରି ଖରିଦ ଏକ ଧର୍ତ୍ତବ୍ୟ ଅପରାଧ ରୂପେ ପରିଗଣିତ ହେବା ଉଚିତ। ଧାନ ଓ ଗହମର ଗୁଣାତ୍ମକ ମାନ ଧାର୍ଯ୍ୟ କରି ତାହାକୁ ରପ୍ତାନି ବାଣିଜ୍ୟର ବିଶେଷ ରୂପେ ମାନ୍ୟତା ଦେବାରେ ପ୍ରତିବନ୍ଧକ ରହୁଛି କେଉଁଠି? ଏଥିପ୍ରତି ଦୃଷ୍ଟି ଦେଲେ ସରକାରଙ୍କ ଭଣ୍ଡାରରେ ସମସ୍ୟା ଦୂରହେବା ସହ ଚାଷୀ ମଧ୍ୟ ଲାଭବାନ ହୋଇପାରନ୍ତେ। ●

## ଜାପାନରେ ନୂଆ ନେତୃତ୍ୱ

ସୂର୍ଯ୍ୟୋଦୟର ଦେଶ ଜାପାନରେ ଏବେ ଜଣେ ଲୋକପ୍ରିୟ ରାଷ୍ଟ୍ରନାୟକଙ୍କ ଅଭ୍ୟୁଦୟ ଘଟିଛି। ପୁରୁଷ ପ୍ରଧାନ ରାଜନୀତିରେ ବିପୁଳ ଜନସମର୍ଥନ ହାସଲ କରି ଜଣେ ମହିଳା ଯେ ବ୍ୟବସ୍ଥାକୁ ସୁଧାରିବାର ନେତୃତ୍ୱ ନେବେ ଏକଥା କେହି କଳ୍ପନା କରୁନଥିଲେ। ସେ ହେଲେ ଲୌହମାନବୀ ସାନେ ତକାଇଚି। ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ମନୋନୀତ ହୋଇ ସେ ୨୦୨୫ ଅକ୍ଟୋବରରେ ଜାପାନର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ମତରେ ନେତା ବାଛିବାରେ ସାର୍ବଭୌମ ଅଧିକାର ଦେଶବାସୀଙ୍କର। ସେ ତାଙ୍କର ଲୋକପ୍ରିୟତାକୁ ବାଜିରେ ଲଗାଇ ଦେଶରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଘୋଷଣା କରିଥିଲେ। ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜାପାନରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବା ଯେକୌଣସି ଦଳ ବା ମେଣ୍ଟ ପକ୍ଷରେ ଏକପ୍ରକାର ଦୁରୁହ ବ୍ୟାପର ହୋଇଥିବା ବେଳେ ତାହାକୁ ସମ୍ଭବ କରିଛି ତକାଇଚିଙ୍କ ନେତୃତ୍ୱ। ରାଜନୈତିକ ଅସ୍ଥିରତାରୁ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ ସାଙ୍ଗକୁ ଅବକ୍ଷୟମୁଖୀ ଅର୍ଥନୀତି ଦେଶବାସୀଙ୍କୁ ଜଣେ ସମର୍ଥ ଓ ସୁଯୋଗ୍ୟ ନେତୃତ୍ୱକୁ ନିର୍ବାଚିତ କରିବାକୁ ସୁଯୋଗ ସୃଷ୍ଟି କରିଥିଲା। ଗତ ରବିବାରର ନିର୍ବାଚନ ଫଳରୁ ତାହାହିଁ ସ୍ପଷ୍ଟ ହୋଇଛି। ଉଲ୍ଲେଖଯୋଗ୍ୟ ୩୦ ବର୍ଷରୁ କମ ବୟସର ୯୦ ପ୍ରତିଶତରୁ ଅଧିକ ଯୁବ ମତଦାତା ତକାଇଚିଙ୍କ ନେତୃତ୍ୱ ସପକ୍ଷରେ ମତଦାନ କରିଥିଲେ।

ଉଚ୍ଚ ସଦନ ବିରୋଧୀଙ୍କ ନିୟନ୍ତ୍ରଣରେ ଥିଲେ ମଧ୍ୟ ଆଇନ ପ୍ରଣୟନ କରି ତାହାର ଅନୁମୋଦନ ସକାଶେ କୌଣସି ପ୍ରତିବନ୍ଧକ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦେଶର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ବିରୋଧୀଙ୍କ ସହ ହାତ ମିଶାଇ କାର୍ଯ୍ୟ କରିବାର ପ୍ରତିଶ୍ରୁତି ସେ ଦେଇଛନ୍ତି। ଚୀନ ଓ ଉତ୍ତର କୋରିଆ ପକ୍ଷରୁ ସାମ୍ଭବ୍ୟ ବିପଦକୁ ଦୃଷ୍ଟିରେ ରଖି ଜାପାନର ସାମରିକ ସାମର୍ଥ୍ୟ ବୃଦ୍ଧିକୁ ଅଗ୍ରାଧିକାର ଦିଆଯିବ। ଏଥିସକାଶେ ସଂବିଧାନ ସଂଶୋଧନର ଆବଶ୍ୟକତା ଉପୁଜିପାରେ। ୧୯୪୭ରେ ଆମେରିକାର ପ୍ରତିରକ୍ଷା ବାହିନୀ ନିୟନ୍ତ୍ରଣରେ ଜାପାନ ଥିବାରୁ ସେତେବେଳେ ପ୍ରଣୟନ କରାଯାଇଥିବା ସଂବିଧାନରେ ପ୍ରତିରକ୍ଷା ପ୍ରସ୍ତୁତି ଉପରେ କଟକଣା ପ୍ରୟୋଗ କରାଯାଇଥିଲା। ନିର୍ବାଚିତ ହେବା ପରେ ତକାଇଚି ସ୍ପଷ୍ଟ କରିଛନ୍ତି ଯେ ସଂବିଧାନରେ ଏହି ଦିଗ ସଂଶୋଧନ ହେବା ଜରୁରୀ। ଜାପାନ ସୁରକ୍ଷାକୁ ଅଗ୍ରାଧିକାର ଦେବା ସହ ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧି ସକାଶେ ଅର୍ଥନୀତିକୁ ସୁଧାରିବା ଜରୁରୀ ହୋଇପଡ଼ିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିବା ଏବଂ ଖାଦ୍ୟ ଉପରୁ ଟିକସ ପ୍ରତ୍ୟାହାର ଭଳି ନିଷ୍ପତ୍ତି କାର୍ଯ୍ୟକାରୀ ପାଇଁ ଆବଶ୍ୟକ ପଡ଼ିଲେ ଋଣ କରିବାକୁ ସରକାର ପଛଘୁଞ୍ଚା ଦେବେ ନାହିଁ ବୋଲି ସୂଚନା ଦେଇଛନ୍ତି ତକାଇଚି।

ତକାଇଚି ଉଦାରବାଦୀ ଗଣତାନ୍ତ୍ରିକ ଦଳକୁ ପ୍ରତିନିଧିତ୍ୱ କରୁଥିଲେ ହେଁ ରକ୍ଷଣବାଦୀ ନୀତିକୁ ଆପଣାର ଦେଶରେ ପରିଲକ୍ଷିତ ଦୁର୍ବଳ ଦିଗଗୁଡ଼ିକୁ ସୁଧାରିବା ପ୍ରତି ଗୁରୁତ୍ୱ ଦେବେ। ଦକ୍ଷିଣ ପୂର୍ବ ଏସିଆର ଭୂ-ରାଜନୈତିକ ସ୍ଥିତିରେ ତାଙ୍କର ଭୂମିକା ଆଗାମୀ ଦିନରେ ସ୍ୱତନ୍ତ୍ର ମହତ୍ତ୍ୱ ରଖିବ। ବିଶେଷକରି ଚୀନକୁ ପ୍ରତିରୋଧ କରିବା ସକାଶେ ଜାପାନକୁ ଆମେରିକାର ସାହାଯ୍ୟ ଓ ସମର୍ଥନ ମିଳିବାର ସୂଚନା ଏବେଠାରୁ ସ୍ପଷ୍ଟ ହୋଇଛି। ●

# ବିପନ୍ନ ଆଦିବାସୀ ଭାଷାକୁ ସୁରକ୍ଷା ଦେବ କିଏ?

ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ବସବାସ କରନ୍ତି। ୨୦୧୧ ଜନଗଣନା ଅନୁସାରେ ରାଜ୍ୟର ମୋଟ୍ ୪୫ ପ୍ରତିଶତ ଭୌଗୋଳିକ ଅଞ୍ଚଳରେ ବସବାସ କରୁଥିବା ଏମାନଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୨.୮ ପ୍ରତିଶତ। ଦେଶର ମୋଟ ଆଦିବାସୀ ଜନସଂଖ୍ୟାର ଏହା ପ୍ରାୟ ଦଶ ପ୍ରତିଶତ। ଅବିଭକ୍ତ କୋରାପୁଟ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଆଦିବାସୀମାନେ ଅଧିକ ସଂଖ୍ୟାରେ ବାସ କରନ୍ତି। ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ଏହି ବର୍ଗ ମଧ୍ୟରୁ ଜୁଆଙ୍ଗ, ଖଡ଼ିଆ, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ ଓ ଲାଞ୍ଜିଆ ସୌରା ଆଦି ୧୩ ଆଦିବାସୀ ସଂପ୍ରଦାୟ ବିପନ୍ନପ୍ରାୟ ଶ୍ରେଣୀର। ତେଣୁ ସେମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ଉପଯୋଜନାମାନ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଜାତିଗତ ପରିଚୟର ସୁରକ୍ଷା ପାଇଁ ଭାଷାର ସୁରକ୍ଷା ଓ ସଂରକ୍ଷଣ ଅତି ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାରେ ବିଭିନ୍ନ ଆଦିବାସୀ ସଂପ୍ରଦାୟଙ୍କ ଭାଷାର ସୁରକ୍ଷା ପାଇଁ ଅତୀତରେ ରାଜ୍ୟ ସରକାର ଉଦ୍ୟମ କରିଆସୁଥିଲେ ହେଁ କେନ୍ଦ୍ରୀୟ ସହଯୋଗ ବିନା ସେ ସବୁ ଭାଷାର ସାମ୍ବିଧାନିକ ସୁରକ୍ଷା ଅସମ୍ଭବ। ତେଣୁ ତତ୍କାଳୀନ ରାଜ୍ୟ ସରକାର କ୍ରମାଗତ ଭାବେ ଏଥିପାଇଁ କେନ୍ଦ୍ରକୁ ଅନୁରୋଧ କରିଆସୁଥିଲେ। ଅପରପକ୍ଷରେ କେନ୍ଦ୍ରର କ୍ରମାଗତ ଅବହେଳା ଯୋଗୁଁ ଆଦିବାସୀ ଭାଷା ବିପନ୍ନ ହୋଇଚାଲିଛି। ଭାଷାଟିଏ ମରିଗଲେ ଜାତିଟିଏ ମରିଯାଏ ଏବଂ ତାହାର ସଂସ୍କୃତି ଲୋପ ପାଏ। ଅଥଚ କେନ୍ଦ୍ର ସରକାରଙ୍କ ଏ ଦିଗରେ ଉଦାସୀନତା ଆଶ୍ଚର୍ଯ୍ୟ କରୁଛି।

ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ବର୍ଗର ଲୋକ ୭୪ ପ୍ରକାର ଭାଷା କହନ୍ତି। ଭାଷାବିତ୍‌ମାନଙ୍କ ମତରେ ସେଗୁଡ଼ିକ ମଧ୍ୟରୁ ବାଲ୍ମିକୀ, ମହ୍ଲାର, ଜୁଆଙ୍ଗ, କିସାନ, କୋୟା, ଓରାମ, ମୁଣ୍ଡାରୀ, ସୌରୀ, ଗଡ଼ବା, ବଡ଼ଗଡ଼ବା, ଭୂମିଜ, ହୋ ଓ ଗୋଣ୍ଡି ଆଦି ୧୩ଟି ବିଲୁପ୍ତପ୍ରାୟ। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସୂଚନା ଅନୁସାରେ ସମଗ୍ର ଦେଶରେ ୮୨ଟି ଆଦିବାସୀ ଭାଷା ବିପନ୍ନ। ସେ ସବୁ ଭାଷାର ସୁରକ୍ଷା ପାଇଁ ରାଜ୍ୟ ସରକାରମାନଙ୍କ ସହାୟତାରେ ବର୍ଣ୍ଣବୋଧ ପ୍ରସ୍ତୁତ ହୋଇଛି। ଓଡ଼ିଶାରୁ ସେଥିରେ ପାଞ୍ଚଟି ଯଥା ଜୁଆଙ୍ଗ, କିସାନ, କୋୟା, ଓରାମ ଓ ସଉରା ଅନ୍ତର୍ଭୁକ୍ତ। ଅଥଚ ସମ୍ବିଧାନର ଅଷ୍ଟମ ସୂଚୀରେ ସଉରା, ଭୂମିଜ, ହୋ, ମୁଣ୍ଡାରି ଆଦି ଭାଷାକୁ ସ୍ଥାନିତ କରିବାକୁ ଗତ ପ୍ରାୟ ୧୧ ବର୍ଷ ଧରି କେନ୍ଦ୍ର ସରକାର ଉଦାସୀନ।

ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାକ୍ କୌଶଳ ଓ ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ଉପର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି। ସେସବୁ ଭାଷାର ସୁରକ୍ଷା ଓ ବିକାଶ ନ ହେଲେ ଶିକ୍ଷା ନୀତିର ଲକ୍ଷ୍ୟ ସଫଳ ହେବ କେମିତି? ରାଜ୍ୟର ଆଦିବାସୀବହୁଳ ଜିଲ୍ଲାମାନଙ୍କରେ ବିପନ୍ନ ଆଦିବାସୀ ଭାଷାର ସୁରକ୍ଷା ପାଇଁ ବିଭିନ୍ନ ଘରୋଇ ଓ ସରକାରୀ ଅନୁଷ୍ଠାନମାନେ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। କେତେକ ଅଞ୍ଚଳରେ ଶିଳ୍ପ ସଂସ୍ଥାମାନେ ସହଯୋଗର ହାତ ବଢ଼ାଇଛନ୍ତି। ଯାଜପୁର ଜିଲ୍ଲାର ସୁକିନ୍ଦା ଓ ଦାନଗଦି ଅଞ୍ଚଳରେ ଘରୋଇ ଶିଳ୍ପ ସଂସ୍ଥା ଉଦ୍ୟମରେ ୬୮ଟି ଆଦିବାସୀ ଭାଷା ସୁରକ୍ଷା କେନ୍ଦ୍ର ଚାଲିଛି। ରାୟଗଡ଼ା, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲ୍ଲାରେ ମଧ୍ୟ ଏଭଳି ପ୍ରୟାସ ଆରମ୍ଭ ହୋଇଥିବାର ସୂଚନା ରହିଛି। ଏହା ଏକ ସାଧୁ ଉଦ୍ୟମ। ତେବେ ଏଥିପାଇଁ କେନ୍ଦ୍ରୀୟ ସ୍ତରରେ ନୀତି ପ୍ରସ୍ତୁତ ହୋଇ ସର୍ବଭାରତୀୟ ସ୍ତରରେ ତାହା କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଆଦିବାସୀ ଭାଷା ବିପନ୍ନ ତାଲିକାରୁ ଉପରକୁ ଉଠିପାରିବ ନାହିଁ। ଯେଉଁ ଆଦିବାସୀ ଭାଷାର ନିଜସ୍ୱ ଲିପି ଅଛି, ସେ ଭାଷାକୁ ବଞ୍ଚାଇବା କଷ୍ଟସାଧ୍ୟ ହେବ ନାହିଁ। ଉଦାହରଣ ସ୍ୱରୂପ ହୋ ଓ ସାନ୍ତାଳିର ନିଜସ୍ୱ ଲିପି ଯଥାକ୍ରମେ ୱାରାଙ୍ଗଚିଟି ଓ ଅଲଚିକି ରହିଛି। ତେବେ ଯେଉଁମାନଙ୍କର ଲିପି ନାହିଁ, ସେ ଭାଷାର ସୁରକ୍ଷା ଏକ କଷ୍ଟସାଧ୍ୟ ବ୍ୟାପାର। ସେ ସବୁ ପିଲାଙ୍କୁ ସେହି ଭାଷାରେ କଥା କହି ତାଙ୍କ ସଂସ୍କୃତିର କାହାଣୀ ଶୁଣାଇ ସେ ଭାଷାକୁ ପ୍ରଥମେ ବଞ୍ଚାଇବାକୁ ହେବ ଓ ପରବର୍ତ୍ତୀ ସମୟରେ ଲିପି ପ୍ରସ୍ତୁତ କରିବାକୁ ପଡ଼ିବ।

ଭାଷା ମୃତ୍ୟୁ ସମସ୍ୟା ସମଗ୍ର ବିଶ୍ୱରେ ଉତ୍କଟ। ବିଶ୍ୱର ୬୦୦୦ କଥିତ ଭାଷା ମଧ୍ୟରୁ ୪୩ ଶତାଂଶ ବିପନ୍ନ। ପ୍ରତିଦିନ ଗୋଟିଏ ଲେଖାଏଁ ଭାଷା ମରୁଛି; କାରଣ ସେ ଭାଷା କହୁଥିବା ଶେଷ ଲୋକର ମୃତ୍ୟୁ ସହିତ ତାହାର ମାତୃଭାଷା ବିପନ୍ନ ହେଉଛି। ଓଡ଼ିଶାରେ ଅନେକ ଆଦିବାସୀ ନିଜସ୍ୱ ଭାଷା ସହିତ ଅନେକ ଉପଭାଷା ମଧ୍ୟ କହିଥା'ନ୍ତି। ଆଞ୍ଚଳିକ ଭାଷାରେ ହିନ୍ଦୀ ଓ ଇଂରାଜୀର ବହୁଳ ବ୍ୟବହାର, ଜୀବିକା ଚିନ୍ତା, ପାଠପଢ଼ା, ସ୍ଥାନାନ୍ତରଣ, ଧର୍ମାନ୍ତର ଓ ବାହ୍ୟ ସାଂସ୍କୃତିକ ପ୍ରଭାବ ଯୋଗୁଁ ଭାଷା ବିପନ୍ନ ହେବାରେ ଲାଗିଛି। ଏହାଛଡ଼ା ଭାଷା ସହିତ କଥନ, ଲିଖନ ଓ ପଠନ ଜଡ଼ିତ। ସେ ଶୃଙ୍ଖଳା ବିଗିଡ଼ିଲେ ଭାଷା ମରିବା ସ୍ୱାଭାବିକ। ତେଣୁ ବିପନ୍ନପ୍ରାୟ ଭାଷାକୁ ବଞ୍ଚାଇବା କେବଳ ଏକ ଆହ୍ୱାନ ନୁହେଁ, ଏହା ଅତ୍ୟନ୍ତ ବ୍ୟୟବହୁଳ ଓ କଷ୍ଟସାଧ୍ୟ ବ୍ୟାପାର। ତଥାପି ସରକାରୀ ଆଗ୍ରହ ଓ ରାଜନୈତିକ ସଦିଚ୍ଛା ଏହାକୁ ସହଜ କରିପାରନ୍ତା। ନୀତି ନିର୍ଦ୍ଧାରକମାନେ ହେଜିବା ଦରକାର ଯେ ମାତୃଭାଷା ଯଦି ରୋଜଗାରର ଭାଷା ନ ହୁଏ ତା'କୁ ବଞ୍ଚାଇ ରଖିବା କଷ୍ଟ।

ଥରେ ଭାଷା ହଜିଗଲେ ସେହି ନିର୍ଦ୍ଦିଷ୍ଟ ଭାଷାଭାଷୀଙ୍କ ପରିଚୟ ମଧ୍ୟ ହଜିଯାଏ। ତେଣୁ ସେମାନଙ୍କର ଭାଷାର ସୁରକ୍ଷା ଅର୍ଥ ସେମାନଙ୍କର ପରିଚୟର ସୁରକ୍ଷା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ରହିଛି। ଆମ ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ଭାବେ ଜଣେ ଓଡ଼ିଆ ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଅଧିଷ୍ଠିତ ହୋଇଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ପଦରେ ଆଦିବାସୀ ସମ୍ପ୍ରଦାୟର ମୋହନ ଚରଣ ମାଝୀ ବସିଛନ୍ତି। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱରେ ଜଣେ ଓଡ଼ିଆ ଦୀର୍ଘଦିନ ଧରି ରହିଛନ୍ତି। ତଥାପି ଏ କ୍ଷେତ୍ରରେ ଅବହେଳା ଓଡ଼ିଶାର ଆଦିବାସୀଙ୍କ ପ୍ରତି ଅନ୍ୟାୟ।

ତତ୍କାଳୀନ ରାଜ୍ୟ ସରକାର ହୋ, ଭୂମିଜ ଓ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିବା ସହ ବାରମ୍ବାର ଦାବି କରିଆସୁଥିଲେ। ଏହି କ୍ରମରେ 'ସଉରା' ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ ମନ୍ତ୍ରି ପରିଷଦ ମଧ୍ୟ ସୁପାରିସ କରିଥିଲା। ରାଜ୍ୟରେ ବସବାସ କରୁଥିବା ୫ ଲକ୍ଷ ସଉରା ଭାଷାଭାଷୀ ଜନଜାତିଙ୍କ ପରିଚୟ ଦୃଷ୍ଟିରୁ ଏହା ନିତାନ୍ତ ଆବଶ୍ୟକ। ସଂସ୍କୃତ ସାହିତ୍ୟ ଓ ପୁରାଣରେ ଏହି ଭାଷାର ଉଲ୍ଲେଖ ରହିଛି। ତେଣୁ ସଉରା ଭାଷାକୁ ବଞ୍ଚାଇ ରଖାଯିବାର ଆବଶ୍ୟକତା ରହିଛି। ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସଉରା ଭାଷା ଅନ୍ତର୍ଭୁକ୍ତ ହେଲେ କେବିକେ ଅଞ୍ଚଳ ରାୟଗଡ଼ା, ଗଜପତି, ବରଗଡ଼, ବଲାଙ୍ଗୀର ଆଦି ଜିଲ୍ଲାର ଜନଜାତିଙ୍କ କଥିତ ଭାଷା(ସଉରା)ର ସଂରକ୍ଷଣ, ବିକାଶ ଓ ପ୍ରସାରଣ ସହ ଗବେଷଣା ଓ ଅଧ୍ୟୟନ ନିମନ୍ତେ ବ୍ୟାପକ କ୍ଷେତ୍ର ପ୍ରସ୍ତୁତି ହୋଇପାରିବ।

କେବଳ ସଉରା ଭାଷାକୁ ନୁହେଁ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟମାନଙ୍କର ଜନଜାତି ସମ୍ପ୍ରଦାୟର ୩୦ ଲକ୍ଷରୁ ଅଧିକ ଲୋକଙ୍କ ଦ୍ୱାରା ବହୁଳ ବ୍ୟବହୃତ ହୋ, ମୁଣ୍ଡାରୀ ଓ ଭୂମିଜ ଭାଷାକୁ ମାନ୍ୟତା ପ୍ରଦାନ କରିବା ପାଇଁ ତତ୍କାଳୀନ ଓଡ଼ିଶା ସରକାର ଦାବି କରିଆସୁଥିଲେ, ଯାହା ବର୍ତ୍ତମାନର ସରକାର ଅମଳରେ ଶୀତଳଭଣ୍ଡାରକୁ ଚାଲିଯାଇଛି। ସେହିପରି ସମଗ୍ର ଦେଶରେ ପ୍ରାୟ ୭୫ ଲକ୍ଷ ଲୋକ ମୁଣ୍ଡାରୀ ଭାଷା କହୁଥିବା ବେଳେ ଓଡ଼ିଶାର ୮ ଲକ୍ଷରୁ ଅଧିକ ଲୋକେ ଏହି ଭାଷା କହିଥା'ନ୍ତି। ମୁଣ୍ଡାରୀ ଭାଷାର ନିଜସ୍ୱ ଲିପି - 'ମୁଣ୍ଡାରୀ ବାଣୀ' ମଧ୍ୟ ରହିଛି। ତେଣୁ ରାଜ୍ୟର ପ୍ରାଥମିକ ଶିକ୍ଷାନୁଷ୍ଠାନରେ ପଢୁଥିବା ବିଭିନ୍ନ ଜନଜାତି ବର୍ଗର ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ସେମାନଙ୍କୁ ମାତୃଭାଷାରେ ଶିକ୍ଷାଦାନ କରିବାକୁ ତତ୍କାଳୀନ ସରକାର ସ୍ୱତନ୍ତ୍ର ଶିକ୍ଷକ (ମଲ୍ଟି ଲିଙ୍ଗୁଆଲ୍ ଟିଚର୍) ନିଯୁକ୍ତି ବ୍ୟବସ୍ଥା ମଧ୍ୟ କରିଥିଲେ। ପୂର୍ବ ସରକାର ଅମଳରେ ୫ ଲକ୍ଷ ଆଦିବାସୀ ବାଳିକାମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଥିବା ବେଳେ ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ବିକାଶ ପରିଷଦ (ଏସଡିସି) ଗଠନ କରାଯାଇଥିଲା, ଯାହା ଆଦିବାସୀ ସଂସ୍କୃତିର ସଂରକ୍ଷଣ, ପ୍ରଚାର ପ୍ରସାର ଏବଂ ଦସ୍ତାବିଜ ପ୍ରସ୍ତୁତି ଦିଗରେ କାର୍ଯ୍ୟ କରୁଛି।

ଭାରତ ସରକାର ଉତ୍ତର-ପୂର୍ବାଞ୍ଚଳର ବହୁ ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିଛନ୍ତି। ସେ ଦୃଷ୍ଟିରୁ ଓଡ଼ିଶାର ଦାବିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କଲେ ରାଜ୍ୟର ଏହି ଆଦିବାସୀମାନେ ନିଜର ଭାଷାଗତ ଐତିହ୍ୟ ଓ ପରମ୍ପରା ରକ୍ଷା କରିବାର ସୁଯୋଗ ପାଆନ୍ତେ। ଏହାକୁ ନେଇ ରାଜନୀତି କରାଯିବା ଅନାବଶ୍ୟକ। କେନ୍ଦ୍ର ସରକାର ଆଦିବାସୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବା ବେଳେ ଓଡ଼ିଶାର ବିପନ୍ନପ୍ରାୟ ଜନଜାତିଙ୍କ ସ୍ୱାର୍ଥକୁ ଯଥୋଚିତ ଗୁରୁତ୍ୱ ଦେଇ ଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶା। ●

(ସକାଳ ମିଡିଆ ସର୍ଭିସ୍)

# ସନ୍ତାନର ଭବିଷ୍ୟତ ଓ ପିତାମାତାଙ୍କ ଦାୟିତ୍ୱ

ପ୍ରତିମା ବିଶ୍ୱାଳ

ଆଜିକାଲି ଦେଖାଯାଉଛି ପରିବାରଗୁଡ଼ିକରେ ସେମାନଙ୍କ ପିଲାମାନଙ୍କ ଦୁଷ୍ଟ ହେବାକୁ ନେଇ ଚିନ୍ତା ବଢୁଛି। ଅନେକ ମାଆ କହୁଛନ୍ତି ଆମ ପିଲା ଦିନକୁ ଦିନ କେବଳ ଦୁଷ୍ଟ ନୁହେଁ, ନଷ୍ଟ ବି ହୋଇ ଯାଉଛନ୍ତି। ଗୁରୁଜନମାନଙ୍କ କଥା ମାନୁ ନାହାନ୍ତି। ପରିବାରର ସମସ୍ତଙ୍କୁ ଅସମ୍ମାନ କରୁଛନ୍ତି। ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅଧିକାଂଶ ସମୟ ମୋବାଇଲ୍ ଫୋନ୍ ଦେଖାରେ ନଷ୍ଟ ହେଉଛି। ଏମିତି ଆହୁରି ଅଭିଯୋଗ ଆସୁଛି ଆଜିର ପିଲାମାନଙ୍କୁ ନେଇ। ଏଥିପାଇଁ ପିତାମାତାମାନେ କ'ଣ କଲେ ପରିବାରରେ ସନ୍ତାନମାନଙ୍କର ଚରିତ୍ର, ଆଚରଣ ଓ ଉଚ୍ଚାରଣକୁ ସଜାଡ଼ି ପାରିବେ? ଏହି ସମସ୍ୟା ଓ ପ୍ରଶ୍ନ ହିଁ ଏବେ ସମସ୍ତଙ୍କୁ ଘାରୁଛି। ଏହି ପ୍ରସଙ୍ଗରେ ଶ୍ରୀମା' କହିଛନ୍ତି ଯେ ମା'ଟିଏ ପ୍ରଥମେ ନିଜର ତ୍ରୁଟି ସଜାଡ଼ିବାକୁ ପଡ଼ିବ। ମାଆର ଭାବନା ସର୍ବଦା ସୁନ୍ଦର ଓ ନିର୍ମଳ ହେବା ସହିତ ଅନୁଭବ ଉତ୍ତମ ଓ ମହତ୍ ହେବା ଦରକାର।

ଅନେକ ପିତାମାତା ଭାବନ୍ତି ଯେ ଶିଶୁର ଖାଦ୍ୟପେୟ, ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରତି ଲକ୍ଷ୍ୟ ରଖିଲେ ଏବଂ ତା'ର କେତେକ ସ୍ଥୂଳଦାବି ପୂରଣ କରିଦେଲେ ସେମାନଙ୍କର କର୍ତ୍ତବ୍ୟ ଶେଷ ହେଲା। ପରେ ତା'କୁ ବିଦ୍ୟାଳୟକୁ ପଠାଇ ଦେଇ ତା'ର ମାନସିକ ଶିକ୍ଷାର ଦାୟିତ୍ୱ ତା'ର ଶିକ୍ଷକଗଣଙ୍କ ଉପରେ ଛାଡ଼ି ଦିଅନ୍ତି। ଯେଉଁ ପିତାମାତାମାନଙ୍କର ଦାୟିତ୍ୱବୋଧ ଓ ଆନ୍ତରିକତା ଅଛି ସେମାନେ ଜାଣନ୍ତି ଯେ ସନ୍ତାନମାନଙ୍କୁ ଶିକ୍ଷା ଦେବା ନିମିତ୍ତ ଯୋଗ୍ୟ ହେବାକୁ ହେଲେ ଆଗେ ନିଜେ ଶିକ୍ଷିତ ହେବାକୁ ହୁଏ। ନିଜ ସମ୍ବନ୍ଧରେ ସଚେତନ ହେବାକୁ ହୁଏ। ଆତ୍ମଜୟୀ ହେବାକୁ ହୁଏ। ଏହାଦ୍ୱାରା ସନ୍ତାନମାନଙ୍କ ସମ୍ମୁଖରେ କୌଣସି କୁଦୃଷ୍ଟାନ୍ତ ସୃଷ୍ଟି ହୁଏ ନାହିଁ। କାରଣ ଦୃଷ୍ଟାନ୍ତ ଦ୍ୱାରା ଯେଉଁ ଶିକ୍ଷା ଦିଆଯାଏ ତାହା ହୁଏ ବିଶେଷ ଫଳପ୍ରସୂ। ଶିଶୁକୁ କେବଳ ଭଲ କଥା କହି ଜ୍ଞାନପୂର୍ଣ୍ଣ ଉପଦେଶ ଦେଲେ ବିଶେଷ ଲାଭ ହୁଏ ନାହିଁ, ଯଦି ଶିକ୍ଷକ ସେହି ଶିକ୍ଷାର ଦୃଷ୍ଟାନ୍ତ କାର୍ଯ୍ୟରେ ଦେଖାଇ ନପାରନ୍ତି। ଆନ୍ତରିକତା, ସାଧୁତା, ସରଳ ପ୍ରକୃତି, ସାହସ, ନିଃସ୍ୱାର୍ଥପରତା, ଅନାସକ୍ତି, ଧୈର୍ଯ୍ୟ, ଆତ୍ମସଂଯମ ଆଦି ସମ୍ପର୍କରେ ମନୋରମ ବକ୍ତୃତା ପରିବର୍ତ୍ତେ ଏସବୁକୁ ଆଚରଣରେ ଦେଖାଇଲେ ବହୁତ ଭଲ ପ୍ରଭାବ ପଡ଼େ।

ପିତାପିତାମାନେ ଉଚ୍ଚ ଆଦର୍ଶ ରକ୍ଷା କରିବା ସହିତ ସେହି ଆଦର୍ଶ ଅନୁସାରେ କାର୍ଯ୍ୟ କରିବା ଦରକାର। ଏହା ସନ୍ତାନମାନଙ୍କ ଅନ୍ତରରେ ଆଦର୍ଶର ବିକାଶରେ ସହାୟକ ହୁଏ। ଭଲ ଗୁଣ ସବୁ ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ହୁଏ। କିନ୍ତୁ ଅଳ୍ପସଂଖ୍ୟକ ମାତାପିତାଙ୍କୁ ବାଦ୍ ଦେଲେ ଅଧିକାଂଶ ଜାଣନ୍ତି ନାହିଁ ଯେ ସେମାନଙ୍କ ତ୍ରୁଟି-ବିଚ୍ୟୁତି, ଚଞ୍ଚଳତା, ଦୁର୍ବଳତା, ଆତ୍ମସଂଯମର ଅଭାବ ସନ୍ତାନମାନଙ୍କ ଉପରେ କିପରି ମାରାତ୍ମକ ପ୍ରଭାବ ବିସ୍ତାର କରେ। ଯଦି ସନ୍ତାନମାନଙ୍କଠାରୁ ସମ୍ମାନ ପାଇବାକୁ ଇଚ୍ଛା ଅଛି ତେବେ ନିଜକୁ ସମ୍ମାନାସ୍ପଦ କରିବାକୁ ହେବ ଏବଂ ସମ୍ମାନର ଯୋଗ୍ୟ ହେବାକୁ ପଡ଼ିବ। କର୍ତ୍ତୃତ୍ୱ ପ୍ରୟାସୀ, ସ୍ୱେଚ୍ଛାଚାରୀ, ଅଧୀର, କ୍ରୋଧଭାବଯୁକ୍ତ ହେଲେ ତାହାର ଅନୁରୂପ ପ୍ରଭାବ ସନ୍ତାନମାନଙ୍କ ଉପରେ ପଡ଼ିବ। ସନ୍ତାନର ପ୍ରଶ୍ନକୁ ନିର୍ବୋଧ ଭାବେ ଗ୍ରହଣ କରିବା କିମ୍ବା ଅର୍ଥହୀନ ଉତ୍ତର ଦେବା ଅନୁଚିତ। ପର୍ଯ୍ୟାପ୍ତ ଶ୍ରମ ଓ କଷ୍ଟ ସ୍ୱୀକାର କଲେ କୌଣସି ବିଷୟ ବୁଝାଇଦେବା ଅସମ୍ଭବ ନୁହେଁ।

ସବୁ ସମୟରେ ସତ୍ୟ କହିବା ଉଚିତ ନୁହେଁ ବୋଲି ଧାରଣା ଥିବା ସତ୍ତ୍ୱେ ସର୍ବଦା ସତ୍ୟକୁ ଏପରି ଭାବେ କହିବା ଉଚିତ ଯେପରି ତାହା ଶ୍ରୋତାର ବୋଧଗମ୍ୟ ହେବ। ଜୀବନର ଆରମ୍ଭରେ ବାର, ଚଉଦ ବର୍ଷ ପର୍ଯ୍ୟନ୍ତ ଶିଶୁର ମନ କୌଣସି ଜଟିଳ ଚିନ୍ତାଧାରା ଓ ବ୍ୟାପକ ସତ୍ୟକୁ ବୁଝିପାରେ ନାହିଁ। ତେବେ ନିର୍ଦ୍ଦିଷ୍ଟ ଉପମା, ପ୍ରତୀକ ଅଥବା ରୂପକ ଆଦିର ସାହାଯ୍ୟ ନେଇ ଯେଉଁ ଭାବରେ ସେ ଏହା ବୁଝିପାରିବ ସେହି ଭାବରେ ତା'କୁ ଶିକ୍ଷା ଦିଆଯାଇପାରେ। କିଛି ବୟସ ପର୍ଯ୍ୟନ୍ତ ଏବଂ ଯେଉଁମାନେ ମନରେ ଚିରକାଳ ହିଁ ଶିଶୁ ରହନ୍ତି ସେମାନଙ୍କ ପାଖରେ ଗୋଟିଏ ବର୍ଣ୍ଣନା, ସୁନ୍ଦର ଭାବରେ କଥିତ ଭାବରେ ଗଳ୍ପ, କାହାଣୀ, ବହୁତ ତତ୍ତ୍ୱ ବ୍ୟାଖ୍ୟା ଅପେକ୍ଷା ବେଶୀ ଭଲ ଭାବରେ ଶିକ୍ଷା ଦିଏ।

ଯେଉଁ ପିଲା ସବୁ ସମୟରେ ତିରସ୍କୃତ ହୁଏ ସେ କଠିନ ହୋଇଯାଏ। ଶେଷରେ କଟୁ କଥା ବା ସ୍ୱରରେ କଠୋରତାକୁ କିଛି ମୂଲ୍ୟ ଦିଏ ନାହିଁ। ବିଶେଷତଃ ଯେଉଁ ଦୋଷ ପିତାମାତାମାନେ କରନ୍ତି ସେହି ସମାନ ଦୋଷ ସକାଶେ ପିଲାକୁ ତିରସ୍କାର କରିବା ଉଚିତ ନୁହେଁ। ଶିଶୁମାନେ ଅତ୍ୟନ୍ତ ସତର୍କ ଓ ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ। ଅତିଶୀଘ୍ର ସେମାନେ ପିତାମାତାମାନଙ୍କର ଦୁର୍ବଳତାଗୁଡ଼ିକ ବୁଝିପାରନ୍ତି। ଶିଶୁ ଯେବେ ଭୁଲ୍ କରେ, ତାହା ନିଜେ ନିଜେ ଅକପଟ ଭାବରେ ସ୍ୱୀକାର କରେ। ଯଦି ସେ ଥରେ ସ୍ୱୀକାର କରିଛି, ତେବେ ତା'କୁ ସହାନୁଭୂତି ଓ ସ୍ନେହର ସହିତ ବୁଝାଇ ଦେବା ଉଚିତ ଯେ କେଉଁଠି ତାହାର ଭୁଲ୍ ହୋଇଥିଲା ଏବଂ ପୁଣି ଯେପରି ସେ ତା'ର ପୁନରାବୃତ୍ତି ନକରେ। କିନ୍ତୁ କେବେ ବି ତିରସ୍କାର କରିବା ଉଚିତ ନୁହେଁ। ଦୋଷ ସ୍ୱୀକାର କଲେ କ୍ଷମା କରିବାକୁ ହିଁ ହେବ। ଭୟ ସାହାଯ୍ୟରେ ଶିକ୍ଷା ଦାନ ସର୍ବନାଶ କରେ। ତାହାର ଅନିବାର୍ଯ୍ୟ ଫଳ କପଟ ଆଚରଣ ଓ ମିଥ୍ୟାଚାର। ତେଣୁ ପିଲାର ଶିକ୍ଷାକୁ ଫଳପ୍ରଦ କରିବାକୁ ହେଲେ ପିତାମାତା ଓ ତା'ମଧ୍ୟରେ ଭୟର ବାତାବରଣ ଦୂର କରି ଆସ୍ଥା ଓ ବିଶ୍ୱାସର ଏକ ସ୍ୱଚ୍ଛଦର୍ଶୀ, ଦୃଢ଼ ଅଥଚ କୋମଳ ଓ ମଧୁର ସ୍ନେହର ସେତୁ ଆବଶ୍ୟକ। ●

ଜଗତସିଂହପୁର, ମୋ: ୯୭୭୬୨୯୦୦୮୪

# ମାନବ-ମୁକ୍ତିର ସମ୍ବର୍ଦ୍ଧକ: ଉଦୟନାଥ

**ସାହିତ୍ୟ ସରିତ୍**

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଏ ପୃଥିବୀରେ ସମାନ ଭାବରେ ଜନ୍ମନେଇଥିବା କିଛି ଲୋକ କାହିଁକି ଶୋଷିତ, ଲାଞ୍ଛିତ, ନିର୍ଯ୍ୟାତିତ? ଯେଉଁମାନେ ଯେକୌଣସି ସୂତ୍ରରୁ ଲାଭ କରିଥା'ନ୍ତି ପ୍ରଚୁର ସମ୍ପଦ, ଅତିବାହିତ କରନ୍ତି ବିଳାସମୟ ଜୀବନ, ସେମାନେ ଅନ୍ୟମାନଙ୍କୁ କାହିଁକି କରିଦିଅନ୍ତି କ୍ରୀତଦାସ? ପୈଶାଚିକ ଉତ୍ତେଜନା-ପ୍ରବଣ ଏହି ଶ୍ରେଣୀୟ ଅମଣିଷ କିପ୍ରକାର ନିର୍ଦ୍ଦୟ ଉପାଦାନରେ ନିର୍ମିତ? ଓଡ଼ିଶାର ବିଶିଷ୍ଟ ଲେଖକ, ଦୈନିକ 'ସମାଜ'ର ଉତ୍ସର୍ଗୀକୃତ ବାର୍ତ୍ତା ସମ୍ପାଦକ ଥିବା ଉଦୟନାଥ ଷଡ଼ଙ୍ଗୀଙ୍କ ବକ୍ଷସ୍ଥଳ ବିଦୀର୍ଣ୍ଣ ହୋଇଗଲା, ଯେତେବେଳେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇଂରାଜୀରେ ରଚିତ ଉପନ୍ୟାସ 'ଅଙ୍କଲ ଟମସ କେବିନ' ପଢ଼ିଲେ ସେ। ତା'ର ଲେଖିକା ହେରିଏଟ ବିଚେର ଷ୍ଟୋ। ଉଦୟନାଥ ନିଜ ପ୍ରାଣର ପ୍ରତିବାଦ ସଂଯୋଗ କରି ଓଡ଼ିଆରେ ତା'ର ଭାଷାନ୍ତର କଲେ 'ଟମକକାଙ୍କ କୁଟୀର'। ଆମେରିକାରେ ପ୍ରଚଳିତ କ୍ରୀତଦାସ ପ୍ରଥାକୁ ଅବଲମ୍ବନ କରି ଏହାର ସର୍ଜନା। ଉଦୟନାଥ ତାହାର ଅନାସକ୍ତ ଅନୁବାଦକ ମାତ୍ର ନୁହନ୍ତି। ତାଙ୍କ ହୃଦୟର କୋହ, ଆଖିର ଲୁହ ଆଉ ଏପରି ଜଘନ୍ୟ ପ୍ରଥା ବିରୁଦ୍ଧରେ ନିଜ ଛାତି ଭିତରୁ ବିଚ୍ଛୁରିତ ହୋଇ ଆସୁଥିବା ଅଗ୍ନିକଣିକା ପ୍ରତିଟି ଶବ୍ଦ ପଶ୍ଚାତରେ ସେ କରିଦେଲେ ସଂସ୍ଥାପିତ। ଉପନ୍ୟାସଟି ଓଡ଼ିଆ ପାଠକମାନଙ୍କ ପାଇଁ ହୋଇ ଉଠିଲା ଅନନ୍ୟ ଆକର୍ଷଣର କେନ୍ଦ୍ର।

କୁହାଯାଏ ସମଗ୍ର ପୃଥିବୀରେ ବାଇବେଲ ପରେ ଏହି ବହିଟିର ହିଁ ବିକ୍ରୟ ସଂଖ୍ୟା ସର୍ବୋଚ୍ଚ ସୀମାକୁ ସ୍ପର୍ଶ କରିଛି। ଟମ କକା ଗୋଟିଏ ସ୍ଥାନରୁ ବିକ୍ରି ହୋଇ କିପରି ଏକାଧିକ ଘରକୁ ଯାଇଛନ୍ତି ଏବଂ ସକଳ ନିର୍ଯ୍ୟାତନା ସହ୍ୟ କରିଛନ୍ତି ତାହା ସତେକି ତାଙ୍କରି ହିଁ ସ୍ୱେଦ ଓ ରକ୍ତର ଅକ୍ଷରରେ ଲିଖିତ। ବିଭିନ୍ନ ଚରିତ୍ର ଚିତ୍ରଣ ମଧ୍ୟରେ ନିଷ୍ଠୁରତା, ନିର୍ମମତା ବର୍ଣ୍ଣିତ ହେଲେ ହେଁ ମାନବିକ ସମ୍ବେଦନାର କୋମଳତା ମଧ୍ୟ ଅଙ୍କିତ। ତାହା ହିଁ ଆଶା ଓ ବିଶ୍ୱାସର ଆଲୋକରେଖା। ତେଣୁ ସେହି ଦୃଷ୍ଟିରୁ ଏହା ଏକ କାଳଜୟୀ ଉପନ୍ୟାସ।

ଉଦୟନାଥ ଷଡ଼ଙ୍ଗୀ ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର। ସେ ଅଳକାଶ୍ରମରେ ନିବେଦିତ ହୋଇଥିଲେ ଗାନ୍ଧୀ ଆଦର୍ଶ ଉଦ୍ଦେଶ୍ୟରେ। ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ। ତାଙ୍କ ଆତ୍ମକଥାର ନାମ ହେଲା 'ଗାନ୍ଧୀ ମହାରାଜଙ୍କ ଶିଷ୍ୟ'। ପୁନଶ୍ଚ ସେ ଅନୁବାଦ କରନ୍ତି ଏକ ବିଶାଳ ଗ୍ରନ୍ଥ 'ଏକ ସହସ୍ର ଏକ ଆରବ୍ୟରଜନୀର କାହାଣୀ'। ପାରସ୍ୟର ରାଜା ସହରିୟାଙ୍କ ପ୍ରତି ତାଙ୍କ ପତ୍ନୀ ବିଶ୍ୱାସଘାତକତା କରିଥିଲେ ବୋଲି ରାଜା ପରିଣତ ହୋଇ ଯାଇଥିଲେ ନାରୀବିଦ୍ୱେଷୀ ଚରିତ୍ରରେ। ପ୍ରତିଦିନ ଜଣେ କନ୍ୟାକୁ ବିବାହ କରିବା ଏବଂ ସକାଳେ ତା'କୁ ମୃତ୍ୟୁମୁଖକୁ ଠେଲିଦେବାର କ୍ରୂରତାରେ ରାଜା ହୋଇଯାଇଥିଲେ ଅନ୍ଧ ପ୍ରତିଶୋଧ ପରାୟଣ। ମନ୍ତ୍ରୀ-କନ୍ୟା ସାହାରାଜାଦୀ ତାଙ୍କୁ ବିବାହ କରନ୍ତି। ପ୍ରତି ରାତିରେ କହନ୍ତି କାହାଣୀଟିଏ, ଅଥଚ ତାହା ରହେ ଅସମାପ୍ତ। ରାଜା ସମ୍ପୂର୍ଣ୍ଣ କାହାଣୀଟିକୁ ଶୁଣିବା ପାଇଁ ଅପେକ୍ଷା କରନ୍ତି ପ୍ରତିଦିନ। ସବୁ କାହାଣୀ ଯେତେବେଳେ ଶେଷ ହେଉଛି ସେତେବେଳେ ରାଜା ନିଜର ଭୁଲ ବୁଝିପାରିଛନ୍ତି।

ଉଦୟନାଥଙ୍କ ଅନ୍ୟାନ୍ୟ ରଚନା ବି ରହିଛି। ତାଙ୍କ ଆତ୍ମାରେ ଗୁମ୍ଫିତ ଥିଲା ମଣିଷର ମୁକ୍ତି ସକାଶେ ଯେଉଁ ଅସାମାନ୍ୟ ବ୍ୟାକୁଳତା ଓ ସଦିଚ୍ଛା, ତାହା ହିଁ ତାଙ୍କ ସାହିତ୍ୟକୃତି ସୃଷ୍ଟିର ମୂଳ ଉତ୍ସ। ସେ ଥିଲେ ପ୍ରଥମରୁ ଜଣେ ଉଚ୍ଚକୋଟୀର ଶିଶୁ ସାହିତ୍ୟିକ। ଅନୁଭବ କରିଥିଲେ ଗଭୀର ଭାବରେ ଯେ ମହାପୁରୁଷମାନଙ୍କ ଗାଥା ବା କଥିତ କାହାଣୀ ପିଲାଙ୍କ ମଧ୍ୟରେ ସୃଷ୍ଟି କରିପାରିବ ଗଭୀର ଆଲୋଡ଼ନ। ସେଥିପାଇଁ ସେ ପିଲାଙ୍କ ଆଦର୍ଶ ଜୀବନୀମାଳା ପ୍ରଣୟନ କରିଥିଲେ। ଆହୁରି ଅନେକ ପୁସ୍ତକ ସହ ସେ 'ଇଶପ କାହାଣୀ' ଆଉ 'ଜାତକ ଗଳ୍ପ'କୁ ମଧ୍ୟ ପରିବେଷଣ କଲେ ସହଜ ସୁନ୍ଦର ଓଡ଼ିଆ ଭାଷାରେ। ଏ ସମସ୍ତ ସୃଷ୍ଟି ସହିତ 'ସମାଜ'ର ବାର୍ତ୍ତା ସମ୍ପାଦକ ଭାବରେ ତାଙ୍କ ସମର୍ପିତ ଜୀବନ ଧାରାକୁ ନିରୀକ୍ଷଣ କରିବା ଦ୍ୱାରା ଏକ ମହାନ ସତ୍ୟ ଆବିଷ୍କୃତ ହୋଇଯାଏ ଯେ, ଉଦୟନାଥ ଷଡ଼ଙ୍ଗୀ ହେଉଛନ୍ତି ମାନବ-ମୁକ୍ତିର ଜଣେ ଶ୍ରେଷ୍ଠ ବାର୍ତ୍ତାବାହକ। ସେ ଜାଣିଥିଲେ ଯେ ଆଗାମୀ କାଲିର ପିଲାମାନେ ହିଁ ନେଇ ଆସିବେ ଶୁଭଙ୍କର ବାର୍ତ୍ତା। ଗୋଟିଏ କବିତାରେ ସେ ଲେଖିଛନ୍ତି - 'ଭାସିଯାଆ ମୋର ବୋଇତ ନୋହି ନିରାଶ ତିଳେ, ଆସିବ ସେ ଦିନ ପୂଜିବେ ତୋତେ ଓଡ଼ିଆ ବୀରେ / ଉଠିବ ଓଡ଼ିଶା ଆକାଶେ ବୀର ଓଡ଼ିଆ ଗାନ, ଉଡ଼ିବ ପବନ ଲହରେ ତୋର ଜୟକେତନ।' ମାନବ-ମୁକ୍ତିର ବାର୍ତ୍ତାବହ ଓ ଓଡ଼ିଶା ମାଟିର ପ୍ରଗତି-ଉଦଘୋଷକ ଭାବରେ ତାଙ୍କ ସାଧନାର ସ୍ୱାତନ୍ତ୍ର୍ୟ ସ୍ୱତଃ ଆଜି ପ୍ରତିପାଦିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା**

# ଭିଡିଓ କରିଥିବା ଛାତ୍ରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୧।୨(ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଅନ୍ୟତମ ଅଭିଯୁକ୍ତ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ହାଇକୋର୍ଟରୁ ନିରାଶ ହୋଇଛନ୍ତି। ଏହି ଆତ୍ମଦାହ ଘଟଣାର ଭିଡିଓକୁ ମୋବାଇଲ ଫୋନରେ ରେକର୍ଡ କରିଥିବା ଜ୍ୟୋତିପ୍ରକାଶ ଉକ୍ତ ମାମଲାରୁ ମୁକ୍ତ ହେବା ପାଇଁ ଦାୟର କରିଥିବା ଡିସଚାର୍ଜ ପିଟିସନକୁ ନିମ୍ନ ଅଦାଲତ ଖାରଜ କରିଥିଲେ। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ଜ୍ୟୋତିପ୍ରକାଶ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ ଏହି ଘଟଣାରେ ତାଙ୍କର କୌଣସି ଭୂମିକା ନାହିଁ। ଏଣୁ ବିଏନଏସ ଧାରା ୩(୫) ଓ ୧୦୮ରେ ତାଙ୍କ ନାମରେ ହୋଇଥିବା ମାମଲାରୁ ମୁକ୍ତ ପାଇଁ ବାଲେଶ୍ୱର ଦୌରା ଅଦାଲତରେ ଏକ ଡିସଚାର୍ଜ ପିଟିସନ ଦାୟର କରିଥିଲେ। ଯାହାକୁ ଗତ ୨୦୨୫ଡିସେମ୍ବର୨୦ରେ ଅଦାଲତ ଖାରଜ କରିଦେଇଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିବିଏସଇ ଦ୍ୱାଦଶ...

ପରୀକ୍ଷାରେ ବିଷୟ ହିସାବରେ ୪୦, ୩୨ ଏବଂ ୨୦ ପୃଷ୍ଠାର ଉତ୍ତର ଖାତା ବ୍ୟବହାର କରାଯାଇଥାଏ। ପରୀକ୍ଷା ସରିବା ପରେ ଏହି ଖାତା ଗୁଡ଼ିକୁ ଉଚ୍ଚ ସୁରକ୍ଷାରେ ସ୍କାନିଂ କରାଯିବ। ଏ ସବୁ କାର୍ଯ୍ୟ ସ୍କୁଲର କମ୍ପ୍ୟୁଟର ଲ୍ୟାବ୍‌ରେ ହିଁ ହେବ। ଡିଜିଟାଲ ଚେକିଂ ପାଇଁ ସ୍କୁଲରେ କମ୍ପ୍ୟୁଟର ଲ୍ୟାବ ବାଧ୍ୟତାମୂଳକ ହେବ। ଏଥିପାଇଁ ଶିକ୍ଷକଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବ।

### ପିଶାଚ ଶିକ୍ଷକ...

ରୋଗରେ ପୀଡିତା ମା'ଙ୍କୁ ତକିଆରେ ମୁହଁ ଚାପି ହତ୍ୟା କରିଥିଲେ। ୧୯୯୦ ଦଶକରେ ନିଜର ୯୨ ବର୍ଷୀୟ ମାଉସୀଙ୍କୁ ମଧ୍ୟ ସେ ସମାନ ଭାବେ ହତ୍ୟା କରିଥିଲେ। କାରଣ ସେ ତାଙ୍କୁ ଯାତ୍ରାରେ ଯିବାକୁ ରୋକିଥିଲେ। ସେ ନିଜର ଡାଏରୀ ଏହି ଦୁଇଟି ହତ୍ୟା ବିଷୟରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ୨୦୨୪ରେ ମେ'ରେ ସମାନ ଢଙ୍ଗର ଏକ ଘଟଣା ଘଟିଥିଲା ଓ ଦଣ୍ଡିତ ହୋଇଥିବା ଅନ୍ୟ ଜଣେ ଅପରାଧୀ ଡାକ୍ତର ଜୋଏଲ ଲେ ସ୍କୁଆର୍ନେକଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେ ହସ୍ପିଟାଲରେ ବେହସ କରି ରୋଗୀଙ୍କୁ ଦୁଷ୍କର୍ମ କରୁଥିଲେ। ସେ ୨୫ ବର୍ଷ (୧୯୮୯ - ୨୦୨୪) ମଧ୍ୟରେ ୨୯୯ ରୋଗୀଙ୍କୁ ଯୌନ ନିର୍ଯାତନା ଦେଇଥିଲେ ଓ ଏଥିରେ ଅଧିକାଂଶ ପିଲା ଥିଲେ।

### ଲୋକସଭାରେ ରାହୁଲ...

ମୋଦୀ ସରକାର ବିରୋଧରେ ରାହୁଲ ଗୋଟିଏ ପରେ ଗୋଟିଏ ଅଭିଯୋଗ କରି ଚାଲିଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ ଠିଆ ହୋଇ ରାହୁଲଙ୍କୁ ଅଟକାଇଥିଲେ। ରାହୁଲ ଆଣୁଥିବା ଅଭିଯୋଗକୁ ଖଣ୍ଡନ କରି ରିଜିଜୁ କହିଲେ ଯେ ବିରୋଧୀ ଦଳ ନେତା ଗୋଟିଏ ଅଭିଯୋଗକୁ ବାରମ୍ବାର ଦୋହରାଉଛନ୍ତି। ସେ ଆଉ ଆଗକୁ ବଢ଼ୁ ନାହାନ୍ତି। ବିରୋଧୀ ଦଳର ନେତା ହିସାବରେ ସେ ନିଜକୁ ଗୁରୁତ୍ୱ ଦିଅନ୍ତୁ। ପରବର୍ତ୍ତୀ ପ୍ରସଙ୍ଗକୁ ଯିବା ବଦଳରେ ସେ ଗୋଟିଏ କଥାକୁ ବାରମ୍ବାର ଦୋହରାଉଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ମଧ୍ୟ ଆଣିଛନ୍ତି। ରାହୁଲ ଯାହା ଅଭିଯୋଗ କରୁଛନ୍ତି ତାହାକୁ ସେ ତଥ୍ୟ ପ୍ରମାଣ ସହ ଉପସ୍ଥାପନ କରନ୍ତୁ ବୋଲି ରିଜିଜୁ ଚାଲେଞ୍ଜ କରିଥିଲେ।

ଏହି ସମୟରେ ରାହୁଲ କହିଲେ, 'ମନ୍ତ୍ରୀ ତଥ୍ୟ ପ୍ରମାଣ ମାଗୁଛନ୍ତି ଏବଂ ମୁଁ ଏବେ ଏଠାରେ ତଥ୍ୟ ପ୍ରମାଣ ଉପସ୍ଥାପନ କରିବାକୁ ଚାହୁଁଛି।' ତେବେ ଗୃହର ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ କହିଲେ, ରାହୁଲଙ୍କୁ ତଥ୍ୟ ପ୍ରମାଣ ଦେବା ଦରକାର ନାହିଁ। କେନ୍ଦ୍ର ମନ୍ତ୍ରୀ ପ୍ରମାଣ ମାଗିଛନ୍ତି, ଅଧ୍ୟକ୍ଷ ମାଗି ନାହାନ୍ତି।

ଅନ୍ୟପକ୍ଷରେ ସଂସଦ ବାହାରେ ଏକ ସାମ୍ବାଦିକ ସମ୍ମିଳନୀରେ ରିଜିଜୁ କହିଛନ୍ତି ଯେ ଲୋକସଭାରେ ଭିତ୍ତିହୀନ ଅଭିଯୋଗ କରିବା ସହିତ ରାହୁଲ ଗାନ୍ଧୀ ଗୃହକୁ ବିଭ୍ରାନ୍ତ କରୁଛନ୍ତି। ଏଥିପାଇଁ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦିଆଯିବ। ନିୟମ ଅନୁଯାୟୀ ଗୃହରେ ଜଣେ ସଭ୍ୟ ଅନ୍ୟ ଜଣେ ସଭ୍ୟଙ୍କ ବିରୋଧରେ ଅଭିଯୋଗ ଆଣିଲେ, ଏହାର ତଥ୍ୟ ପ୍ରମାଣ ଦେବାକୁ ପଡ଼ିବ। ରାହୁଲ ଗୃହରେ ଯାହା କହିଛନ୍ତି, ତାହାକୁ ସଂସଦର ରେକର୍ଡରୁ ବାଦ୍ ଦେବାଲାଗି ସରକାର ବାଚସ୍ପତିଙ୍କୁ ଅନୁରୋଧ କରିବେ। ସେ କହିଲେ ଯେ ଭାରତ ଓ ଭାରତୀୟଙ୍କ ସ୍ୱାର୍ଥକୁ ବିକି ଦିଆଯାଇଛି ବୋଲି ରାହୁଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। କେଉଁ ତଥ୍ୟ ଆଧାରରେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ବିରୋଧରେ ରାହୁଲ ବିନା ନୋଟିସରେ ଗୁରୁତର ଅଭିଯୋଗ ଆଣିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

### ଆମେରିକାରୁ ଅଶୋଧିତ...

ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଭେନେଜୁଏଲାରୁ ପ୍ରାୟ ୪ ନିୟୁତ ବ୍ୟାରେଲ ତେଲ କିଣିଛନ୍ତି। ଅନ୍ୟପକ୍ଷରେ ଘରୋଇ ତୈଳ କମ୍ପାନୀ ରିଲାଏନ୍ସ ୨୦୨୫ ମଧ୍ୟଭାଗ ପରେ ପ୍ରଥମ ଥର ପାଇଁ ଭେନେଜୁଏଲାରୁ ତେଲ କିଣିଛି। ଭାରତୀୟ ରିଫାଇନେରୀଗୁଡିକ ପ୍ରତିବର୍ଷ ଆମେରିକାରୁ ପ୍ରାୟ ୪ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରିପାରିବେ। ମାତ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଏହି ବିଷୟରେ ଆନୁଷ୍ଠାନିକ ଭାବରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଆମେରିକା ୨୦୧୯ ରେ ଭେନେଜୁଏଲା ଉପରେ ପ୍ରତିବନ୍ଧକ ଲଗାଇବା ପରେ ଭାରତ ସମେତ ଅନେକ ଦେଶ ଭେନେଜୁଏଲା ତେଲ କିଣିବା ବନ୍ଦ କରିଦେଇଥିଲେ।

### ମରିଗଲା ରାଜ୍ୟର...

ଅପେକ୍ଷାକୃତ ଅନୁନ୍ନତ ସହରରେ ମେଟ୍ରୋ ସେବା ଆରମ୍ଭ ହୋଇଛି। ଦକ୍ଷିଣ ଭାରତରେ କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ତେଲେଙ୍ଗାନାରେ ପ୍ରାୟ ୨୫୧ କିଲୋମିଟର ବିଶିଷ୍ଟ ନୂଆ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ପୂର୍ବରୁ ଉପରୋକ୍ତ ୪ ରାଜ୍ୟରେ ୨୪୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇଛି। ଭୁବନେଶ୍ୱର ଓ କଟକ ସହରରେ ପ୍ରଦୂଷଣ ଏବେ ଉତ୍କଟ ହେବାରେ ଲାଗିଛି। ତେଣୁ ମେଟ୍ରୋ ଚଳାଚଳ ପ୍ରଦୂଷଣ ରୋକିବାରେ ଅନେକାଂଶରେ ସହାୟକ ହୋଇଥାଆନ୍ତା। ଏହି ସମୟରେ ରାଜ୍ୟ ସରକାରଙ୍କ ସାଧାରଣ ପରିବହନ ସେବା କୁହାଯାଉଥିବା ମେଟ୍ରୋ ଅନାଗ୍ରହ ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି।

ସରକାରଙ୍କ ଯୁକ୍ତି ଅନୁଯାୟୀ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଏବଂ ସୁପାରିଶ ଆଧାରରେ ସରକାର ଆଗାମୀ ଦିନରେ ଅନ୍ତିମ ସିଦ୍ଧାନ୍ତ ନେବେ। ତେବେ ରାଜ୍ୟ ସରକାରଙ୍କୁ ଇତିମଧ୍ୟରେ ୧୯ ମାସ ବିତିଲାଣି। ସରକାର ଗଠନ କରିଥିବା ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ସ୍ଥିତି କଣ, ଏହା କେତେଥର ବୈଠକ କରିଛି, ଏଯାବତ୍ କେଉଁ ନିଷ୍କର୍ଷରେ ପହଞ୍ଚିଛି, ସେନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ମିଳୁନାହିଁ। ସରକାର ପ୍ରାରମ୍ଭରୁ କହିଥିଲେ ଯେ ଭୁବନେଶ୍ୱରରେ କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ମାତ୍ର ଦେଶର ଅନେକ ଗୁଡ଼ିଏ ରାଜ୍ୟ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ନିକଟରେ ଦାବି ରଖିଥିବା ବେଳେ ଓଡ଼ିଶା ପକ୍ଷରୁ ସେପରି କୌଣସି ବିଧିବଦ୍ଧ ଭାବେ ଦାବି ଉପସ୍ଥାପନ କରା ନ ଯିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛି। ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ଭୁବନେଶ୍ୱର-କଟକରେ ଲୋକସଂଖ୍ୟା ପ୍ରାୟ ୨୫ ଲକ୍ଷ ହୋଇଥିବା ବେଳେ ଏହି ଟ୍ୱିନ୍ ସିଟିରେ ମେଟ୍ରୋ ଚଳାଚଳ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଯଦି ସରକାରଙ୍କ ପାଖରେ ଅର୍ଥର ଅଭାବ ଅଛି, ତାହେଲେ କେନ୍ଦ୍ର ସହ ମିଳିତ ସହଭାଗିତାରେ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇପାରନ୍ତେ। ସରକାର ତାହା ବି କରୁନାହାନ୍ତି। ସାଧାରଣ ପରିବହନ ସେବା ପାଇଁ ରାଜ୍ୟ ସରକାର ଗୁଡ଼ିକ ଏବେ ମେଟ୍ରୋ ରେଳ ସେବାକୁ ପ୍ରାଧାନ୍ୟ ଦେଉଛନ୍ତି। ଏପରିସ୍ଥଳେ ଯଦି ସବୁ ଯୋଗ୍ୟତା ଥାଇ ଭୁବନେଶ୍ୱରରେ ସାଧାରଣ ମେଟ୍ରୋ ସେବା ଆରମ୍ଭ ହୋଇନପାରେ, ତାହେଲେ ଏହାଠାରୁ ବଡ଼ ଦୁର୍ଭାଗ୍ୟଜନକ କଥା ଆଉ କିଛି ହୋଇନପାରେ।

### ରୋମାଞ୍ଚ ଭରିଦେଲା...

ଏହାପରେ ପ୍ରଥମ ସୁପର ଓଭର ଖେଳାଯାଇଥିଲା। ଏଥିରେ ଆଫଗାନିସ୍ତାନ ୧୭ ରନ କରିଥିବାବେଳେ ଆଫ୍ରିକା ମଧ୍ୟ ଗୋଟିଏ ୱିକେଟ୍ ହରାଇ ସମାନ ସ୍କୋର କରିବାକୁ ସମର୍ଥ ହୋଇଥିଲା। ପରେ ଦ୍ୱିତୀୟ ସୁପର୍ ଓଭରର ସହାୟତା ନିଆଯାଇଥିଲା। ଏଥିରେ ଦକ୍ଷିଣ ଆଫ୍ରିକା ୬ଟି ବଲରେ ୨୩ ରନ କରିଥିଲା। ୨୪ ରନକୁ ପିଛା କରିଥିବା ଆଫଗାନିସ୍ତାନ ଗୋଟିଏ ୱିକେଟରେ ୧୯ ରନରେ ଅଟକିଯାଇଥିଲା। ରହମନୁଲ୍ଲା ଗୁରବାଜ କ୍ରମାଗତ ୩ଟି ଛକା ମାରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ।

### ହାଇୱା ଧକ୍କାରେ...

ବିପିନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ବାସୁଦେବ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ହାଇୱା ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଦୁର୍ଘଟଣା ଘଟାଇଥିବା ହାଓ୍ୱାକୁ ଚିହ୍ନଟ ପାଇଁ ଦାବି କରି ମୃତକଙ୍କ ପରିବାର, ସମ୍ପର୍କୀୟ ରାସ୍ତା ଅବରୋଧ କରିଛନ୍ତି। କଳମପୁର ଥାନା ଅଧିକାରୀ ବିଶମ୍ବର କହଁର, ଏସ୍‌ଆଇ ଶିବ ଶଙ୍କର ମହାନ୍ତି, କୁଟ୍ରଫାଣ୍ଡି ଅଧିକାରୀ ଅସିତ୍ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାପର୍ଯ୍ୟନ୍ତ ଶବ ରାସ୍ତା ଉପରେ ପଡି ରହିଥିବା ବେଳେ ଚାପା ଉତ୍ତେଜନା ଦେଖାଦେଇଛି।

### ବାଇକ୍ ଦୁର୍ଘଟଣାରେ...

ଦୁଇ ଯୁବକଙ୍କୁ ଉଦ୍ଧାର କରି ଥୁଆମୂଳ ରାମପୁର ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ଜଣେ ଯୁବକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତ ଯୁବକ ଜଣକ ଡୁମେରପଦର ଗ୍ରାମର କେଶବ ମାଝୀ (୨୨) ବୋଲି ଜଣାପଡ଼ିଥିବାବେଳେ, ଗୁରୁତର ଆହତ ଯୁବକ ସାନଦେର୍ଲା ଗ୍ରାମର ବିନୋଦ ରାଉତ (୨୦)କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ହେଲେ ସେଠାରେ ବିନୋଦର ମୃତ୍ୟୁ ଘଟିଛି।

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-Watering-316-26

**କାର୍ଯ୍ୟର ନାମ :** ଦୁଇ ବର୍ଷ (730 ଦିନ) ପାଇଁ ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ମନୋନୀତ କୋଚିଙ୍ଗ ଟ୍ରେନ୍ ଗୁଡ଼ିକରେ ଜଳ ଯୋଗାଣ।

**ବିଜ୍ଞାପିତ ମୂଲ୍ୟ :** ₹ 3,18,12,192.92, EMD : ₹3,09,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.02.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.02.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍
PR-1114/Q/25-26

---

**AFFIDAVIT**

I, Narayana Acharya, S/o- Himanshu Acharya resident of At- Maraikel, Po.- Tungibandhali, Ps.- Sohela, Dist.- Bargarh, Odisha, PIN- 768033 state vide this affidavit no.02 dtd.4.02.2026 that, I have changed my minor Son's name from **Dinesh Acharya** to **Dibyansh Acharya**. Henceforth he shall be known as **Dibyansh Acharya** for all future purposes.

Sd/- Narayana Acharya

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 17.12.2025, **I, Padmabati Chattar**, Address Village-Bhramarposi, PO-Bramarposi, PS- Raruan, Dist-Mayurbhanj, Pin-757039 declare that I have changed my name from Ambika Chatar to Padmabati Chattar. Henceforth, I shall be known as **Padmabati Chattar** for all purposes.

**Padmabati Chattar**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 28/07/2025, I **DILLIP NAYAK**, S/o Late Maga Nayak resident of Village At-Gelapur, Po- Gopinathpur, Ps-Dhauli, Bhubaneswar Dist-Khurda, Odisha, Pin- 751002 declare that I have changed my name from **DILLIP BHOI** to **DILLIP NAYAK**. Henceforth, I shall be known as **DILLIP NAYAK** for all purposes.

**Sd- DILLIP NAYAK**

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 30.01.2026, **I, Sunil Kumar Soy**, Address Village- Saradha, PO- Haldia, PS- Raruan, Dist-Mayurbhanj, Pin-757039 declare that I have changed my name from Sunil Shaya to Sunil Kumar Soy. Henceforth, I shall be known as **Sunil Kumar Soy** for all purposes.

**Sunil Kumar Soy**

**AFFIDAVIT**

By virtue of an Affidavit before Notary Public, Malkangiri, I Gadi Satyanarayan, aged about 30 Years, S/o: Gadi Basu, resident of Village/PO./ PS: Kalimela, Dist.: Malkangiri, Odisha, declare by this Affidavit No.: 296/2026, Dated: 10/02/2026 that I have changed my name from G. Satyanarayan to **Gadi Satyanarayan**. Henceforth I shall be known as **Gadi Satyanarayan** for all future purposes.

**AFFIDAVIT**

By virtue of an affidavit Notary Public, Sonepur, dtd. 10.02.2026, I, Iswar Bhue, S/o Kangalu Bhue, resident of Village Biseswarpali, P.O. Matapali, P.S. Lachhipur, District Subarnapur (Sonepur), Odisha, do hereby declare that I have changed the name of my minor daughter from Dabyajoti Bhue to Nabya Bhue.Henceforth, she shall be known and identified as **Nabya Bhue** for all purposes.

**Iswar Bhue**

**AFFIDAVIT**

By virtue of an affidavit before the Executive Magistrate, Saintala, on dated- 10/02/2026. I, **Laxmipriya Mohapatra,** aged about 38 years, D/O- Sarbeswar Mohapatra, W/O- Dambarudhar Mohapatra, resident of Village: Chindaguda, PO: Chindaguda, PS: Nuapada, Dist: Nuapada, Odisha declare that, as per my parental house my name was **Sushama Mohapatra** which is mentioned in my educational documents & my ROR of H.No. 71/642 of Mouza: Phapsi, PS: Saintala, PS No.107 stand recorded in my name & other testimonial document. That, after married to Dambarudhar Mohapatra I adopt my law house name **Laxmipriya Mohapatra** which is mentioned my my Aadhaar Card vide No. 8548 0353 7658 & other testimonial documents. Henceforth, I shall be known as **Laxmipriya Mohapatra** for all future purposes.

**Laxmipriya Mohapatra**

**AFFIDAVIT**

By virtue of an Affidavit before Notary Public, Malkangiri, I Manju Raba , aged about 23 Years, W/o: Bhima Raba, resident of Village: Tigal, PO.: Nalagunthi, P.S.: M.V.-79, Dist.: Malkangiri, Odisha, declare by this Affidavit No.: 240/2026, Dated: 11/02/2026 that I have changed my name from Manju Madkami to Manju Raba. Henceforth I shall be known as Manju Raba for all future purposes.

**AFFIDAVIT**

I, **Sanjukta Sahu**, W/o: Late Jitendra Sahu, Permanent/ Currently resident At/PO: Jarasingha, PS: Angul Sadar, Dist.: Angul, Odisha-749143, declare by this **Affidavit No.: 631, dated: 10.02.2026** that now onwards my minor daughter will be known as **Payal Sahu** for all future purposes.

**AFFIDAVIT**

By virtue of an affidavit sworn before bearing affidavit no 2621, Executive Magistrate Subarnapur, dated 03/02/2026, I, Bikash Mishra resident of Subalaya, Dist- Subarnapur declare that I have changed my daughter's name from Mamisha Mishra to Manisha Mishra Henceforth, she shall be known as **Manisha Mishra** for all purposes.

**AFFIDAVIT**

**I, Durga Prasanna Sahu,** S/o- Kalpataru Sahu, residing At: B-106, Plot No.: 1341/75, Mahanadi Vihar, PO: Nayabazar, Dist.: Cuttack, PIN-753004, Odisha declare by this Affidavit No.: 1827, dated 19.01.2026 that now onwards I shall be known as **Durga Prasan Sahu** for all future purposes.

**AFFIDAVIT**

I, Namatullah, aged about 25 years, S/o- Shamim Alam, resident of At Ward No.21, Hasanpur Urdu School, Mahtab Road, PO- Plant Site, Rourkela, Dist- Sundargarh, Odisha, PIN- 769001 declared by this affidavit No. 272, dtd- 09/02/2026 that now onwards I shall be known as **MUHAMMAD NEMATULLAH ALAM** for all future purposes.

**AFFIDAVIT**

I, Himanshu Chandra Sahoo aged about 59 years, S/o- Ratnakar Sahoo, resident of Mathasahi, Kanti Vihar, Saikrupa Nivas, Bhadrak, PIN- 756100, Odisha declared by this affidavit No. 523, dated- 11/02/2026 that now onwards I shall be known as **HIMANSU CHANDRA SAHOO** for all future purposes.

**AFFIDAVIT**

I, Bijay Sinha, aged about 42 years, S/o- Brajendra Prasad Sinha, resident of At- Mandua, Ps- Keonjhar Town, Dist- Keonjhar, Pin- 758001, Odisha do hereby declare by this affidavit No. 881, dtd- 17/09/2024, that now onwards I shall be known as **BIJAY KUMAR SINHA** for all future purposes

**AFFIDAVIT**

I, Abdul Rafique, aged about 75 years, S/o- Haji Yeasin Ali, resident of At- MIG-3/385, Satyasai Enclave, Khandagiri, Bhubaneswar, Pin- 751030, Odisha do hereby declare by this affidavit No.281, dtd- 10/02/2026, that now onwards I shall be known as **ABDUL RAFIQUE MOHAMMED** for all future purposes.

---

OFFICE OF THE SR. GENERAL MANAGER (ELECTRICAL) 32001/79/2526
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bholnagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

OHPC ISO 9001-14001 18001 Certified

**NOTICE INVITING TENDER No. UIHEP-50/2025-26 DATE 06.02.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firm / reputed service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Painting of outer metallic surface of 4 Nos. of B/F Valve and it's auxiliaries of UIHEP, Mukhiguda. | 2,360/- (inclusive of GST) | 2,080/- | From 13.02.2026 to 26.02.2026 up to 12.00 Hrs | 26.02.2026 (up to 13:00 Hrs) | 26.02.2026 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda
OIPR-32001/32136/1/25-26/0037

---

13001/193/2526

HOUSING AND URBAN DEVELOPMENT DEPARTMENT
**OFFICE OF THE BARGARH MUNICIPAL COUNCIL: BARGARH**
AT/PO/DIST.-BARGARH, PIN-768028

***Invitation for Bids***
BID IDENTIFICATION No.-05/BGH-MUN/2025-26

| | | |
|---|---|---|
| 1 | Nature of Work | Civil |
| 2 | No. of Work | 136 nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 16.00 Hrs Dt. 07-02-2026 to 17.00 Hrs Dt. 17-02-2026 |
| 7 | Date of Opening of Bid | Dt. 18-02-2026 11.00 hrs |

The bidders have to participate in ONLINE bidding only. Further details can be seen from the website i.e., http://tenderodisha.gov.in any addendum/corrigendum/cancellation of tender can also be seen only in the said website.

Executive Officer
Bargarh Municipality
OIPR-13001/13103/1/25-26/0001

---

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-WK-154 (Vol-II)/901 Date 06.02.2026
**e-TENDER CALL NOTICE NO. HHEP-09/2026** 4001/14/2526

Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal https://tendersodisha.gov.in. Bidders can participate either for the single or both work

| Sl. No | Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Date & time of opening of tender (online) | Class of contractor |
|---|---|---|---|---|---|---|
| 1 | Back side grill extension of 05 Nos. of F type quarters of HHEP, Burla | 12,78,825/- | Rs. 7080/- (Rs. 6000 /- + GST 18%) | 12800/- | 23.02.2026 at 04.00PM | 'D' & 'C' |
| 2 | Renovation of PH Welfare club of HHEP, Burla | 44,33,051/- | Rs. 7080/- (Rs. 6000 /- + GST 18%) | 44400/- | 23.02.2026 at 04.30PM | B |

- Sale of tender paper (Sl. No. 1 & 2): 09.02.2026 (11.00AM) to 23.02.2026 upto 03.00PM
- Receipt of tender paper(Sl. No. 1 & 2): 23.02.2026 upto 03.00PM
- Further details can be seen from the e-procurement portal https://tendersodisha.gov.in www.ohpcltd.com

OIPR-4001/4007/1/25-26/0007 Unit Head, HHEP, Burla

---

32001/77/2526

**GOVERNMENT OF ODISHA,**
**DEPARTMENTOF WATER RESOURCES**
Office of the Superintending Engineer,
Mechanical Division, Bhubaneswar.
Email Address: smdivisionbbsr@yahoo.com

e-Procurement Tender Call Notice No.- SE/MDB-24/W/2025-26

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 03 (Three) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | ₹ 7,36,172/-.00 to ₹ 7,44,817.00 |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | Refer to DTCN |
| 8. | Date & time of availability of bid documents in the Portal | : | From dt.13.02.2026 (10.00 AM) to dt.23.02.2026 (3.30 PM) |
| 9. | Last date/ time for receipt of bid in the Portal | : | dt.23.02.2026 (up to 3.30 PM) |
| 10. | Date and Place of opening of Bid | : | dt.23.02.2026 (4.00 PM onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Superintending Engineer
Mechanical Division,
Bhubaneswar
OIPR-32001/32481/1/25-26/0001

---

ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ମୋବାଇଲ ଆପ – କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୨.୦୨.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ, ବର୍ତ୍ତମାନ ଫସଲ ବର୍ଷ ୨୦୨୫- ୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପାଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ। ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

---

**OFFICE OF THE PRINCIPAL**
**LAXMINARAYAN HIGHER SECONDARY SCHOOL**
E-Mail ID: : lnmvkodala84@gmail.com
(Erstwhile Laxminarayan Mohavidyalaya)
Prafulla Bihar, KODALA 761033 (GANJAM)

**QUOTATION CALL NOTICE**

Sealed quotations are invited from the intending dealers/suppliers having valid GST and PAN for the items:Interactive panel with all accessories.Lab equipments of science and computers.All the quotations should reach the office of the Principal, L.N.H.S.S., Kodala within 7 days from the date of publication by hand or post by 12 Noon.The sealed quotation will be opened on the 7th day of the publication at 4.00 PM at L.N.H.S.S., Kodala.The authority reserves the right to accept or reject quotations/orders without assigning any reason thereof.
N.B.: For any details/specifications may contact Mob. No. 9439525211 and7978160440.

Sd/- Principal
L.N.H.S.S., Kodala, Ganjam

---

GOVERNMENT OF ODISHA 24001/14/2526
OFFICE OF THE SUPERINTENDING ENGINEER
NATIONAL HIGHWAY DIVISION, BERHAMPUR
Email Id- eenhbam@gmail.com
INVITATIONS FOR BIDS(IFB) {e-Procurement}
Bid Identification No. SE-NH-BAM/11/2025-26
No. 761 / Dated 06.02.2026

1) The SUPERINTENDING ENGINEER, N.H.DIVISION, BERHAMPUR on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road work as detailed in the table below.
2) Nature of Work : Road (Bridge)
3) No of Work : 1 No.
4) Tender Cost : Rs 6000 /-
5) Class of Contractor : 'B' Class and 'C' Class.
6) Availability of Bid document in portal : 11.00 AM of 16.02.2026 to 05.30 PM of 05.03.2026
7) Date of Opening of Bid : 06.03.2026 at 11:30 AM
8) The bidders have to participate in ONLINE bidding only. Further details can be seen from the website https://tenderssorissa.gov.in
9) Any Corrigendum/Addendum/Cancellation of will be displayed in the e-tender website only.

OIPR-24001/24415/1/25-26/0008
Superintending Engineer,
NH Division, Berhampur

---

OFFICE OF THE ROURKELA MUNICIPAL CORPORATION: ROURKELA
**INVITATION FOR BID** 13001/159/2526
No. 1751 / Dated 06.02.2026
Bid Identification No.: MC/RMC/13/2026

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification **No. MC/RMC/13/2026** for **03** nos. Electrical work with value of **Rs. 8.29 lakh to 24.74 Lakh.**

1. Bid documents will be available in website www.tendersorissa.gov.in from **07.02.2026.**
2. Bids must be submitted on "online" on or before **19.02.2026 by 17.00 hours.**
3. Bids shall be opened at 11.00 hours on **20.02.2026** in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

OIPR-13001/13131/1/25-26/0034
MUNICIPAL COMMISSIONER,
ROURKELA MUNICIPAL CORPORATION

---

32001/71/2526 email Id: - eecanalbgh11@gmail.com

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
BARGARH IRRIGATION DIVISION, BARGARH
e-Procurement Notice No.BID-09 /2025-26 dt.10.02.2026
Bid Identification No. BID-09 (01) / 2025-26(Online)

| | | | |
|---|---|---|---|
| 1. | Name of the work | : | Shifting of LT and 11 KV line and Substation for Construction of River Embankment cum Ring Road on the Left Bank of River Jeera from Sai Mandir to Ruhunia, Bargarh. |
| 2. | Total No. of works | : | 1 No. |
| 3. | Estimated Cost | : | Rs. 11.31 Lakh (approx) |
| 4. | Class of Contractor | : | D & C with HT License |
| 5. | Period of completion | : | 30 (Thirty) days |
| 6. | EMD Required | : | Rs. 11,400 |
| 7. | Online for bidding | : | Dt.17.02.2026 at 10:00 A.M to 26.02.2026 at 05:00 P.M |
| 8. | Last Date & Time of seeking of tender clarification | : | Dt.24.02.2026 upto 01:00 P.M. |
| 9. | Date & time of opening of tender | : | Dt. 27.02.2026 at 11.00 A.M. |
| 10. | Name & Address of the Officer inviting bid | : | Superintending Engineer, Bargarh Irrigation Division, Bargarh – 768028 Email id: - eecanalbgh11@gmail.com |

1. Any addendum/ corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in

Superintending Engineer
Bargarh Irrigation Division, Bargarh
OIPR-32001/32461/1/25-26/0001

## ବିଚ୍ଛିନ୍ନ ପରିବାରଙ୍କ ଆଶାର ଆଲୋକ 'ସ୍ନେହ ସେତୁ' ଅଭିଯାନ

# ଘରକୁ ବାହୁଡିଲେ ନିଖୋଜ ପୁତୁଲ ମାର୍ଡି

**ଝାରସୁଗୁଡ଼ା, ୧୧।୨(ସମିସ)**

ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ ଏବେ ଅନେକ ବିଚ୍ଛିନ୍ନ ପରିବାର ପାଇଁ ଆଶାର ଆଲୋକ ସାଜିଛି। ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନଙ୍କ ମାନବୀୟ ଆଭିମୁଖ୍ୟ ଯୋଗୁଁ ଆଜି ଜଣେ ନିଖୋଜ ବ୍ୟକ୍ତି ନିଜ ପରିବାରକୁ ଫେରିଛନ୍ତି। ସେହେଲେ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଅଞ୍ଚଳରେ ନିଖୋଜ ହୋଇ ବାଟବଣା ହୋଇଥିବା ପୁତୁଲ ମାର୍ଡି। ସେ ଆଜି ନିଜ ଭାଇଙ୍କ ସହ ଘରକୁ ଫେରିଛନ୍ତି। ଗତ ଫେବୃଆରୀ ୧ ତାରିଖରେ ଟାଉନ ପୁଲିସ ଦ୍ୱାରା ସୁନାରୀମୁଣ୍ଡା ଅଞ୍ଚଳରୁ ଉଦ୍ଧାର ହୋଇଥିବା ପୁତୁଲଙ୍କୁ ତାଙ୍କ ପରିବାର ସହ ପୁନଃମିଳନ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଖୋଜିବା ଆରମ୍ଭ କରିଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀମାନେ ଝାଡ଼ଖଣ୍ଡ ପ୍ରଶାସନ ସହ ଯୋଗାଯୋଗ କରି ପୁତୁଲଙ୍କ ପରିବାରର ସନ୍ଧାନ ପାଇଥିଲେ। ଆଜି ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



## ସମ୍ବର୍ଦ୍ଧନା ଜଣାଇ ପରିବାରକୁ ହସ୍ତାନ୍ତର କଲା ପ୍ରଶାସନ

## ୪ ବର୍ଷ ପରେ ପରିବାରକୁ ଫେରିଲେ ସବା ନୁର

**ଝାରସୁଗୁଡ଼ା, ୧୧।୨(ସମିସ):** ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ ଯୋଗୁଁ ଉତ୍ତରପ୍ରଦେଶର ସବା ନୁର ନାମ୍ନୀ ଜଣେ ମହିଳା ଦୀର୍ଘ ୪ ବର୍ଷ ପରେ ନିଜ ପରିବାରକୁ ଫେରିଛନ୍ତି। ସୂଚନାନୁଯାୟୀ, ସବା ନୁରଙ୍କୁ ସମ୍ବଲପୁରର ହୀରାକୁଦ ପୁଲିସ ଉଦ୍ଧାର କରିବା ପରେ ଝାରସୁଗୁଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଯତ୍ନ ନିଆଯାଉଥିଲା। ସେଠାରେ ତାଙ୍କୁ ଆବଶ୍ୟକୀୟ କାଉନସେଲିଂ ପ୍ରଦାନ କରାଯିବା ସହ ତାଙ୍କ ଘରର ଠିକଣା ଖୋଜିବା ପାଇଁ 'ସ୍ନେହ ସେତୁ' ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସବାଙ୍କ ପରିବାର ସଦସ୍ୟମାନେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଏକ ଭାବପୂର୍ଣ୍ଣ ପରିବେଶରେ ଜିଲ୍ଲାପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ ହସ୍ତାନ୍ତର କରାଯାଇଛି। ଦୀର୍ଘ ୪ ବର୍ଷର ଅପେକ୍ଷା ପରେ ତାଙ୍କୁ ପାଖରେ ପାଇ ପରିବାର ଲୋକେ ପ୍ରଶାସନ ଓ 'ସ୍ନେହ ସେତୁ' ଅଭିଯାନକୁ କୃତଜ୍ଞତା ଜଣାଇଛନ୍ତି।



# ଧୁତରା ଷ୍ଟେସନରେ ଦିବ୍ୟାଙ୍ଗଙ୍କୁ ମିଳୁନି ରିହାତି ଟିକଟ୍

**ଝାରସୁଗୁଡା, ୧୧।୨(ସମିସ):** ଦକ୍ଷିଣ ପୂର୍ବ ହାୱାଡା ବମ୍ବେ ରେଳପଥ ଚକ୍ରଧର ଡିଭିଜନ ଧୁତରାଷ୍ଟେସନରେ କମ୍ପ୍ୟୁଟରରେ ସହଜ ସରଳ ଉପାୟରେ ଟିକଟ ମିଳୁଛି। କିନ୍ତୁ କୌଣସି ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ରିହାତି ଟିକଟ ମିଳିବାର ଏଠାରେ ବ୍ୟବସ୍ଥା ନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଦିବ୍ୟାଙ୍ଗ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ରାଉରକେଲାରୁ ଧୁତରାକୁ ରିହାତି ଦରରେ ଟିକଟ ନେଇ ଟ୍ରେନରେ ଯାତାୟାତ କରୁଛି। କିନ୍ତୁ ଧୁତରାରୁ ରାଉରକେଲାକୁ ଯିବା ସମୟରେ ରିହାତି ଦରରେ ଟିକଟ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଷ୍ଟେସନ ଷ୍ଟାଫଙ୍କୁ ପଚାରିଲେ, ଧୁତରା ଏକ ଛୋଟିଆ ଷ୍ଟେସନ, କେବଳ ଲୋକାଲ ଟ୍ରେନଗୁଡିକର ରହଣୀ ଅଛି, ଲୋକାଲ ଟ୍ରେନରେ ଦିବ୍ୟାଙ୍ଗ ପାଇଁ କୌଣସି ସ୍ୱତନ୍ତ୍ର ବଗି କି ସ୍ୱତନ୍ତ୍ର ବ୍ୟବସ୍ଥା ରହୁ ନ ଥିବା କହିବା ସହ ଧୁତରା ଷ୍ଟେସନରୁ ଦିବ୍ୟାଙ୍ଗ ପାଇଁ କୌଣସି ରିହାତି ଟିକଟର ସିଷ୍ଟମ ନାହିଁ ବୋଲି ଶୁଣିବାକୁ ମିଳୁଥିବା ଦିବ୍ୟାଙ୍ଗ ଯାତ୍ରୀ କହିଛନ୍ତି। ଯାହାଫଳରେ ରାଉରକେଲାରୁ ଧୁତରା ଆସି ପୁଣି ଫେରିବା ବେଳେ ପୂର୍ଣ୍ଣ ମାତ୍ରାରେ ୫୦ ଟଙ୍କା ମୂଲ୍ୟର ଟିକେଟ ନେଇ ରେଳଯାତ୍ରା କରିବାକୁ ବାଧ ହେଉଛନ୍ତି। ଇଂରେଜ ଅମଳରୁ ତିଆରି ଧୁତରା ଷ୍ଟେସନଟିର ବର୍ତ୍ତମାନ ସୁଦ୍ଧା ଅବ୍ୟବସ୍ଥା ଘେରରେ ରହିଛି। ପିଇବା ପାଣି, ବସିବା ପାଇଁ ସିଟ, ସନ୍ଧ୍ୟାରେ ସଠିକ ବିଜୁଳି ଆଲୁଅର ବ୍ୟବସ୍ଥା ନାହିଁ। ଧୁତରା ଷ୍ଟେସନ ନିକଟସ୍ଥ ଅଲଟ୍ରାଟେକ୍ ସିମେଣ୍ଟ କାରଖାନାରୁ ମାସକୁ ୫ କୋଟିରୁ ଊର୍ଦ୍ଧ୍ୱ ରେଳ ବିଭାଗକୁ ରାଜସ୍ୱ ଯାଉଥିବା ସତ୍ତ୍ୱେ ଧୁତରା ଷ୍ଟେସନଟି ଅବହେଳିତ, ଜର୍ଜରିତ ଅବସ୍ଥାରେ ରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନରୁ ରେଳଲାଇନ ଗୁଡ଼ିକ ନିର୍ମାଣଧୀନ ଅବସ୍ଥାରେ ଥିବାର କାରଣ ଦର୍ଶାଇ ପ୍ଲାଟଫର୍ମ ଗୁଡ଼ିକ ଅବ୍ୟବସ୍ଥାରେ ପଡ଼ି ରହିଛି। ଦିବ୍ୟାଙ୍ଗଙ୍କ ସମେତ ସାଧାରଣ ଲୋକେ ମଧ୍ୟ ଏହି ଷ୍ଟେସନରୁ ଯାତାୟାତ ସମୟରେ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ନଜିର ରହିଛି। ଏଥିପ୍ରତି ରେଳ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।



# ଘର ଉପରକୁ ମାଡିଗଲା ବରଯାତ୍ରୀ ବସ୍

**ରିଆମାଳ, ୧୧।୨(ସମିସ):** ରିଆମାଳ ଥାନା ତେନ୍ତଲାବାହାଳ ପଞ୍ଚାୟତ ବିଲେଇନାଳୀ ଗ୍ରାମରେ ଆଜି ସକାଳୁ ଏକ ବରଯାତ୍ରୀ ବସ୍ ଭାରସାମ୍ୟ ହରାଇ ଏକ ଘର ଉପରକୁ ମାଡିଯାଇଥିଲା। ଏଥିରେ କାନ୍ଥ ପଡ଼ି ଜଣେ ମହିଳା ଆହାତ ହୋଇଛନ୍ତି। ସୂଚନା ଅନୁସାରେ ମା' ନାମକ ଏକ ଘରୋଇବସ୍ ରିଆମାଳ ଥାନା ଚିଙ୍ଗୁଡ଼ିଝରଣ ଗ୍ରାମରୁ ବରଯାତ୍ରୀ ନେଇ ବଡ଼ରମା ସ୍ଥିତ କଦଳୀପାଳ ଗ୍ରାମକୁ ଯାଉଥିଲା। ବିଲେଇନାଳୀ ଗ୍ରାମରେ ଭାରସାମ୍ୟ ହରାଇ ହଠାତ ରାସ୍ତା କଡରେ ଥିବା କୃଷ୍ଣଚନ୍ଦ୍ର ଧାଙ୍ଗରଙ୍କ ଘର ମଧ୍ୟକୁ ବସ୍‌ଟି ପଶିଯାଇଥିଲା। ବସ୍ ଧକ୍କା ଦେବା ଫଳରେ କୃଷ୍ଣଚନ୍ଦ୍ରଙ୍କ ରୋଷେଇ ଘରର ଇଟା କାନ୍ଥ ଭାଙ୍ଗି ଯାଇଥିବା ବେଳେ ସେଠାରେ ଥିବା ଜଣେ ମହିଳା ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଲେ କୃଷ୍ଣଚନ୍ଦ୍ରଙ୍କ ଭଉଣୀ ଅର୍ଥାତ୍ ନିକଟସ୍ଥ ଟିକିଲିଝରଣ ଗ୍ରାମର ଇନ୍ଦୁ ମୁଣ୍ଡା(୩୫)। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। କୃଷ୍ଣଚନ୍ଦ୍ରଙ୍କ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ଶୁଦ୍ଧି କାର୍ଯ୍ୟକ୍ରମ ପାଇଁ ଇନ୍ଦୁ ବାପାଙ୍କ ଘରକୁ ଆସିଥିବା ବେଳେ ଏହି ଅଘଟଣ ଘଟିଛି। ଖବରପାଇ ରିଆମାଳ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟା ପର୍ଯ୍ୟନ୍ତ ବୁଝାସୁଝା ଚାଲିଥିଲେ ସୁଦ୍ଧା ସମାଧାନ ହୋଇ ପାରି ନାହିଁ।

## କାନ୍ଥ ପଡ଼ି ଜଣେ ଆହତ



## ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଇଣ୍ଟର୍‌ନେଟ୍ ଦିବସ

**ଦେବଗଡ଼, ୧୧।୨(ସମିସ):** ଦେବଗଡ଼ ପଲିଟେକନିକ୍‌ଠାରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି। ଦିବସରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ବରେଣ୍ୟ ଅତିଥି ଭାବେ ପଲିଟେକ୍‌ନିକ୍ ଅଧ୍ୟକ୍ଷ ବସନ୍ତ ଗନ୍ତାୟତ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତରଣି ବେହେରା, ନେଟୱର୍କ ଇଞ୍ଜିନିୟର ବିଶ୍ୱ ରଞ୍ଜନ ବିଶ୍ୱଜିତ୍, ସତ୍ୟବ୍ରତ ନାୟକ, ସିଏମଜିଆଇ କୋର୍ଡିନେଟର ବନଲତା ସାହୁ, ଜିଲ୍ଲା ଇ-ପ୍ରଶାସନ ପରିଚାଳକ ବିକାଶ ସାହୁ ଯୋଗଦେଇଥିଲେ। ଆଧୁନିକ ବିଜ୍ଞାନ ଦ୍ୱାରା ଇଣ୍ଟରନେଟ ଉଦ୍ଭାବନ ଓ ବ୍ୟବହାର ବିଶ୍ୱରେ ଏକ ଅଭୁତ ପୂର୍ବ ଘଟଣା। ଇଣ୍ଟରନେଟ ବ୍ୟବହାର ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧିବାରେ ସଫଳ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଲାଇଫ ସ୍କିଲ୍ ଟ୍ରେନର ଦେବାଶିଷ ବ୍ରହ୍ମା ଓ ପଲିଟେକନିକ୍‌ର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

**ଦେବଗଡ଼, ୧୧।୨(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କିଶୋର ଓ କିଶୋରୀ ମାନଙ୍କ ଦିନିକିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ୩ ବ୍ଲକରୁ ଆସିଥିବା କିଶୋର କିଶୋରୀ ମାନଙ୍କୁ ବିଭିନ୍ନ ଉନ୍ନତମୂଳକ କୌଶଳ ଓ ବୈଷୟିକ ଶିକ୍ଷା, ଡିଜିଟାଲ ସାକ୍ଷରତା ଏବଂ କମ୍ପ୍ୟୁଟର ଶିକ୍ଷା, ଆଦାନ ପ୍ରଦାନ ଏବଂ ଜ୍ଞାନ କୌଶଳ ଓ ଯୋଗାଯୋଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥି ସୃଷ୍ଟି ଅବିନାଶ ପୁରୀ, ଆସିଷ୍ଟାଣ୍ଟ ପ୍ରଫେସର ସତରୂପା ମିଶ୍ର, କମ୍ପ୍ୟୁଟର ଶିକ୍ଷକ ଅଭିଲିପ୍ସା ମିଶ୍ର କିଶୋର କିଶୋରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩ ବ୍ଲକର କିଶୋର କିଶୋରୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା ସଂଯୋଜନା କରିଥିଲେ।

## ପ୍ଲାଷ୍ଟିକ ମୁକ୍ତ ପିକ୍‌ନିକ୍ ସ୍ଥଳ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୧୧।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ପରିବେଶ ସମିତି ପକ୍ଷରୁ ବୁଢ଼ୀପଦର ନିକଟରେ ଥିବା ଇବ ନଦୀ କୂଳ ଠାରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅତିରିକ୍ତ ପରିବେଶ ଯନ୍ତ୍ରୀ ସମ୍ବିତ ମେହେର ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଦୈନନ୍ଦିନ ଜୀବନ ଉପରେ ଏହାର କୁପ୍ରଭାବ ନେଇ ମତବ୍ୟକ୍ତ କରିଥିଲେ। କଣ୍ଟାପାଲି ସ୍ଥିତ ପିକେଏସଏସ କଲେଜ ଅଧ୍ୟକ୍ଷ ବୃନ୍ଦାବନ ମେହେର, ଅଧ୍ୟାପିକା କିରଣ ମହାପାତ୍ର, ବରିଷ୍ଠ ଲାଇବ୍ରେରିଆନ ଦେବାନନ୍ଦ ପଟେଲ, କଣ୍ଟାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ ସାହୁ, ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ଗିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାରକୁ ପିକନିକ ସ୍ଥଳ, ବିଭିନ୍ନ ପାର୍କ କିମ୍ବା ଦର୍ଶନୀୟ ସ୍ଥାନରେ ସଚେତନତା ଜରିଆରେ ବନ୍ଦ କରାଯାଇପାରିବ ବୋଲି ମତ ରଖିଥିଲେ। ବନବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅତିଥି ଗଣ, ଛାତ୍ରଛାତ୍ରୀ ଓ ବନବିଭାଗ କର୍ମଚାରୀ ମିଳିତ ଭାବେ ଇକୋ ପାର୍କ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଅଞ୍ଚଳକୁ ସଫା କରିଥିଲେ।

### ଜିଲ୍ଲାସ୍ତରୀୟ ପ୍ରାଣୀ ସମ୍ପଦ ବିକାଶ ସମୀକ୍ଷା ବୈଠକ

# ପ୍ରାଣୀ ପାଳକଙ୍କ ଉନ୍ନତି ଉପରେ ଗୁରୁତ୍ୱ

**ଝାରସୁଗୁଡ଼ା, ୧୧।୨ (ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚୌହ୍ୱାନଙ୍କ ଅଧ୍ୟକ୍ଷତାରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପ୍ରାଣୀ ସମ୍ପଦର ବିକାଶ ଏବଂ ଚାଷୀମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ବୈଠକରେ ବ୍ୟାପକ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟତଃ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା', 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଏବଂ 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା'ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ପ୍ରାଣୀ ପାଳକମାନେ କିଭଳି ସହଜରେ ଏହି ଯୋଜନାଗୁଡ଼ିକର ସୁଫଳ ପାଇପାରିବେ ଏବଂ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ସହ ଅନ୍ୟାନ୍ୟ ପ୍ରାଣୀଜ ସମ୍ପଦର ଅଭିବୃଦ୍ଧି ଘଟିବ, ସେଥିପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଆର୍ ସୁଟ୍, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୟାସାଗର ଦୁରିଆ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଧାଂଶୁ ଶେଖର ଦାଶ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅରବିନ୍ଦ ଜେନା, ସାମୁଲ୍ ଜେନେରାଲ ମ୍ୟାନେଜର ଡ. ସରୋଜ ସାହୁ, ଜିଲ୍ଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକ, କୃଷି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜିଏସ୍ ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, ଏସିଏଫ୍ ଲଳିତ କୁମାର ନାୟକ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ମହାବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ




**ଦେବଗଡ଼, ୧୧।୨ (ସମିସ):** ଦେବଗଡ଼ ମହିଳା ମହାବିଦ୍ୟାଳୟଠାରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନିଶା ମୁକ୍ତ ଭାରତ ଅଭିଯାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ ଓ ବରଣ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୁନୀଲ କୁମାର ଦାସ, ଅଧ୍ୟାପକ ଧୀରେନ୍ଦ୍ର ନାଗ ଯୋଗଦେଇ ନିଶା ସେବନ ନ କରିବା ଓ ଭାରତକୁ ନିଶା ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବରୁ ଆୟୋଜିତ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ରୋଜାଲିନ ସାହୁ, ଦ୍ୱିତୀୟ ହିରଣ୍ମୟୀ ନାୟକ, ତୃତୀୟ ଦେବକୀ ମାଝି ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ମହିମା ଲାକ୍ରା, ଦ୍ୱିତୀୟ ରାଜେଶିନି ନାୟକ, ତୃତୀୟ ହିରଣ୍ମୟୀ ନାୟକଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

## 'ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା' କର୍ମଶାଳା

**ଦେବଗଡ଼, ୧୧।୨(ସମିସ):** ଜିଲ୍ଲା କୋଷାଗାର ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନସନ ଯୋଜନା ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କର୍ମଶାଳାରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା (ଏନପିଏସ)ରେ ଅନ୍ତର୍ଭୁକ୍ତ ଓଡ଼ିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ସଂଲଗ୍ନ ଉଠାଣ ଓ ବିତରଣ ଅଧିକାରୀମାନଙ୍କୁ ଭୁବନେଶ୍ୱରର ରାଷ୍ଟ୍ରୀୟ ପେନସନ ଯୋଜନା (ଏନପିଏସ)ର ପଙ୍କଜ୍ କୁମାର ମହାନ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ଓ କୋଷାଗାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡା, ୧୧।୨ (ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ(ଡିଏଲ୍‌ଏସ୍‌ଏ) ଝାରସୁଗୁଡ଼ା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଲଇକେରା ବ୍ଲକ ଅନ୍ତର୍ଗତ ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନାଲସାର ବାଲ୍ୟବିବାହ ଦୂରୀକରଣ ଯୋଜନା, ୨୦୨୫ ଅନ୍ତର୍ଗତ ମାନକ କାର୍ଯ୍ୟ ପ୍ରଣାଳୀ ଏବଂ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ତିଆ, ସହକାରୀ ଶ୍ରମ ଅଧିକାରୀ ଦୀପକ ଏକ୍କା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଲାଇକେରା ବ୍ଲକ ଗସ୍ତ



**ଝାରସୁଗୁଡା, ୧୧।୨(ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ ଆଜି ଲାଇକେରା ବ୍ଲକ ଗସ୍ତ କରି ବିଭିନ୍ନ ଶିକ୍ଷା ଓ ଭିତ୍ତିଭୂମି ପ୍ରକଳ୍ପର ତଦାରଖ କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ଜାମମାଲ ଗ୍ରାମ ପଞ୍ଚାୟତର ଗଞ୍ଜୁଡିହି ଗ୍ରାମରେ ପହଞ୍ଚି ନିର୍ମାଣାଧୀନ ହକି ଷ୍ଟାଡିୟମର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ଷ୍ଟାଡିୟମ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସେ ଜାମମାଲ ପଞ୍ଚାୟତ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ପାଠପଢ଼ା ଏବଂ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ଜାମମାଲସ୍ଥିତ ଜଗନ୍ନାଥ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ଲାଇକେରା ବିଡ଼ିଓ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ରହିଥିଲେ।

### ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

# ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସକୁ ଗୁରୁତ୍ୱ

**ଝାରସୁଗୁଡ଼ା, ୧୧।୨(ସମିସ):** ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ଚିକିତ୍ସା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଇଛି। ବିଶେଷ କରି ସ୍ୱାସ୍ଥ୍ୟ ବିଭାଗର ଆରଏମଏନସିଏଏଚ ପ୍ଲସ ଏନ ଅର୍ଥାତ୍ ପ୍ରଜନନ, ମାତୃ, ନବଜାତ ଶିଶୁ, ଶିଶୁ ଏବଂ କିଶୋର ସ୍ୱାସ୍ଥ୍ୟ ସହିତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଉପରେ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରରେ ସଂସ୍ଥାଗତ ପ୍ରସବ ବା ହସ୍ପିଟାଲରେ ଶିଶୁ ଜନ୍ମ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସ କରିବାକୁ ହେଲେ ଅଧିକ ବିପଦ ସଙ୍କୁଳ ଅବସ୍ଥାରେ ଥିବା ମା' ଏବଂ ଶିଶୁମାନଙ୍କର ସଠିକ୍ ପଞ୍ଜିକରଣ ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନିୟମିତ ଅନୁଧ୍ୟାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ, ଜନ୍ମ ସମୟରେ କମ୍ ଓଜନ ଥିବା ଶିଶୁ ଏବଂ ମାତୃ ପୁଷ୍ଟିସାଧନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ପରେ ଜିଲ୍ଲାପାଳ ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାକାର କାର୍ଯ୍ୟକାରିତା ଓ ସ୍ଥିତି ଅନୁଧ୍ୟାନ କରିଥିଲେ। ହସ୍ପିଟାଲରେ କେତେଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣ ପ୍ରକୃତରେ ଉପସ୍ଥିତ ରହୁଛନ୍ତି, ସେ ନେଇ ସେ ସବିଶେଷ ଅନୁଧ୍ୟାନ କରିଥିଲେ। ଏଥିସହ ସମୁଦାୟ କର୍ମଚାରୀଙ୍କ ସଂଖ୍ୟା, ଅନ୍ତଃବିଭାଗ ବା ଆଇପିଡି ଶଯ୍ୟା କ୍ଷମତା ଏବଂ ଦୈନିକ ହସ୍ପିଟାଲକୁ ଆସୁଥିବା ବର୍ହିବିଭାଗ ଓ ଅନ୍ତଃବିଭାଗ ରୋଗୀଙ୍କ ହାରାହାରି ସଂଖ୍ୟାକୁ ନେଇ ଜିଲ୍ଲାପାଳ ଅନୁସନ୍ଧାନ କରିଥିଲେ। ରୋଗୀଙ୍କୁ ମିଳୁଥିବା ସୁବିଧା ଏବଂ ପାଥୋଲୋଜିକାଲ୍ ଟେଷ୍ଟ ବା ରକ୍ତ ପରୀକ୍ଷା ସେବା କିପରି ଚାଲିଛି, ସେନେଇ ମଧ୍ୟ ସେ ଅବଗତ ହୋଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୁଝିବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କୌଣସି ପ୍ରକାରର ତ୍ରୁଟି ଯେପରି ନରହେ, ସେଥିପାଇଁ ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଅନିତ ଚକ୍ରବର୍ତ୍ତୀ ମେମୋରିଆଲ ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତା

## ଫାଇନାଲରେ ଆମ୍ବିସନ କ୍ଲବ୍

**ବ୍ରଜରାଜନଗର, ୧୧।୨(ସମିସ):** ସ୍ଥାନୀୟ ଇନଟିଗ୍ରିଟି କ୍ଲବ୍ କ୍ରିକେଟ ପଡ଼ିଆରେ ଚାଲିଥିବା ପ୍ରଥମ ଅନିତ ଚକ୍ରବର୍ତ୍ତୀ ମେମୋରିଆଲ ସର୍ବଭାରତୀୟ ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତାରେ ବୁଧବାର ଛତିଶଗଡ଼ର କୁରବା କୁ ହରାଇ ବ୍ରଜରାଜଗର ଆମ୍ବିସନ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଆମ୍ବିସନ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ କରିଥିଲେ। ଜବାବରେ କୁରବା ଦଳ ୯୯ ରନ୍ କରି ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଫଳରେ ଆମ୍ବିସନ କ୍ଲବ୍ ବିଜେତା ହୋଇ ପାଇନାଲରେ ପ୍ରବେଶ କରିଛି। ଖେଳକୁ ଗଣେଶ ମୁରାଇ ଓ ଜୟ ସିଂ ଏମ୍ପାୟର ଭାବେ ପରିଚାଳନା କରିଥିଲେ। ଇଣ୍ଟିଗ୍ରିଟି କ୍ଲବର ସଭାପତି ଅଭିଷେକ ସିଂ, ଭିକି ପାତ୍ର, ଅବିଦ ହୁସେନ, ଚନ୍ଦନ ଶ୍ରୀବାସ୍ତବ, ରାକେଶ ଶ୍ରୀବାସ୍ତବ, ଆବୁଲ ହୁସେନ, କିସମତ ଆଲିଙ୍କ ସହିତ ପରିଚାଳନା କମିଟିର ସଦସ୍ୟମାନେ ସହାୟତା କରିଥିଲେ।

## ପ୍ରଚଣ୍ଡ ଜୟସ୍ୱାଲଙ୍କୁ ୟୁଥ୍ ଆଇକନ ଆୱାର୍ଡ

**ଝାରସୁଗୁଡ଼ା, ୧୧।୨(ସମିସ):** ପଞ୍ଜାବରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଯୁବ କାର୍ଯ୍ୟକ୍ରମରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ବେଲପାହାଡର ପ୍ରଚଣ୍ଡ ଜୟସ୍ୱାଲଙ୍କୁ ୟୁଥ ଆଇକନ ଆୱାର୍ଡ ପ୍ରଦାନ କରାହୋଇଛି। ଭାରତର ୨୬ଟି ରାଜ୍ୟରୁ ପ୍ରାୟ ୪୦୦ ଯୁବକ ଯୁବତୀ ଏହି ରାଷ୍ଟ୍ରୀୟ ଏକତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପଞ୍ଜାବର ଅର୍ଥମନ୍ତ୍ରୀ ସର୍ଦ୍ଦାର ହରପାଲ ସିଂହ ଚିମା ମୁଖ୍ୟ ଅତିଥି ଭାବେ ଉତ୍ସବର ଶୁଭାରମ୍ଭ କରିଥିଲେ। ସେହିପରି ସିଆବା ଇଣ୍ଟରନ୍ୟାସନାଲ ପବ୍ଲିକ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ସର୍ଦ୍ଦାର କୱଲଜିତ ସିଂହ ଧିଣ୍ଡସା, ଜାତୀୟ ଯୁବ ପ୍ରକଳ୍ପର ରାଷ୍ଟ୍ରୀୟ ସମ୍ପାଦକ ରଣସିଂହ ପରମାରଙ୍କ ସମେତ ସୁନ କରାୟିଲ, ଓଡ଼ିଶାର ମୁଖ୍ୟ ତଥା ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ ନିବାସୀ ପ୍ରଚଣ୍ଡ ଜୟସ୍ୱାଲଙ୍କୁ ଶ୍ରେଷ୍ଠ ଯୁବ ଆଇକନ ଆୱାର୍ଡରେ ସମ୍ମାନିତ କରାଯାଇଛି। ପଞ୍ଜାବର ଅର୍ଥମନ୍ତ୍ରୀ ମାନପତ୍ର ଉପଢୌକନ ସହ ତାଙ୍କୁ ଏହି ମର୍ଯ୍ୟାଦା ପ୍ରଦାନ କରିଥିଲେ। ପ୍ରଚଣ୍ଡ ଜୟସ୍ୱାଲଙ୍କ ସଫଳତା ସମଗ୍ର ଓଡ଼ିଶାର ଜାତୀୟ ଯୁବ ପ୍ରକଳ୍ପ ସଦସ୍ୟଙ୍କ ସଫଳତା ବୋଲି ଟ୍ରଷ୍ଟି ତଥା ଓଡ଼ିଶା ମୁଖ୍ୟ ମଧୁସୂଦନ ଦାସ ପ୍ରକାଶ କରିଥିଲେ।




### ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ବେଆଇନ ଖଣିଜ ପରିବହନ ରୋକିବାକୁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୧୧।୨(ସମିସ)**

ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁନାଲ ମୋତିରାମ ଚୌହ୍ୱାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜାନୁଆରୀ ମାସ ପାଇଁ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ରାଜସ୍ୱ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଶ୍ରୀ ଚୌହ୍ୱାନ ସମସ୍ତ ରାଜସ୍ୱ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଅବକାରୀ ଅଧୀକ୍ଷକ, ଖଣି ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ନିଜ ନିଜ କ୍ଷେତ୍ରରେ ପ୍ରବର୍ତ୍ତନ ପ୍ରକ୍ରିୟାକୁ କଡ଼ାକଡ଼ି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ପାଟ୍ରୋଲିଂ ଏବଂ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ସକ୍ରିୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ରୋକିବା ପାଇଁ ଜିଲ୍ଲାପାଳ ଖଣି ଅଧିକାରୀଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଅଞ୍ଚଳରେ ବାରମ୍ବାର ବେଆଇନ ଖଣିଜ ଉତ୍ତୋଳନ ହେଉଛି, ସେଠାରେ କନିଷ୍ଠ ଖଣି ଅଧିକାରୀମାନେ ନିୟମିତ ନଜର ରଖିବାକୁ କୁହାଯାଇଛି। ଏଥିସହ ବେଆଇନ ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ ସରକାରୀ ନିୟମାବଳୀ ଅନୁଯାୟୀ କୌଣସି କୋହଳ ମନୋଭାବ ପ୍ରଦର୍ଶନ ନକରି ଦୃଢ଼ ଜରିମାନା ଆଦାୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ଅଧିକାରୀ ଏବଂ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।



# ବିଜ୍ଞାନକ୍ଷେତ୍ରରେ ମହିଳାଙ୍କ ଅବଦାନ ସ୍ମରଣୀୟ

**ବଲାଙ୍ଗିର, ୧୧।୨(ସମିସ):** ସ୍ଥାନୀୟ ଗାନ୍ଧୀନଗରପଡ଼ାସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ କ୍ଷେତ୍ରରେ ମହିଳାଙ୍କ ଭୂମିକା ତଥା ଅବଦାନ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଡିଏମଓ ଡ. ପୁଷ୍ପାଞ୍ଜଳି ମିଶ୍ର ଯୋଗ ଦେଇଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ସ୍ମରଣୀୟ ଓ ପ୍ରଶଂସନୀୟ ବୋଲି ସେ କହିଥିଲେ। ସମାଜର ଉନ୍ନତି ପାଇଁ କନ୍ୟାମାନଙ୍କୁ ବିଜ୍ଞାନ ଶିକ୍ଷାରେ ଆଗକୁ ଆଣିବା ଅତ୍ୟାବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଏଡିଇଓ ସେବାଶ୍ରୀ ଭୋଇ ଯୋଗ ଦେଇଥିଲେ। ସେ ମଧ୍ୟ ନିଜ ବକ୍ତବ୍ୟରେ କନ୍ୟାମାନଙ୍କୁ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ସମାନ ସୁଯୋଗ ଦେବା ଆବଶ୍ୟକ ବୋଲି କହଥିଲେ। ବିଜ୍ଞାନ କ୍ଷେତ୍ରରେ ମହିଳାଙ୍କ ଅସାଧାରଣ ଅବଦାନକୁ ସେ ସ୍ମରଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏବିଇଓ ସନ୍ଧ୍ୟାରାଣୀ ଧରୁଆ, ବରିଷ୍ଠ ଶିକ୍ଷୟିତ୍ରୀ ଯାଜ୍ଞସିନୀ ମହାପାତ୍ର, ସବିତା ମିଶ୍ର ମଞ୍ଚାସୀନ ଥିଲେ। ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସହାୟକ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାହାରା ଏକ୍କା କାର୍ଯ୍ୟକ୍ରମର ସଂଯୋଜନା କରିଥଲେ। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ଧନ୍ୟବାଦ ଦେଇଥିଲେ।

# ନିଆଁରୁ ଜଙ୍ଗଲ ବଞ୍ଚାଇବାକୁ ଉତ୍ତର ବନଖଣ୍ଡର ପ୍ରସ୍ତୁତି

**ଭବାନୀପାଟଣା, ୧୧।୨(ସମିସ):** ଚଳିତବର୍ଷ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ବା ବନାଗ୍ନିକୁ ରୋକିବାକୁ କଳାହାଣ୍ଡି ଉତ୍ତର ବନଖଣ୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ବନବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ଗତ ୨୦୨୪ରୁ ୨୦୨୬ ବର୍ତ୍ତମାନ ସୁଦ୍ଧା ଆଶାଜନକ ଫାୟାର ଲାଇନ ହ୍ରାସ ପାଇଛି।



ତେବେ ଗତବର୍ଷଠାରୁ ଚଳିତବର୍ଷ କମ ଫାୟାର ପଏଣ୍ଟ ହେବ ବୋଲି ଆଶା ରଖାଯାଇଛି। ଏ ନେଇ ବୁଧବାର ଅପରାହ୍ନରେ ଭବାନୀପାଟଣା ସ୍ଥିତ କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଭିଜନ ଅଫିସର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ତର ବନଖଣ୍ଡ ଅଧିକାରୀ ରମେଶ ବିଷ୍ଣୋଇ ସୂଚନା ଦେଇଛନ୍ତି। ଗତ ୫ ତାରିଖରେ କଳାହାଣ୍ଡି ଉତ୍ତର ବନଖଣ୍ଡ ରେ ଏହାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଓ ଅନୁମୋଦିତ ହୋଇଥିଲା। ଯୋଜନା ମୁତାବକ ଜଙ୍ଗଲ ନିଆଁ ନିବାରଣ ଓ ପରିଚାଳନା ଏସ୍‌ଓପି ୨୦୨୬ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଜଙ୍ଗଲ ନିଆଁକୁ ରୋକିବା ପାଇଁ ବିଭାଗ ପକ୍ଷରୁ ସ୍ଥାନୀୟ ବନସୁରକ୍ଷା ସମିତି ଓ ଗ୍ରାମବାସୀଙ୍କୁ ସାମିଲ କରାଯାଇଛି। ଅଗ୍ନିପ୍ରବଣ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଉଛି। ସେହିପରି ଜଙ୍ଗଲକୁ ସୁରକ୍ଷିତ ରଖିବା ୮୭୭ କିଲୋମିଟର ଫାୟାର ଲାଇନ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪ ଶହ କିମି ଶେଷ ହୋଇସାରିଛି। ବନଖଣ୍ଡର ବିଭିନ୍ନ ରେଞ୍ଜରେ ୧୦ଟି ସ୍ୱତନ୍ତ୍ର ବନାଗ୍ନି ସୁରକ୍ଷା ଦଳ ଓ ଅଗ୍ନିଶମ ସଚେତନତା କାର୍ଯ୍ୟରେ ନିୟୋଜିତ ହେବାକୁଥିବା ଯାନକୁ ପ୍ରସ୍ତୁତ ରଖାଯାଇଛି। ନିଆଁ ଆୟତ୍ତ କରିବା ପାଇଁ କର୍ମଚାରୀଙ୍କୁ ବ୍ଲୋଅର ଏବଂ ହେଲମେଟ୍, ଜୋତା ଓ ଟର୍ଚ୍ଚ ଆଦି ସୁରକ୍ଷା ସରଞ୍ଜାମ ଯୋଗାଇ ଦିଆଯାଇଛି। ଗତ ଜାନୁୟାରୀ ୨୭ ରେ ବନ କର୍ମଚାରୀ ଓ ଅଗ୍ନିଶମ ବାହିନୀକୁ ମିଳିତ ଭାବେ ସ୍ୱତନ୍ତ୍ର ତାଲିମ ସହ 'ମକ୍ ଡ୍ରିଲ୍' ଅନୁଷ୍ଠିତ ହୋଇଯାଇଛି। ସଚେତନତା ରଥ, ନୁକ୍କଡ଼ ନାଟକ ଓ ପାରମ୍ପରିକ ଦାସକାଠିଆ ମାଧ୍ୟମରେ ଜଙ୍ଗଲ ଅଞ୍ଚଳରେ ବ୍ୟାପକ ପ୍ରଚାର କରାଯାଉଛି ବୋଲି ବିଷ୍ଣୋଇ କହିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଫାୟାର ପଏଣ୍ଟ କମିବାରେ ଲାଗିଛି, ଯାହା ସୂଚାଉଛି ଯେ ଜଙ୍ଗଲ ନିଆଁ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ସୁଧାର ଆସିଛି। ବନାଗ୍ନି ଏକ ମାନବକୃତ ସଙ୍କଟ ହୋଇଥିବାରୁ, ଜଙ୍ଗଲ ଭିତରେ କିମ୍ବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିଆଁ ନ ଲଗାଇବାକୁ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଉଛିବୋଲି ବନଖଣ୍ଡ ଅଧିକାରୀ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଏସିଏଫ୍ ଲିଲି ଅମାନତ୍ୟ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜି ଶ୍ରୀରାମ ନବମୀ ମହୋତ୍ସବ କମିଟିର ପ୍ରସ୍ତୁତି

**କଣ୍ଟାବାଞ୍ଜି, ୧୧।୨ (ସମିସ):** କଣ୍ଟାବାଞ୍ଜି ଶ୍ରୀ ହରି ଭବନରେ ଶ୍ରୀରାମ ନବମୀ ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ବରିଷ୍ଠ ସଦସ୍ୟ ଚିନ୍ମୟ ଯୋଶୀ ଏହି ବୈଠକ ପରିଚାଳନା କରିଥିଲେ। ଏଥିରେ ସର୍ବ ସମ୍ମତି କ୍ରମେ ବେଦବ୍ୟାସ ନାଗଙ୍କୁ ସମ୍ପାଦକ ଓ ରାଜୁ ଶର୍ମାଙ୍କୁ ସଭାପତି ଭାବେ ଚୟନ କରାଯାଇଥାଏ। ସ୍ଥାନୀୟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବିଶାଳ ହିନ୍ଦୁ ସମ୍ମିଳନୀ ନେଇ ଆଲୋଚନା ହୋଇଛି। ଏହି ବୈଠକରେ ବେଦବ୍ୟାସ ନାଗ, ରାଜୁ ଶର୍ମା, ଚିନ୍ମୟ ଯୋଶୀ, ପ୍ରଦୀପ ବାଗ, ନିଶି କାନ୍ତ ମହାପାତ୍ର, ଅଶୋକ ଛାପିଡ଼ିଆ, ଯସପାଲ ସୁନା, ଛୋଟୁ ବେହେରା, ରାଜେଶ ଆନିଆ, ହିତେଶ ବରଗ୍ଡି, କାହ୍ନୁ ଚନ୍ଦନ, ରାଜୁ ବାରିକ, ରାଜୁ ପୁଟେଲ, ଦେବରକ ଯାଦବ, ଲଳିତ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

### ବାପା ଚାଲିଗଲେ, ମା' ପର କରିଦେଲା

# ତିନି ଶିଶୁଙ୍କ ଭରସା ପିଉସୀ ନାନୀ

**ଥୁଆମୂଳରାମପୁର, ୧୧।୨(ସମିସ)**

ଇତିହାସ ଅନେକ ମହିୟସୀ ମହିଳାଙ୍କ ଆତ୍ମୋତ୍ସର୍ଗ କଥା କହିଛି। କିନ୍ତୁ ଏବେ ବି ମାନବିକତାର ଅଗ୍ନି ପରୀକ୍ଷା ଯଜ୍ଞ କୁଣ୍ଡରେ ଆହୂତି ଦେଉଥିବା ମହିଳା ସମାଜ ପାଇଁ ନୂଆ ଦିଶା ଦେଖାଇବା ଅତ୍ୟନ୍ତ ବିରଳ ଘଟଣା। ଏମିତି ଗୋଟିଏ ପରିବାର ପାଇଁ ଖୋଦ୍ ଅବିବାହିତ ପିଉସୀର ହୃଦୟକୁ ଯେମିତି ବିଚଳିତ କରିଦେଇଛି। କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ସୂର୍ଯ୍ୟଗଡ଼ ଆଦିବାସୀ ଅଞ୍ଚଳରେ ମାନବିକତା ଓ ତ୍ୟାଗର ଏକ ହୃଦୟସ୍ପର୍ଶୀ କାହାଣୀ ସମାଜକୁ ନୂଆ ଦିଗ ଦେଖାଉଛି। ଭାଇ ଓ ଭାଉଜ ଚାଲିଯିବା ପରେ ତାଙ୍କର ତିନି କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢ଼ିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି ପିଉସୀ ନାନୀ ସୁବର୍ଣ୍ଣା ମାଝୀ (୨୫)। ୨୦୧୭ରେ ସୁବର୍ଣ୍ଣାଙ୍କ ଭାଇ ନନ୍ଦି ମାଝୀ ଦାଦନ ଶ୍ରମିକ ଭାବେ କେରଳକୁ କାମ କରିବାକୁ ଯାଇଥିଲେ। କାମ କରୁଥିବା ସମୟରେ ଅକସ୍ମାତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିଲା। ଏହାର କିଛିଦିନ ପରେ ଭାଉଜ ପ୍ରତିମା ମଧ୍ୟ ତିନି ଶିଶୁଙ୍କୁ ଛାଡ଼ି ଅନ୍ୟତ୍ର ନୂତନ ସଂସାର ଗଢ଼ିବାକୁ ଚାଲିଯାଇଥିଲେ।



ପଛକୁଫେରି ଚାହିଁ ନଥିଲେ କେମିତି ନିଜର ୩ଟି ସନ୍ତାନ ମଣିଷ ହେବେ। ଏପରି ସ୍ଥିତିରେ ଅସହାୟ ତିନି ଶିଶୁଙ୍କ ଭବିଷ୍ୟତ ନେଇ ପ୍ରଶ୍ନ ଉଠିଥିଲା। ଭରସା ଟିକକ ପାଇଁ ବ୍ୟାକୁଳ ହୋଇପଡ଼ିଥିଲେ ୩ଜଣ ଶିଶୁ। କିଏ ନେବ ସେମାନଙ୍କର ଦାୟିତ୍ୱ? ଏହି ମାନସିକ ଯନ୍ତ୍ରଣା ଓ ଅନିଶ୍ଚିତତା ମଧ୍ୟରେ ଆଗକୁ ଆସିଥିଲେ ଭଉଣୀ ସୁବର୍ଣ୍ଣା ମାଝୀ। ନିଜେ ପାଠପଢ଼ାର ସୁଯୋଗ ନପାଇଥିଲେ ମଧ୍ୟ ଛୋଟ ଭାଇ-ଭଉଣୀମାନଙ୍କ ପାଇଁ ସେ ସାଜିଛନ୍ତି ମା' ଓ ବାପା।ଅତ୍ୟନ୍ତ କମ୍ ବୟସରେ ବଡ଼ ଦାୟିତ୍ୱ ନେଇ ସୁବର୍ଣ୍ଣା ନିଷ୍ପତ୍ତି ନେଲେ ଯେ, ଶିଶୁମାନଙ୍କ ଲାଳନ-ପାଳନ ଓ ଶିକ୍ଷା ପାଇଁ ସେ ନିଜେ ବିବାହ କରିବେ ନାହିଁ। ନିଜେ ଭୋଗ ବିଳାସ ସୁଖକୁ ଜଳାଞ୍ଜଳି ଦେଇ ଅଣ୍ଟାଭିଡିଲେ କଠିନ ପରିଶ୍ରମ କରିବେ ଏବଂ ତିନି ଛୁଆଙ୍କୁ ମଣିଷ ଭଳି ମଣିଷ କରିବେ। ଦିନକୁ ଦିନ ଶ୍ରମ କରି, ଜଙ୍ଗଲ ଜାତୀୟ ଉତ୍ପାଦ ସଂଗ୍ରହ କରି ଏବଂ ଦିନମଜୁରୀ କରି ସେ ତିନି ଶିଶୁଙ୍କ ଖାଦ୍ୟ, ପୋଷାକ ଓ ପାଠ ପଢ଼ାଇବାର ଦୁର୍ବାର ସାହାସ ମନରେ ଯୁଟାଇଛନ୍ତି। ତତ୍ସହିତ ପାଠପଢ଼ାର ଖର୍ଚ୍ଚ ଯୋଗାଉଛନ୍ତି। ବଡ଼ ଝିଅ ରୀତା ପ୍ରଥମେ ନିଜ ଗାଁ ବିଦ୍ୟାଳୟରେ ପଢୁଥିଲା ବର୍ତ୍ତମାନ ସେ ଗୋପୀନାଥପୁର ହାଇସ୍କୁଲର ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀ ରେ ଅଧ୍ୟୟନ କରୁଛି। ସେହିପରି ସାନ ଝିଅ ସଂଗୀତା ନିଜ ଗାଁ ବିଦ୍ୟାଳୟରେ ଷଷ୍ଠ ଓ ପୁଅ ଗଣେଶ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ସ୍ଥାନୀୟ ଲୋକମାନେ କହୁଛନ୍ତି, ଏତେ କମ୍ ବୟସରେ ଏମିତି ତ୍ୟାଗ ଦୁର୍ଲଭ। ସୁବର୍ଣ୍ଣା ଆଜି ସମାଜ ପାଇଁ ଏକ ପ୍ରେରଣା। ଆଜି ସେଇ ତିନି ଶିଶୁ ଶିକ୍ଷା ଗ୍ରହଣ କରୁଛନ୍ତି ଏବଂ ସୁବର୍ଣ୍ଣାଙ୍କ ସ୍ୱପ୍ନ, ବାପା ମାଁ ଛେଉଣ୍ଡ ତିନିଜଣ ଶିଶୁ ପଢ଼ିଲେଖି ଭଲ ଲୋକ ହେବେ, ସମାଜରେ ନିଜ ସ୍ଥାନ ଗଢ଼ିବେ। ଅନେକ ସମସ୍ୟା ଓ ଅଭାବ ସତ୍ତ୍ୱେ ସେ ହାର ନମାନି ଆଗକୁ ବଢୁଛନ୍ତି। ସତରେ, ସୁବର୍ଣ୍ଣା ମାଝୀଙ୍କ ଏହି ତ୍ୟାଗ ଓ ମାନବିକତା ବିଚାର ହିଁ ତାଙ୍କ ବିଶେଷତ୍? । ସମାଜ ପାଇଁ ଏକ ବିରଳ ଉଦାହରଣ ପାଲଟି ଯାଇଛନ୍ତି। ତାଙ୍କ ପରି ଅନାବିଳ ସ୍ନେହ ଓ ସମ୍ପର୍କର ମଧୁର ସ୍ମୃତିରେ ନାରୀମାନେ ଛନ୍ଦିହେଲେ ଅନାଥ ଶବ୍ଦରେ ଦୁଃଖ ଦୂର ହୋଇପାରିବ।

### ରାଷ୍ଟ୍ରୀୟ ପ୍ରବକ୍ତାଙ୍କୁ ରୋହିତଙ୍କ ଆକ୍ଷେପ

# ପଶ୍ଚିମ ଓଡ଼ିଶାବାସୀଙ୍କୁ ଭକୁଆ ବନାଇବାର ପ୍ରୟାସ

**ସମ୍ବଲପୁର, ୧୧।୨(ସମିସ):** ଆଜି ବଜେଟ୍‌କୁ ନେଇ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବଲପୁର ବିକାଶ କଥା ନେଇ ଅନେକ ପ୍ରସଙ୍ଗ କହିଥିଲେ। ଯାହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ନିନ୍ଦା କରିଛନ୍ତି। ସେ କହିଛନ୍ତି, ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାବାସୀଙ୍କୁ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ଭକୁଆ ବନେଇବାର ପ୍ରୟାସ ଦୁର୍ଭାଗ୍ୟଜନକ। ବିଜେପି ଦଳର ରାଷ୍ଟ୍ରୀୟ ପ୍ରବକ୍ତା ଡ. ଅଜୟ ଆଲୋକ କୃଷକ ଓ କୃଷି ଉତ୍ପାଦିତ ସାମଗ୍ରୀ ବିଷୟରେ କହିଥିବା କଥା ସ୍ୱାଗତ ଯୋଗ୍ୟ, କିନ୍ତୁ ଆମ ରାଜ୍ୟରେ ସରକାରଙ୍କ ବିପର୍ଯ୍ୟସ୍ତ ଧାନ ସଂଗ୍ରହ ପ୍ରକ୍ରିୟା ଯୋଗୁଁ ଚାଷୀ ଯେଉଁ ହଇରାଣ ହେଉଛନ୍ତି, ସେ ସର୍ବ ପ୍ରଥମେ ତାହାର ଜବାବ୍ ରଖନ୍ତୁ। ପାରାଦୀପ ଅନୁଗୋଳ ଏବଂ ସମ୍ବଲପୁର ପାଇଁ ସ୍ୱତନ୍ତ୍ର ପ୍ରଶସ୍ତିକରଣ ରାସ୍ତା ଏବଂ ଜଳପଥର ବିକାଶ କଥା କହୁଛନ୍ତି, ସେଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ କେନ୍ଦ୍ର ଓ ରାଜ୍ୟ ଶାସିତ ବିଜେପି ସରକାର କେବଳ ନିଜ ଦଳ ସହିତ ସୁସମ୍ପର୍କ ରହିଥିବା ରାଷ୍ଟ୍ରୀୟ ସ୍ତରର ଶିଳ୍ପପତି ଏବଂ ପୁଞ୍ଜିପତି ମାନଙ୍କୁ ଲାଭାନ୍ୱିତ କରିବା ପାଇଁ ଏବଂ ଓଡ଼ିଶା ରାଜ୍ୟର ଖଣିଜ ସମ୍ପଦ, ଖଣିଜ ସମ୍ପଦକୁ ଆଧାର କରି ଉତ୍ପାଦିତ ସାମଗ୍ରୀକୁ ଅନ୍ୟାନ୍ୟ ରାଜ୍ୟ ଏବଂ ବିଦେଶକୁ ରପ୍ତାନି କରିବା ପାଇଁ ଏସବୁ ବ୍ୟବସ୍ଥା କରାଇଛନ୍ତି। ରୟାଲ୍ଟି ମିଳିବା, ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଯେଉଁ ଭଳି ଭାବରେ ଜାତୀୟସ୍ତରର ଦକ୍ଷତା ବିକାଶ କେନ୍ଦ୍ରର ଆବଶ୍ୟକତା ରହିଛି ସେ ସମ୍ପର୍କରେ କହିଲେ ନାହିଁ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୋଟିଏ ସଫ୍ଟୱେର ପାର୍କ ଏବଂ ଆଇଟି ପାର୍କର ମଧ୍ୟ ଆବଶ୍ୟକତା ରହିଛି। ହାଇସ୍ପିଡ୍ କରିଡର ଦିଲ୍ଲୀ, ବାରାଣସୀ, ସିଲିଗୁରି, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ପୁନେକୁ ଦେଇଥିବା ବେଳେ ସମ୍ବଲପୁର ତଥା ରାଜ୍ୟର କୌଣସି ମୁଖ୍ୟ ସହରକୁ ସାମିଲ କରାଯାଇନାହିଁ। ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ଅନୁଗୁଳକୁ ନେଇ ସ୍ୱତନ୍ତ୍ର ଶିଳ୍ପ କରିଡ଼ରର ଆବଶ୍ୟକତା ରହିଛି। ସମ୍ବଲପୁରରୁ ରାଉରକେଲାକୁ ମାଲ ପରିବହନ ପାଇଁ ଡେଡିକେଟେଡ ଫ୍ରେଇଟ୍ କରିଡ଼ର ନିର୍ମାଣ କରାଗଲେ, ଜନସାଧାରଣ ପ୍ରଦୂଷଣ, ଦୁର୍ଘଟଣା ଏବଂ ବାରମ୍ବାର ଜାମ ଯୋଗୁଁ ଯେଉଁ ହଇରାଣ ହେଉଛନ୍ତି ତାହା ଦୂର ହୋଇପାରିବ। ଏହା ସହିତ କୁଚିଣ୍ଡାରେ ବହୁ ମାତ୍ରାରେ ଲଙ୍କା ଚାଷୀ ରହିଛନ୍ତି, ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଗୋଟିଏ ଚିଲି ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯିବାର ଆବଶ୍ୟକତା ରହିଛି। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଉପରୋକ୍ତ ଆବଶ୍ୟକ ଥିବା ବିଷୟ ଗୁଡ଼ିକ ଉପରେ କିଛି ନ କହି ସମ୍ବଲପୁରକୁ ଆସି ସମ୍ବଲପୁର ବାସୀଙ୍କ ଯେଉଁ ଭୁଆଁ ବୁଲେଇବାର ପ୍ରୟାସ କରୁଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଇଂ ପୂଜାରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଗୋଲାମୁଣ୍ଡା, ୧୧।୨(ସମିସ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ତରଫରୁ ଗୋଲାମୁଣ୍ଡା ବ୍ଲକ ଅଧୀନ କୁହୁରା ପଞ୍ଚାୟତଠାରେ ଦ୍ୱିତୀୟ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁର ମହାନନ୍ଦ, କୁହୁରା ସରପଞ୍ଚ ପିଙ୍କି ତାଣ୍ଡି, ସମିତି ସଭ୍ୟା ମୀନା ମହାନନ୍ଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର ହାସ୍ୟ ବିହାରୀ, ଜୟନ୍ତ ସିଂ, ବୈକୁଣ୍ଠ ବାଗ ଓ ଶ୍ୟାମସୁନ୍ଦର ଅଗ୍ରୱାଲ, ଜୟକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏହି ଯୋଜନାର ମୂଳଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପୁନର୍ବାସ ସହାୟତା ଏବଂ ସାମାଜିକ ସୁରକ୍ଷା ଯୋଗାଇବା। ଏହି ଅଭିଯାନ ଅଧୀନରେ, ସାମର୍ଥ୍ୟ ଶିବିର ଗୁଡ଼ିକ ଏକକ ବାତାୟନ ଭାବରେ କାର୍ଯ୍ୟ କରେ, ଯାହା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇବାର ମୂଳଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଶ୍ରୀମହାନନ୍ଦ ନିଜ ଅଭିଭାଷଣ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳର କୋଣଅନୁକୋଣରୁ ଶତାଧିକ ଭିନ୍ନକ୍ଷମ ଶିଶୁ, ପୁରୁଷ, ମହିଳାମାନେ ଆସି ନାମ ପଞ୍ଜୀକରଣ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତରଙ୍କଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ଅନଲାଇନରେ ନାମ ପଞ୍ଜୀକରଣ କରି ପ୍ରମାଣପତ୍ର ଓ ଚିକିତ୍ସା ପାଇଁ ଆବେଦନ କରିଥିଲେ। ଏହି ଶିବିରରେ ମୋଟ ୨୮୨ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବା ବେଳେ ୭୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୧୧ ଜଣଙ୍କୁ ହ୍ୱିଲ ଚେୟାର, ୫ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଘଟଣାସ୍ଥଳରେ ହିଁ ଭିନ୍ନକ୍ଷମତାର ପୂର୍ବ ମୂଲ୍ୟାଙ୍କନ, ଭିନ୍ନକ୍ଷମତା ପ୍ରମାଣପତ୍ର/ ପରିଚୟ ପତ୍ର/ ପାସବୁକ ପ୍ରଦାନ, ଆୟ, ବାସସ୍ଥାନ, ଜାତି ପ୍ରମାଣପତ୍ର/ ପରିବହନ ରିହାତି, ସୁଧାରା, କ ଅସ୍ତ୍ରୋପଚାର ପାଇଁ ସହାୟତା, ସ୍ୱତନ୍ତ୍ର ଶିକ୍ଷା/ଛାତ୍ରବୃତ୍ତି ପାଇଁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମ ତାଲିକାଭୁକ୍ତ କରିବା, କୌଶଳ ତାଲିମ/ ବ୍ୟାଙ୍କ ଲିଙ୍କେଜ୍ ପାଇଁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚୟନ କରିବା, ଭିନ୍ନକ୍ଷମ ପେନସନ ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନା ପାଇଁ ନାମ ତାଲିକାଭୁକ୍ତ କରିବା, ସହାୟକ ଉପକରଣ (ଚଳପ୍ରଚଳ ଓ ଶୈକ୍ଷିକ) ଯୋଗାଇବା ଓ ଫିଟିଂ କରିବା, ସ୍ୱୟଂ ନିଯୁକ୍ତି କିଟ୍ ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା।

### ସମ୍ବଲପୁରରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା

# ଏଥରର ବଜେଟ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ : ଡ. ଅଜୟ

**ସମ୍ବଲପୁର, ୧୧।୨ (ସମିସ):** ଚଳିତବର୍ଷର ବଜେଟ କେବଳ ଧନୀ ଶ୍ରେଣୀ କିମ୍ବା ଗରିବ ଶ୍ରେଣୀ ଲୋକଙ୍କର ନୁହେଁ। ଏହି ବଜେଟ ସମସ୍ତଙ୍କର ବୋଲି ସମ୍ବଲପୁରରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଡାକ୍ତର ଅଜୟ ଆଲୋକ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଚଳିତ ବଜେଟ୍‌କୁ ନେଇ ଆଲୋଚନା କରିଥିଲେ। ପ୍ରତି ବର୍ଷ ବଜେଟରେ ଦରଦାମ ବୃଦ୍ଧି କମ୍‌କୁ ଲୋକେ ଅପେକ୍ଷା କରିଥାନ୍ତି। କିନ୍ତୁ କିଛି ମାସ ପୂର୍ବରୁ କେନ୍ଦ୍ରସରକାର ଜିଏସଟି ସ୍ଲାବ ପରିବର୍ତ୍ତନରେ ଏହାକୁ ସମାଧାନ କରିଥିଲେ। ତେଣୁ ଏଥର ବଜେଟରେ ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଇଛି ବୋଲି କହିଥିଲେ। ବଜେଟରେ ୫୩ ଲକ୍ଷ ୪୭ ହଜାର ୩୧୫ କୋଟିର ବ୍ୟୟ ଅଟକଳ ରଖାଯାଇଛି। ରାଜସ୍ୱ ଆୟ ୩୫ ଲକ୍ଷ କୋଟିରୁ ଅଧିକ ଟଙ୍କା ରହିଥିବାବେଳେ ବିତ୍ତିୟ ନିୟଣ୍ଟ ମାତ୍ର ୧୬ ଲକ୍ଷ ୯୫ ହଜାର କୋଟି ରହିଛି। ବିକଶିତ ଭାରତ ପାଇଁ ୧୨.୨୦ ଲକ୍ଷ କୋଟିର ପୁଞ୍ଜିଗତ ଖର୍ଚ୍ଚ ରଖାଯାଇଛି। ଯାହାଫଳରେ ଲୋକଙ୍କ ଆୟବୃଦ୍ଧିରେ ସହାୟକ ହେବ। ତେଣୁ ଏଥର ଐତିହାସିକ ବଜେଟ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ବିଶେଷ ଭାବେ ସମ୍ବଲପୁରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବାଇପାସ୍ ହାଇୱେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସହର ବାହାର ବାଇପାସ୍ ଫ୍ଲାଏ ଓଭର ନିର୍ମାଣ ଫଳରେ ଦୁର୍ଘଟଣା କମିବ। ଆଗକୁ ସମ୍ବଲପୁରରେ ଇଲୋକଟ୍ରୋନିକ୍ସ ୱେର ହାଉସ, କଣ୍ଟେନର ଓୟାର ହାଉସ, ମେଡିକାଲ ୱେବ ସେଣ୍ଟର ଓ ଏଜୁକେସନାଲ ହବ ନିର୍ମାଣ ହେବାର ଯୋଜନା ଚାଲିଛି।

**ଶୀଘ୍ର ସମ୍ବଲପୁରରେ ଏମ୍ସ ପାଇଁ ଜାଗା ଦେବେ ରାଜ୍ୟ ସରକାର**




ଯାହାକୁ କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେତୃତ୍ୱ ନେଇଛନ୍ତି। ଦୁଇ ଲିଡର ନିଜ ରାଜ୍ୟ ପାଇଁ ଅଧିକ ଚିନ୍ତିତ ରହିଛନ୍ତି। ଓଡ଼ିଶାରେ ସମ୍ବଲପୁର ଶ୍ରେଷ୍ଠ ରାଜ୍ୟ ଭାବେ ପରିଣିତ ହେବା ପାଇଁ ଶ୍ରୀ ପ୍ରଧାନ ଲାଗି ପଡ଼ିଛନ୍ତି। ବାୟୋଫାର୍ମା ଶକ୍ତି, ବାୟୋଫାର୍ମା ନେଟୱାର୍କ, ଭାରତ ସେମିକଣ୍ଡକ୍ଟର ମିସନ-୨, ଇଲୋକଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଯୋଜନା ତଥା ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି। ସାମାଜିକ କଲ୍ୟାଣ ପାଇଁ ୬୨, ୩୬୨ କୋଟି ଟଙ୍କା, ଏମ୍.ଏସ୍. ଏମ.ଇ ପାଇଁ ୧୦, ୦୦୦ କୋଟି, ଛୋଟ ଉଦ୍ୟୋଗୀ ପାଇଁ ୨, ୦୦୦ କୋଟି ଟଙ୍କା ରଖାଯାଇଛି। ପ୍ରତି ସେକ୍ଟରରେ ଓଡ଼ିଶାକୁ ବଜେଟରେ ଗୁରୁତ୍ୱ ଦିଆଯାଇଥିବା ସେ କହିଥିଲେ। ସମ୍ବଲପୁରରେ ଏମ୍ସ ନିର୍ମାଣ ପାଇ ଖୁବଶୀଘ୍ର ରାଜ୍ୟସରକାର ଜାଗା ଦେବେ ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ସମ୍ବଲପୁରର ଏମ୍‌ସ ନିର୍ମାଣ ପାଇଁ ଚେଷ୍ଟିତ ରହିଛନ୍ତି।ସମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାଏକ, ବିଜେପି ଓଡ଼ିଶା ବାଣିଜ୍ୟ କୋର୍ଡିନେଟର ଗୋବିନ୍ଦ ଅଗ୍ରୱାଲ ଓ ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣ ହୋଇପାରୁନି ହାତୀ ଚଳାପଥ, ଟ୍ରେନ୍ ଚଳାଚଳ ବିଳମ୍ବିତ

**ସମ୍ବଲପୁର, ୧୧।୨ (ସମିସ)**

ଗତ କିଛିବର୍ଷ ହେଲା ସମ୍ବଲପୁର ରେଳ ଡିଭିଜନର ସମ୍ବଲପୁର-ଅନୁଗୋଳ ରେଳଲାଇନରେ ରାତି ସମୟରେ ଟ୍ରେନ୍‌ଗୁଡ଼ିକ ଅହେତୁକ ଭାବେ ବିଳମ୍ବିତ ହେଉଛି। ଟ୍ରେନଗୁଡ଼ିକ ନିର୍ଦ୍ଧାରିତ ସମୟ-ସାରଣୀ ଅନୁଯାୟୀ ଚାଲୁନାହିଁ। ପ୍ରାୟତଃ ନିୟମିତ ଭାବେ ଟ୍ରେନ୍‌ଗୁଡ଼ିକ ଘଣ୍ଟାଏ, ଦେଢ଼ଘଣ୍ଟାରୁ ଅଧିକ ବିଳମ୍ବରେ ଚାଲୁଥିବା ଦେଖାଯାଉଛି। ପୁରୀ-ସମ୍ବଲପୁର ଇଣ୍ଟର୍‌ସିଟି ଏକ୍ସପ୍ରେସ ସମ୍ବଲପୁରକୁ ରାତି ୧୦ଟା ୫୫ ମିନିଟ୍‌ରେ ପହଞ୍ଚିବା କଥା ତେବେ ତାହା ପ୍ରାୟତଃ ପ୍ରତ୍ୟେକ ଦିନ ରାତି ୧୨ଟା ପାଖାପାଖି ପହଞ୍ଚୁଛି। ଏହାଦ୍ୱାରା ସମ୍ବଲପୁରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅନେକଗୁଡ଼ାଏ ଟ୍ରେନ୍ ବିଳମ୍ବରେ ଚାଲୁଛି। ସମ୍ବଲପୁର-ରେଢ଼ାଖୋଲ ରେଳ ଲାଇନରେ ସବୁବେଳେ ଟ୍ରେନ୍‌ର ଗତି ହ୍ରାସ ହୋଇଯାଉଛି। ମୁଖ୍ୟତଃ ରାତି ସମୟରେ ଏଭଳି ହେଉଥିବାରୁ ଠିକ୍ ସମୟରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁନାହାନ୍ତି। ଏନେଇ ରେଳ ବିଭାଗ ପକ୍ଷରୁ ହାତୀ କରିଡର ଯୋଗୁଁ ବିଳମ୍ବ ହେଉଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କିଛିବର୍ଷ ପୂର୍ବରୁ ସମ୍ବଲପୁର-ରେଢ଼ାଖୋଲ ହାତୀ କରିଡରରେ ଯେତେବେଳେ ଟ୍ରେନ ଧକ୍କାରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ସେତେବେଳେ ରେଳ ବିଭାଗ, ବନ ବିଭାଗ, ଜିଲ୍ଲା ପ୍ରଶାସନ ବାରମ୍ବାର ବୈଠକ କରି ଏକ କମିଟି ଗଠନ କରିଥିଲେ। ଏଥିରେ ହାତୀ କରିଡର ଅଞ୍ଚଳରେ ରେଳଲାଇନରେ ଅଣ୍ଡର-



ପାସ୍ କରାଯିବାସହ ଅନ୍ୟ ସବୁ ସତର୍କତାମୂଳକ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ହାତୀ ଚଳାପଥକୁ ନେଇ ବିଭିନ୍ନ ଯୋଜନା ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଦିଗରେ ରେଳବିଭାଗ ଓ ବନବିଭାଗ ଶୀଘ୍ର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସଚେତନ ମହଲରେ ମତପ୍ରକାଶ ପାଉଛି।

ସମ୍ବଲପୁର ରେଳ ଡିଭିଜନ ଡିଆର୍‌ଏମ୍ ସୁଭାଷ ସି. ଚୌଧରୀ କହିଛନ୍ତି, ଦୁଇତିନୋଟି ସୁରକ୍ଷା ବ୍ୟବସ୍ଥା ପ୍ରସ୍ତାବ ଆସିଛି ତନ୍ମଧ୍ୟରେ ଏଆଇ-ବେସ୍‌ଡ ଥର୍ମାଲ କ୍ୟାମେରା ଲାଗିବ। ହାତୀ ଆସିଲେ, ତାହା ଆସିବା ପୂର୍ବରୁ ଥର୍ମାଲ ଇମେଜ୍ ଦ୍ୱାରା ଜଣାପଡ଼ିଯିବ। ଦ୍ୱିତୀୟତଃ ଅପ୍‌ଟିକାଲ୍ ଫାଇବର୍ ସେନ୍ସର୍, ଯାହା ପରିସୀମା ବାହାରେ ଲାଗିବ, ତାହାଦ୍ୱାରା ହାତୀ ରେଳଟ୍ରାକ୍ ପାଖକୁ ଆସିଯାଇଛି ବୋଲି ଜଣାପଡ଼ିଯିବ। ସମ୍ବଲପୁର-ଅନୁଗୋଳ ରେଳଲାଇନ୍‌ର ରେଢ଼ାଖୋଲରୁ ସମ୍ବଲପୁର ମଧ୍ୟରେ ୩୦ ରୁ ୪୦ କିମି ରେଳପଥ ରହିଛି, ଯେଉଁଠି ଟ୍ରେନ୍‌ର ଗତିକୁ ରାତି ସମୟରେ ଘଣ୍ଟାପ୍ରତି ୩୦ ରୁ ୪୦ କିମି ରଖିବାକୁ ପଡୁଛି, ତେଣୁ ରାତିରେ ଟ୍ରେନ ଗୁଡିକ ଯାତାୟାତରେ ବିଳମ୍ବ ହେଉଛି ବୋଲି ଡିଆର୍‌ଏମ୍ କହିଛନ୍ତି। ବନବିଭାଗର ପରାମର୍ଶକ୍ରମେ ଟ୍ରେନ୍ ଗୁଡ଼ିକର ଗତି ପରିଚାଳନା କରାଯାଉଛି। ସମଗ୍ର ସମ୍ବଲପୁର ରେଳଡିଭିଜନ ଅଧୀନରେ ଏଭଳି ହାତୀ କରିଡର ପ୍ରାୟ ୮୦ କିଲୋମିଟର ରେଳପଥ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

ସମ୍ବଲପୁର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଧବ କହିଛନ୍ତି, ସମ୍ବଲପୁର ବନଖଣ୍ଡରେ ସବୁସମୟରେ ପାଖାପାଖି ୭୦ ରୁ ୮୦ଟି ହାତୀ ରହୁଛନ୍ତି। ବନଖଣ୍ଡ ମଝିଦେଇ ସମ୍ବଲପୁର-ଅନୁଗୋଳ ୨ଲେନ୍ ବିଶିଷ୍ଟ ରେଳଲାଇନ ଯାଇଛି। ସମ୍ବଲପୁର ବନଖଣ୍ଡର ଛୋଟବଡ଼ ମିଶେଇ ୨୧ଟି ସ୍ଥାନରେ ହାତୀମାନେ ରେଳଲାଇନ ଅତିକ୍ରମ କରୁଛନ୍ତି। ଏହାକୁ ନେଇ ରେଳ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରତି ମାସରେ ବନଖଣ୍ଡ ଅଫିସରେ ଗୋଟିଏ ବୈଠକ କରାଯାଉଛି। ଡିଆର୍‌ଏମ୍ କାର୍ଯ୍ୟାଳୟରେ ମଧ୍ୟ ବନବିଭାଗର ଏକ ନିୟନ୍ତ୍ରଣ କକ୍ଷ କରାଯାଇଛି। ସେଠାରେ ପ୍ରତିଦିନ ହାତୀ ଚଳାଚଳକୁ ନେଇ ଯେଉଁ ଟ୍ରାକିଂ କରାଯାଉଛି, ତାହାକୁ ନେଇ ଏକ ସତର୍କତାମୂଳକ ନିର୍ଦ୍ଦେଶନାମା ଜାରି ହେଉଛି। ଯେଉଁ ରେଳଲାଇନ୍‌ରେ ହାତୀ ଅତିକ୍ରମ କରିବା ସମ୍ଭାବନା ରହିଛି ସେଠାରେ ସତର୍କତା ମୂଳକ ନିର୍ଦ୍ଦେଶନାମା ଇସ୍ୟୁ କରୁଛୁ, ସୁରକ୍ଷା ପଦକ୍ଷେପ ସ୍ୱରୂପ ଗତି ହ୍ରାସ, ହର୍ଣ୍ଣ ବଜାଇବା ଆଦି ରହିଛି। ଟ୍ରେନର ଗତି ପ୍ରତି ଘଣ୍ଟା ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ କରିବାସହ ଆବଶ୍ୟକସ୍ଥଳେ ତା'ଠାରୁ କମ୍ ଏବଂ କେତେକ ସମୟରେ ଟ୍ରେନ୍‌କୁ ହାତୀ ଅତିକ୍ରମ କରିବା ପର୍ଯ୍ୟନ୍ତ ଅଟକାଇ ଦିଆଯାଉଛି ବୋଲି ଡିଏଫ୍‌ଓ କହିଛନ୍ତି। ରେଢ଼ାଖୋଲ-ସମ୍ବଲପୁର ଭିତରେ ହାତୀ ଚଳାଚଳକୁ ନେଇ ଏକ ରିପୋର୍ଟ ଦିଆଯାଇଛି ଏବଂ କେତେକ ସ୍ଥାନରେ ଏଆଇ ଟାୱାର ଲଗାଇବାର ପ୍ରସ୍ତାବ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

### ବିଧାୟକ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅପ୍ରୀତିକର ପରିସ୍ଥିତି

# ବିଜୟୀ ଦଳ ଖେଳାଳିଙ୍କୁ ଆକ୍ରମଣ

**ଇର୍ଷାପରାୟଣ ହୋଇ ପ୍ରତିପକ୍ଷ ଦଳ ତରଫରୁ ଟେକା ମାଡ଼**

**ଆକ୍ରମଣରେ ଜଣେ ଖେଳାଳିଙ୍କ ମୁହଁରେ ଗଭୀର ଆଘାତ**

**ଅଭିଯୋଗକାରୀଙ୍କୁ ଫେରାଇଦେଲା ଲୋଇସିଂହା ଥାନା ପୁଲିସ**

**ବଲାଙ୍ଗିର, ୧୧।୨(ସମିସ) :** ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ କୁଶଙ୍ଗରେ ଆୟୋଜିତ ବିଧାୟକ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଗଣ୍ଡଗୋଳ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ ଖେଳାଳି ଆହତ ହୋଇଛନ୍ତି।

ବୁଧବାର କୁଶଙ୍ଗର ଲୋଇସିଂହା ବ୍ଲକସ୍ତରୀୟ ବିଧାୟକ କପ୍‌ର ଉଦ୍‌ଯାପନୀ ମ୍ୟାଚ୍ ଥିଲା। ଏଥିରେ କୁଶଙ୍ଗ ଓ ବାଦିବାହାଲ ମଧ୍ୟରେ ମ୍ୟାଚ୍ ଚାଲିଥିଲା। ବାଦିବାହାଲ ଦଳ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ତେବେ ମ୍ୟାଚ୍ ସରିବା ପରେ ବାଦିବାହାଲ ଦଳ ବିଜୟ ଉତ୍ସବ ମନାଉଥିବା ବେଳେ ଅପ୍ରୀତିକର ପରିସ୍ଥିତି ଘଟିଥିଲା। ପ୍ରତିପକ୍ଷ କୁଶଙ୍ଗ ଦଳର ଖେଳାଳି ଓ ସ୍ଥାନୀୟ କିଛି ଯୁବକ ଈର୍ଷା ପରାୟଣ ହୋଇ ବାଦିବାହାଲ ଦଳ ଉପରେ ଟେକା ମାଡ଼ କରି ଆକ୍ରମଣ କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଇଥିଲା। ଏହି ଆକ୍ରମଣ ଫଳରେ ଜଣେ ଖେଳାଳିଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଖେଳାଳିମାନେ ଲୋଇସିଂହା ଡାକ୍ତରଖାନାକୁ ଆସି ଚିକିତ୍ସା ହେବା ପରେ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ; କିନ୍ତୁ ଘଟଣା ସଦର ଥାନା ଅଞ୍ଚଳରେ ହୋଇଥିବାରୁ ପୁଲିସ ଅଧିକାରୀ ସେଠାରେ ଅଭିଯୋଗ କରିବାକୁ କହିଥିଲେ। ଏହାକୁ ନେଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ପ୍ରତିଷ୍ଠା ପାଇଁ ୧୭ ରାଜ୍ୟଙ୍କୁ ପ୍ରତିକ୍ରିୟା ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ସ୍ୱତନ୍ତ୍ର ଏନଆଇଏ କୋର୍ଟ ପ୍ରତିଷ୍ଠାକୁ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ, ଗୁଜରାଟ, ମହାରାଷ୍ଟ୍ର ସମେତ ୧୭ ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ଆତଙ୍କବାଦୀ ନିରୋଧୀ ଆଇନ ଅନୁଯାୟୀ ରୁଜୁ ୧୦ କିମ୍ବା ତାଠାରୁ ଅଧିକ ମାମଲାର ଟ୍ରାଏଲ ଚାଲିଥିବା ରାଜ୍ୟଙ୍କୁ ଏହି କୋର୍ଟ ପ୍ରତିଷ୍ଠା ସୁନିଶ୍ଚିତ କରିବାକୁ କହିଛନ୍ତି। ଏ ନେଇ ସ୍ୱରାଷ୍ଟ୍ରମନ୍ତ୍ରାଳୟ ଦାଖଲ ଷ୍ଟାଟସରିପୋର୍ଟ ଉପରେ ତିନି ସପ୍ତାହ ମଧ୍ୟରେ ରାଜ୍ୟଙ୍କୁ ପ୍ରତିକ୍ରିୟା ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ପୀଠ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ଟ୍ରାଏଲରେ ଦ୍ୱାରା ଯଦି କେହି ନିର୍ଦ୍ଦୋଷରେ ମୁକ୍ତ ହୁଅନ୍ତି ତେବେ ଆଇନରେ ବିଳମ୍ବ ପାଇଁ ତାଙ୍କ ସହ ଅନ୍ୟାୟ ହୋଇଥାଏ। ଏହି କୋର୍ଟ ପ୍ରତିଷ୍ଠାରେ କେନ୍ଦ୍ର ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରିପୋର୍ଟରେ କୁହାଯାଇଛି ଯେ ପ୍ରତ୍ୟେକ ସ୍ୱତନ୍ତ୍ର କୋର୍ଟ ପାଇଁ ଥରକେ ୨ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏଥିରେ କୋଟିଏ ଟଙ୍କା ଲେଖାଏଁ ପୌନପୁନିକ ଏବଂ ଅଣ-ପୌନପୁନିକ ଖର୍ଚ୍ଚ ସାମିଲ ରହିଛି। ଏହା ମାଧ୍ୟମରେ ଭିତ୍ତିଭୂମି ବିକାଶ, ଆଇଟି ସାମଗ୍ରୀ, ଗାଡ଼ି, କର୍ମଚାରୀଙ୍କ ଦରମା ଆଦି ଦିଆଯାଇପାରିବ।

## ଭିସା, ଏୟାର ସର୍ଭିସେସ ନେଇ ଭାରତ-ଚୀନ୍ ସହମତି

ନୂଆଦିଲ୍ଲୀ, ୧୧।୨(ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ ପ୍ରଥମଥର ପାଇଁ ରାଜଧାନୀ ନୂଆଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଆଲୋଚନା ଅନୁଷ୍ଠିତ ହୋଇଛି। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଏହି ବୈଠକରେ ଭାରତର ବିଦେଶ ସଚିବ ବିକ୍ରମ ମିସ୍ରି ଓ ଚୀନ୍‌ର କାର୍ଯ୍ୟକାରୀ ଉପ ବିଦେଶ ମନ୍ତ୍ରୀ ମା ଝାଓଶୁ ସାମିଲ ହୋଇଥିଲେ। ଏହି ବୈଠକରେ ଉଭୟ ଦେଶ ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ- ଚୀନ୍ ସମ୍ପର୍କକୁ ସ୍ଥିର କରିବା ଓ ଭବିଷ୍ୟତ ପାଇଁ ଏକ ଦିଗ ପ୍ରସ୍ତୁତ କରିବା। ଦୁଇ ଦେଶ ଭିସା ସେବା ସୁବିଧା ପାଇଁ ବ୍ୟବହାରିକ ପଦକ୍ଷେପ ଗ୍ରହଣ କରିବାକୁ ସହମତି ପ୍ରକାଶ କରିଛନ୍ତି। ଏହା ସହିତ ଏକ ଅପଡେଟେଡ୍ ଏୟାର ସର୍ଭିସେସ ସହିତ ଏଗ୍ରିମେଣ୍ଟକୁ ଶୀଘ୍ର ଚୂଡାନ୍ତ ରୂପ ଦେବାକୁ ରାଜି ହୋଇଛନ୍ତି। ସେହିପରି ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ମଧ୍ୟ ଜୋର ଦିଆଯାଇଛି। ଏହା ଭାରତ- ଚୀନ୍ ସମ୍ପର୍କରେ ସାମଗ୍ରିକ ପ୍ରଗତି ପାଇଁ ଜରୁରୀ। ବିଦେଶ ସଚିବ କୈଳାଶ ମାନସରୋବର ଯାତ୍ରା ପୁନର୍ବାର ସଫଳତାର ସହ ଆରମ୍ଭ ହୋଇଥିବା ବିଷୟ ଉଲ୍ଲେଖ କରିଥିଲେ ଓ ଏହାର ପରିସର ବୃଦ୍ଧି ପାଇଁ ଆଶା ପ୍ରକାଶ କରିଥିଲେ। ଚୀନ୍ ବିଦେଶ ମନ୍ତ୍ରଣାଳୟ ଅନୁଯାୟୀ, ଦୁଇ ଦେଶ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ସହଯୋଗୀ ଅଟନ୍ତି। ବଦଳୁଥିବା ବିଶ୍ୱ ପରିସ୍ଥିତିରେ ସମ୍ପର୍କକୁ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ଦେଖିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି।

## ଶିଶୁ ନିଖୋଜ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଦେଶର ବିଭିନ୍ନ ଭାଗରୁ ଶିଶୁ ନିଖୋଜ ହେବା ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ଏହି ମାମଲାର ତଦନ୍ତ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ନିଖୋଜ ଘଟଣା ପଛରେ ଦେଶବ୍ୟାପୀ ନେଟୱର୍କ ରହିଛି କି କୌଣସି ନିର୍ଦ୍ଦିଷ୍ଟ ରାଜ୍ୟ ଗୋଷ୍ଠୀର ହାତ ଅଛି ତାହାର ସନ୍ଧାନ କରିବାକୁ କହିଛନ୍ତି। ଏହା ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ତଥା ଧାରା କିମ୍ବା ଅନିୟମିତ ଭାବେ ଚାଲିଛି ତାହା ଜାଣିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କଠାରୁ ମଧ୍ୟ ଏ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବାକୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଉଜ୍ଜ୍ୱଳ ଭୁଇଁଆଙ୍କ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି। କେନ୍ଦ୍ର ପକ୍ଷରୁ ଏଏସଜି ଐଶ୍ୱର୍ଯ୍ୟା ଭଟ୍ଟି କହିଥିଲେ ଯେ ୧୨ରୁ ଅଧିକ ରାଜ୍ୟ ଏ ନେଇ ତଥ୍ୟ ଦେଇନାହାନ୍ତି। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ ଠାବ କରାଯାଇଥିବା ଶିଶୁଙ୍କ ସାକ୍ଷାତକାର ନିଅ। ଏହା ପଛରେ କିଏ ଦାୟୀ ତାଙ୍କୁ ପଚାରି ଚିହ୍ନଟ କର। ନିଖୋଜ ଶିଶୁଙ୍କ ତଥ୍ୟ ଦେଇ ନ ଥିବା ରାଜ୍ୟଙ୍କୁ କୋର୍ଟ ସମାଲୋଚନା କରିଛନ୍ତି। ତଥ୍ୟ ନ ଦେଲେ କଠୋର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ନେପାଳରେ ନଦୀକୁ ଖସିଲା ବସ୍; ୧୨ ମୃତ, ୮ ଆହତ

କାଠମାଣ୍ଡୁ, ୧୧।୨(ଏଜେନ୍ସି): ନେପାଳରେ ମଙ୍ଗଳବାର ରାଜଧାନୀ କାଠମାଣ୍ଡୁରୁ ଓଖଲଢୁଙ୍ଗା ଯାଉଥିବା ଏକ ଯାତ୍ରୀବାହୀ ବସ୍ ବାଟରେ ତାମାକୋଶୀ ନଦୀକୁ ଖସି ପଡ଼ିଛି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୨ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି। ଏହି ଘଟଣା ପ୍ରାୟ ସକାଳ ୧୧ଟା ସମୟରେ ଘଟିଥିଲା। ଏଥିରେ ବସ୍ ଚାଳକଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି ଓ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରୁ ୧୦ଜଣଙ୍କୁ ଚିହ୍ନଟ କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ, ସୁରକ୍ଷାକର୍ମୀ, ଓ ଉଦ୍ଧାରକରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲକୁ ପଠାଇଥିଲେ। ପୁଲିସ ବସ୍ ଚାଳକଙ୍କୁ ଅଟକ ରଖିଛି। ଅନ୍ୟ ଯାତ୍ରୀଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି। ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ବିବାହରୁ ଫେରିବା ବେଳେ କାର୍ ଦୁର୍ଘଟଣା; ୬ ବନ୍ଧୁ ମୃତ

ଦୌସା, ୧୧।୨(ଏଜେନ୍ସି): ରାଜସ୍ଥାନର ଦୌସା ଅଞ୍ଚଳରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣ ବନ୍ଧୁଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେମାନେ ଏକ ବିମାହ ଉତ୍ସବରେ ଯୋଗ ଦେଇ ଘରକୁ ଫେରୁଥିଲେ। ଅତ୍ୟଧିକ ବେଗରେ ଥିବା କାର୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର ପାର୍ କରି ଅନ୍ୟପଟୁ ଆସୁଥିବା ଏକ ଟ୍ରଲର ସହ ପିଟି ହୋଇଯାଇଥିଲା। ଏହ ଦୁର୍ଘଟଣା ଗତ ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ଜୟପୁର- ଆଗ୍ରା ଜାତୀୟ ରାଜପଥର କୈଲାଇ ଗ୍ରାମ ନିକଟରେ ଘଟିଛି। ଦୁର୍ଘଟଣା ମାତ୍ର କିଛି ଘଣ୍ଟା ପୂର୍ବରୁ ସମସ୍ତ ବନ୍ଧୁ ବାହାଘର ଭୋଜି ଖାଉଥିବା ସମୟରେ ଫଟୋ ମଧ୍ୟ ଉଠାଇଥିଲେ। ଟ୍ରଲର ଭିତର ପଶିଯାଇଥିବା କାର୍‌କୁ କ୍ରେନ୍ ସାହାଯ୍ୟରେ ଅଲଗା କରାଯାଇଥିଲା।

# ବାଂଲାଦେଶରେ ଅଗ୍ନି ପରୀକ୍ଷା ଆଜି

## ଜମାତ-ଏ-ଇସଲାମୀ ବନାମ୍ ବିଏନ୍‌ପି କଡ଼ା ଟକ୍କର



ଢାକା, ୧୧।୨(ଏଜେନ୍ସି): ଆସନ୍ତାକାଲି ବାଂଲାଦେଶରେ ବହୁପ୍ରତୀକ୍ଷିତ ତଥା ବହୁ ଚର୍ଚ୍ଚିତ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହା ଉପରେ ସାରା ବିଶ୍ୱର ନଜର ରହିଛି। ବାଂଲାଦେଶରେ ୩୦୦ଟି ଆସନ ବିଶିଷ୍ଟ ସଂସଦୀୟ କ୍ଷେତ୍ର ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। କିନ୍ତୁ ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ 'ଆୱାମୀ ଲିଗ୍' ପାର୍ଟିକୁ ନିଷିଦ୍ଧ କରାଯାଇଛି। ତେଣୁ ହସିନାଙ୍କ ୧୫ ବର୍ଷର ଶାସନର ଅନ୍ତ ପରେ ଏବଂ ବିନା ଆୱାମୀ ଲିଗରେ ପ୍ରଥମଥର ପାଇଁ ସାଧାରଣ ନିର୍ବାଚନ ହେବ। ୨୦୨୪ ଜୁଲାଇରେ ଜନ ଆନ୍ଦୋଳନ ପରେ ହସିନାଙ୍କୁ ଶାସନରୁ ବିତାଡ଼ିତ କରାଯାଇଥିଲା ଓ ସେ ଭାରତରେ ଶରଣ ନେଇଥିଲେ। ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ତଥା ପ୍ରଶାସନ ଏକ ମୁକ୍ତ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ୟୁରୋପୀୟ ସଂଘ ଓ ରାଜ୍ୟଗୋଷ୍ଠୀ ସମେତ ପ୍ରାୟ ୫୦୦ ବିଦେଶୀ ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ।

ଦଶନ୍ଧି ଦଶନ୍ଧି ଧରି ବାଂଲାଦେଶ ରାଜନୀତି ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ପରିବାର ଚାରିପଟେ ଘୂରି ବୁଲୁଥିଲା। ଗୋଟିଏ ପଟେ ହସିନାଙ୍କ ଆୱାମୀ ଲିଗ୍ ଓ ଅନ୍ୟପଟେ ବେଗମ ଖାଲିଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)। ଗତ ଡିସେମ୍ବରରେ ଖାଲିଦାଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ତାରିକ ରହମାନ ବିଏନ୍‌ପିର ନେତୃତ୍ୱ ନେଉଛନ୍ତି। ଆୱାମୀ ଲିଗ୍ ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ କଠୋରପନ୍ଥୀ 'ଜମାତ-ଏ-ଇସ୍‌ଲାମୀ' ନେତୃତ୍ୱରେ ୧୧ ଦଳୀୟ ମେଣ୍ଟ ଏଥର ବିଏନ୍‌ପିକୁ ଟକ୍କର ଦେବ। ଏଥର ଏହି ନିର୍ବାଚନ ବିଭିନ୍ନ ଦୃଷ୍ଟିକୋଣରୁ ଐତିହାସିକ ହେବାକୁ ଯାଉଛି।

ରାଜନୀତିରୁ ବହୁଦିନ ଧରି ଦୂରେଇ ରହିଥିବା ପାକିସ୍ତାନ ଦ୍ୱାରା ସମର୍ଥିତ ମୌଳବାଦୀ ଦଳ ଜମାତ-ଏ-ଇସଲାମୀ ପ୍ରଥମଥର ପାଇଁ ସରକାର ଗଠନ କରିବାର ସମ୍ଭାବନା ସୃଷ୍ଟି କରିଛି। ଜଣାଶୁଣା ସମ୍ବାଦ ସଂସ୍ଥା ରଏଟର ଅନୁଯାୟୀ, ଦୁଇଟି ସାମ୍ପ୍ରତିକ ସର୍ଭେରେ ଜମାତ-ଏ- ଇସଲାମି ବାଂଲାଦେଶର ବୃହତ୍ତମ ଦଳ ଭାବେ ଉଭା ହେବାକୁ ଯାଉଛି। ଏହି ଦଳ ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ପାର୍ଟି ବଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)କୁ କଡ଼ା ଟକ୍କର ଦେବ ବୋଲି ଅନୁମାନ କରାଯାଉଛି। କିନ୍ତୁ ଜମାତ-ଏ- ଇସଲାମି ଦଳର ଏକ କଳା ଅତୀତ ରହିଛି। ଯଦିଓ ନିର୍ବାଚନରେ କେତୋଟି ସର୍ଭେରେ ଏହି ଦଳ ସାମାନ୍ୟ ଆଗରେ ଥିବାପରି ମନେ ହେଉଛି। ତେବେ ସାଧାରଣ ଲୋକ ଏହାକୁ କିପରି ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା। ୧୯୭୧ରେ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମକୁ ବିରୋଧ କରିବା ସହ ପାକିସ୍ତାନ ସେନାର ଦମନଲୀଳାକୁ ସମର୍ଥନ କରିଥିଲା। ଦେଶ ସ୍ୱାଧୀନ ହେବା ପରେ ୧୯୭୨ରେ ଏହାକୁ ନିଷିଦ୍ଧ କରାଯାଇଥିଲା। ଅବଶ୍ୟ ୧୯୭୫ରେ ଏହି ନିଷେଧ ପ୍ରତ୍ୟାହାର କରାଯାଇଥିଲା। ୧୯୭୯ରେ ଜିଆଉର ରହମାନଙ୍କ ଶାସନ କାଳରେ ଏହି ଦଳକୁ ନିର୍ବାଚନ ଲଢ଼ିବାକୁ ଅନୁମତି ପ୍ରଦାନ କରାଯାଇଥିଲା। ଜଣାଶୁଣା ଆମେରିକୀୟ ସଂଗଠନ ଇଣ୍ଟରନ୍ୟାସନାଲ ରିପବ୍ଲିକାନ ଇନଷ୍ଟିଚ୍ୟୁଟ (ଆରଆରଆଇ) ଦ୍ୱାରା ଡିସେମ୍ବରରେ କରାଯାଇଥିବା ଏକ ସର୍ଭେରେ ଦର୍ଶାଯାଇଥିଲା ଯେ, ବିଏନ୍‌ପିକୁ ୩୩ ଓ ଜମାତକୁ ୨୯ ପ୍ରତିଶତ ସମର୍ଥନ ମିଳିଥିଲା। ଅର୍ଥାତ ଦୁଇ ଦଳ ମଧ୍ୟରେ ମାମୁଲି ଅନ୍ତର ଦେଖିବାକୁ ମିଳିଥିଲା। ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାର୍ଟି ଆୱାମୀ ଲିଗ୍‌କୁ ନିର୍ବାଚନରୁ ନିଷିଦ୍ଧ କରିବା ଫଳରେ ଜମାତ ଲାଭବାନ ହେବ ବୋଲି ଅନୁମାନ କରାଯାଉଛି।

ଭାରତର ଲୋକସଭା ନିର୍ବାଚନ ଭଳି ବାଂଲାଦେଶରେ ନିର୍ବାଚନ ଆୟୋଜନ ହୋଇଥାଏ। ଜମାତ୍ ଏକ ମୌଳବାଦୀ ପାର୍ଟି ହୋଇଥିବାରୁ ଏବେ ଏହି ଦଳ ଏବେ ନିଜର ଛବି ସୁଧାରିବାକୁ ପ୍ରୟାସ କରିଛି। ଅବଶ୍ୟ ଦଳର ଅତୀତ ଦଳ ପାଇଁ କଣ୍ଟା ସଦୃଶ ହୋଇଛି। ଯୁବବର୍ଗ ଜମାତକୁ ସମର୍ଥନ କରୁଥିବା ଲକ୍ଷ୍ୟ କରାଯାଉଛି। ଜମାତ ଶାସନକୁ ଆସିଲେ ବାଂଲାଦେଶ ପାକିସ୍ତାନର ନିକଟତର ହେବ। ଫଳରେ ଭାରତ ପାଇଁ ଚିନ୍ତା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି।



### ରାହୁଲଙ୍କ ଅଭିଯୋଗକୁ ହରଦୀପଙ୍କ ଖଣ୍ଡନ

# ମୁଁ ଏପଷ୍ଟିନଙ୍କୁ ତିନି ଚାରି ଥର ଭେଟିଛି; କିନ୍ତୁ...

ନୂଆଦିଲ୍ଲୀ, ୧୧।୨(ଏଜେନ୍ସି): କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ସହ ତାଙ୍କର କୌଣସି ଆପରାଧିକ ସମ୍ପର୍କ ଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ। ଆଜି ଏଠାରେ ଏକ ସମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଦର୍ଶାଇ ସେ ସ୍ପଷ୍ଟ କରିଛନ୍ତି ଯେ, ଏପଷ୍ଟିନଙ୍କୁ ସେ ମାତ୍ର ୩ କିମ୍ବା ୪ଥର ଭେଟିଥିଲେ ଓ ଏହି ସାକ୍ଷାତ ସମ୍ପୂର୍ଣ୍ଣ ରୂପେ ବୃତ୍ତିଗତ ଥିଲା। ଏହି ସାକ୍ଷାତ 'ଇଣ୍ଡିପେଣ୍ଡେଣ୍ଟ କମିସନ ଅନ ମଲ୍ଟିଲାଟେରାଲିଜିମ' ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ କାର୍ଯ୍ୟ ସହ ଜଡ଼ିତ ଥିଲା। ଲୋକସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏପଷ୍ଟିନ ବିବାଦରେ ପୁରୀଙ୍କ ନାମ ନେବା ପରେ ସେ ଏହି ସ୍ପଷ୍ଟୀକରଣ ଦେଇଛନ୍ତି।

୨୦୦୯ରୁ ୨୦୧୭ ମଧ୍ୟରେ ପ୍ରାୟ ୩୦ ଲକ୍ଷ ଇମେଲ ଜାରି କରାଯାଇଛି। ଏହି ଦୀର୍ଘ ସମୟ ମଧ୍ୟରେ କେବଳ ୩ରୁ ୪ଥର ସାକ୍ଷାତ ବିଷୟରେ ଉଲ୍ଲେଖ ରହିଛି ବୋଲି ପୁରୀ କହିଛନ୍ତି। ସେତେବେଳେ ସେ ଜାତିସଂଘରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଥିଲେ ଓ ଜଣେ ବ୍ୟକ୍ତିଗତ ନାଗରିକ ଭାବେ ଭାରତର ସୁଯୋଗ ନେଇ ଚର୍ଚ୍ଚା କରୁଥିଲେ। କୌଣସି ପ୍ରକାର ଭୁଲ କାର୍ଯ୍ୟକଳାପରେ ଜଡ଼ିତ ନଥିବା ପୁରୀ ସ୍ପଷ୍ଟ କରିଛନ୍ତି। ରାହୁଲ ବୁଧବାର ଲୋକସଭାରେ ଏପଷ୍ଟିନ ଫାଇଲ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ଅନିଲ ଅମ୍ବାନୀଙ୍କୁ ଜେଲ କାହିଁକି ହେଲାନାହିଁ? କାରଣ ତାଙ୍କ ନାମ ଏପଷ୍ଟିନ ଫାଇଲରେ ଅଛି। ମୁଁ ଜାଣିଛି ତାଙ୍କୁ ଏପଷ୍ଟିନ ସହ କିଏ ପରିଚୟ କରାଇଥିଲେ, ହରଦୀପ ପୁରୀ ମଧ୍ୟ ତାହା ଜାଣନ୍ତି। ପୂର୍ବରୁ କଂଗ୍ରେସ ନେତା ପବନ ଖେଡ଼ା କିଛି ସ୍କ୍ରିନସଟ୍ ସେୟାର କରି ଦାବି କରିଛନ୍ତି ଯେ, ଅନିଲ ଅମ୍ବାନୀ ୨୦୧୭ରେ ଏପଷ୍ଟିନଙ୍କୁ ଟ୍ରମ୍ପଙ୍କ ନିକଟତର ବ୍ୟକ୍ତିଙ୍କ ସାକ୍ଷାତ ପାଇଁ ସାହାଯ୍ୟ ମାଗିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତ ନେଇ ମଧ୍ୟ ଏପଷ୍ଟିନଙ୍କ ଇମେଲ୍‌ରେ ଉଲ୍ଲେଖ ଅଛି ବୋଲି କୁହାଯାଇଛି। ତେବେ ବିଦେଶ ମନ୍ତ୍ରଣାଳୟ ଏହି ଇମେଲଗୁଡିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛି।

## ଏପଷ୍ଟିନ ମାମଲାରେ ଦଲାଇ ଲାମାଙ୍କୁ ଫସାଇବାକୁ ଉଦ୍ୟମ କରିଥିଲା କିଏ?

ନ୍ୟୁୟର୍କ, ୧୧।୨(ଏଜେନ୍ସି): ବୌଦ୍ଧଧର୍ମ ଧର୍ମଗୁରୁ ଦଲାଇ ଲାମାଙ୍କ ଭାବମୂର୍ତ୍ତି ଖରାପ କରିବା ପାଇଁ ଚୀନ୍ ଇଣ୍ଟରନେଟ୍ ଓ ଡିଜିଟାଲ ପ୍ରୋପାଗଣ୍ଡାର ସହାୟତା ନେଇଥିଲା। ଚୀନର ସରକାରୀ ଗଣମାଧ୍ୟମ ଆମେରିକାର କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସହ ଜଡ଼ିତ ଫାଇଲଗୁଡ଼ିକର ଭୁଲ ବ୍ୟାଖ୍ୟା କରି ଦଲାଇ ଲାମାଙ୍କ ନାମ ସହ ଯୋଡ଼ିବାକୁ ଚେଷ୍ଟା କରିଥିଲା। କିନ୍ତୁ କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ ଏହି କଥାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛି। ସେମାନେ ଆମେରିକା ନ୍ୟାୟ ବିଭାଗ ଦ୍ୱାରା ଜାରି କରାଯାଇଥିବା ଏପଷ୍ଟିନ ଫାଇଲଗୁଡ଼ିକୁ ସତର୍କତାର ସହ ଯାଞ୍ଚ କରିଥିଲେ। ଏଥିରୁ ଜଣାପଡ଼ିଛି ଯେ, ଫାଇଲଗୁଡ଼ିକରେ ଦଲାଇ ଲାମାଙ୍କ ନାମ କେବଳ ଅନ୍ୟ କାହାର ବୟାନ କିମ୍ବା ସନ୍ଦର୍ଭରେ ଆସିଛି। ଦଲାଇ ଲାମା ଓ ଏପଷ୍ଟିନ ମଧ୍ୟରେ କେବେ ହେଲେ ସାକ୍ଷାତ ହୋଇନାହିଁ। ଉଭୟଙ୍କ ମଧ୍ୟରେ ଟଙ୍କାର କାରବାର କିମ୍ବା କୌଣସି ପ୍ରକାର କଥାବାର୍ତ୍ତାର ପ୍ରମାଣ ମିଳିନାହିଁ। ଏହି ବିବାଦ ବଢ଼ିବା ପରେ ଦଲାଇ ଲାମାଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି ଯେ, ସେ କେବେ ବି ଜେଫ୍ରି ଏପଷ୍ଟିନଙ୍କୁ ଭେଟିନାହାନ୍ତି କିମ୍ବା ତାଙ୍କ ପକ୍ଷରୁ କାହାକୁ କଥା ହେବା ପାଇଁ ଅନୁମତି ଦେଇନାହାନ୍ତି। ତେଣୁ ଏପଷ୍ଟିନ ଫାଇଲ ସହିତ ଦଲାଇ ଲାମାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏପଷ୍ଟିନ ଫାଇଲ କାରଣରୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି।

## 'ଜନ ଗଣ ମନ' ପୂର୍ବରୁ ଗାନ ହେବ 'ବନ୍ଦେ ମାତରମ'

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): 'ବନ୍ଦେ ମାତରମ'କୁ ନେଇ କେନ୍ଦ୍ର ସରକାର ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ଏବେ ସରକାରୀ କାର୍ଯ୍ୟକ୍ରମ, ସ୍କୁଲ୍ କିମ୍ବା ଅନ୍ୟ ଔପଚାରିକ ଆୟୋଜନରେ 'ବନ୍ଦେ ମାତରମ' ଗାନ କରାଯିବ। ଏହି ସମୟରେ ଛିଡ଼ା ହେବା ବାଧ୍ୟତାମୂଳକ କରିଦିଆଯାଇଛି। ଗତ ୨୮ ତାରିଖରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ମାତ୍ର ଆଜି ଏହି ସୂଚନା ଗଣମାଧ୍ୟମ ସାମ୍ନାକୁ ଆସିଛି। ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି ଯେ ଯଦି ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ' ଏବଂ ଜାତୀୟ ସଂଗୀତ 'ଜନ ଗଣ ମନ' ଏକାଠି ଗାନ କରାଯିବ ତେବେ 'ବନ୍ଦେ ମାତରମ'କୁ ଆଗ ଗାଇବାକୁ ପଡ଼ିବ। ଏହି ସମୟରେ ଗୀତ ଗାଉଥିବା କିମ୍ବା ଶୁଣୁଥିବା ବ୍ୟକ୍ତିଙ୍କୁ ସାବଧାନ ମୁଦ୍ରାରେ ଛିଡ଼ାହେବାକୁ ହେବ।

**ସ୍କୁଲରେ ରାଷ୍ଟ୍ରୀୟ ସଙ୍ଗୀତ ପରେ ଆରମ୍ଭ ହେବ ପଢ଼ା**

ସରକାରୀ ନିର୍ଦ୍ଦେଶରେ ସବୁ ସ୍କୁଲ୍‌ରେ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ' ଗାନ କରାଯିବା ପରେ ଯାଇ ପଢ଼ା ଆରମ୍ଭ ହେବ। ଏହି ସମୟରେ 'ବନ୍ଦେ ମାତରମ'ର ସବୁ ୬ ପାରା ପଢ଼ିବାକୁ ପଡ଼ିବ। ଏଥିପାଇଁ ୩ ମିନିଟ ୧୦ ସେକେଣ୍ଡ ଧାର୍ଯ୍ୟ କରାଯାଇଛି। ଏ ପର୍ଯ୍ୟନ୍ତ ସ୍କୁଲରେ ଗୀତର ଦୁଇ ପାରା ଗାନ କରାଯାଉଥିଲା। ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି ଯେ କେଉଁ ଅବସରରେ ଏହି ଗୀତ ଗାନ କରାଯିବ ତାହାର ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ। ପ୍ରଥମ ଥର ପାଇଁ ରାଷ୍ଟ୍ରୀୟ ଗାନ ନେଇ ବିସ୍ତୃତ ପ୍ରୋଟୋକଲ ଜାରି କରାଯାଇଛି।

ଜାତୀୟ ପତାକା ପରେଡରେ ନେବା ସମୟରେ, ତ୍ରିରଙ୍ଗା ଉତ୍ତୋଳନ, କୌଣସି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପହଞ୍ଚିଲେ, ରାଷ୍ଟ୍ରପତିଙ୍କ ସମ୍ବୋଧନ ପୂର୍ବରୁ ଏବଂ ପରେ, ରାଜ୍ୟପାଳ ଏବଂ ଉପରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ, ରାଜ୍ୟପାଳଙ୍କ ଭାଷଣ ପୂର୍ବରୁ ଏବଂ ପରେ, ନାଗରିକ ସମ୍ମାନ ସମାରୋହ ଆଦିରେ 'ବନ୍ଦେ ମାତରମ' ଗାନ କରାଯିବ। ମନ୍ତ୍ରୀ କିମ୍ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଅଣ-ଔପଚାରିକ ଜରୁରୀ କାର୍ଯ୍ୟକ୍ରମରେ ମଧ୍ୟ ସାମୂହିକ ଭାବେ ଏହାକୁ ଗାଇ ପାରିବେ। ମାତ୍ର ଏହି ସମୟରେ ରାଷ୍ଟ୍ରୀୟ ସଙ୍ଗୀତକୁ ସମ୍ପୂର୍ଣ୍ଣ ସମ୍ମାନ ଦେବା ଉଚିତ। ଅନ୍ୟପଟେ ସିନେମା ହଲ୍‌କୁ ଏହି ନିୟମରୁ ବାଦ ଦିଆଯାଇଛି।

## ରଙ୍ଗ ବଦଳାଇଲେ ଟ୍ରମ୍ପ: ଭାରତ ମାନଚିତ୍ରରୁ ହଟାଇଲେ ପିଓକେ-ଅକ୍ସାଇ ଚୀନ୍




ୱାସିଂଟନ, ୧୧।୨ (ଏଜେନ୍ସି): ପୁଣି ଆମେରିକାର ଦୋମୁହାଁ ନୀତି ପଦାରେ ପଡ଼ିଛି। ବାଣିଜ୍ୟ ଚୁକ୍ତି ପରେ ଆମେରିକା ଜାରି କରିଥିବା ଭାରତ ମାନଚିତ୍ରକୁ ଏବେ ହଟାଇ ନେଇଛି। ଏହି ମାନଚିତ୍ରରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଏବଂ ଅକ୍ସାଇ ଚୀନ୍ (ଚୀନ୍ କବ୍‌ଜାରେ ଥିବା ଅଞ୍ଚଳ)କୁ ଭାରତର ଅଂଶ ଦେଖା ଯାଇଥିଲା। ଗତ ୭ ତାରିଖରେ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ଏହାକୁ ନେଇ ୟୁନାଇଟେଡ ଷ୍ଟେଟ୍ସ ଟ୍ରେଡ ରିପ୍ରେଜନଟେଟିଭ (ୟୁଏସଟିଆର) ଜାରି କରିଥିବା ଏହି ମାନଚିତ୍ର ଚର୍ଚ୍ଚାରେ ଥିଲା।

ଏ ପର୍ଯ୍ୟନ୍ତ ଆମେରିକା ଏଜେନ୍ସି ଗୁଡ଼ିକ ଭାରତୀୟ ମ୍ୟାପରେ ପିଓକେ ଏବଂ ଅକ୍ସାଇଚୀନ୍‌କୁ ବିବାଦୀୟ ଅଞ୍ଚଳ ଭାବେ ଅଲଗା ରଙ୍ଗରେ କିମ୍ବା 'ଡଟେଡ ଲାଇନ୍ସ'ରେ ଦେଖାଉଥିଲା। ମାତ୍ର ଉକ୍ତ ପୋଷ୍ଟରେ ଏଭଳି କୌଣସି ଚିହ୍ନ କିମ୍ବା ଧାଡ଼ି ନ ଥିଲା। ସମ୍ପୂର୍ଣ୍ଣ କ୍ଷେତ୍ରକୁ ଭାରତର ଅଭିନ୍ନ ଅଂଶ ଦେଖାଯାଇଥିଲା। ଏହାକୁ ନେଇ ବିଶେଷଜ୍ଞ ଭିନ୍ନ ମତ ଦେଇଥିଲେ। ପାକିସ୍ତାନ ଏବଂ ଚୀନ୍ ସହ ଆମେରିକାର ଉତ୍ତେଜନା ଲାଗି ରହିଥିବାବେଳେ ଏହି ପଦକ୍ଷେପ ଭାରତ ସମର୍ଥନର ସଙ୍କେତ ଦେଉଛି। ଆଉ କିଛି ଲୋକ ଭୁଲରେ ଏହା ଜାରି ହୋଇଥିବା କହିଥିଲେ। ଅନେକ କଳ୍ପନାଜଳ୍ପନା ମଧ୍ୟରେ ୟୁଏସଟିଆର ଉକ୍ତ ପୋଷ୍ଟକୁ ହଟାଇ ନେଇଛି। ଏ ପର୍ଯ୍ୟନ୍ତ ଏହାକୁ ନେଇ କୌଣସି ଆନୁଷ୍ଠାନିକ ବିବୃତି ଦିଆଯାଇ ନାହିଁ। ପିଓକେକୁ ନେଇ ୧୯୪୭ରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଚାଲିଛି। ଏହା ଉଭୟ ଦେଶ ମଧ୍ୟରେ ଯୁଦ୍ଧ, ଉତ୍ତେଜନା ଏବଂ କୂଟନୈତିକ ଲଢ଼େଇର କେନ୍ଦ୍ର ପାଲଟି ଯାଇଛି।

## ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ୱାଙ୍ଗଚୁକଙ୍କୁ ମୁକ୍ତି କରିପାରିବୁନି: କେନ୍ଦ୍ର


ନୂଆଦିଲ୍ଲୀ, ୧୧।୨(ଏଜେନ୍ସି): ଜଣାଶୁଣା ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକ୍‌ଙ୍କ ହେପାଜତ ମାମଲାରେ କେନ୍ଦ୍ର ସରକାର ସୁପ୍ରିକୋର୍ଟଙ୍କୁ ଜଣାଇଛନ୍ତି ଯେ, ତାଙ୍କୁ ବର୍ତ୍ତମାନ ମୁକ୍ତ କରାଯାଇ ପାରିବନାହିଁ। ଜଷ୍ଟିସ ଅରବିନ୍ଦ କୁମାର ଓ ଜଷ୍ଟିସ



ପିବି ବରାଲେଙ୍କ ଖଣ୍ଡପୀଠ ସରକାରଙ୍କୁ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟଗତ କାରଣରେ ମୁକ୍ତ କରିବା ସମ୍ପର୍କରେ ପଚାରିଥିଲେ। ସଲିସିଟର ଜେନେରାଲ ତୁଷାର ମେହେଟା ଏହାର ଉତ୍ତର ଦେଇଥିଲେ। ସେ କୋର୍ଟଙ୍କୁ କହିଥିଲେ ଯେ, ଜେଲ୍ ନିୟମାବଳୀ ଅନୁଯାୟୀ, ୱାଙ୍ଗଚୁକଙ୍କର ଏପର୍ଯ୍ୟନ୍ତ ୨୪ଥର ମେଡିକାଲ ଯାଞ୍ଚ୍ କରାଯାଇଛି। ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଓ ଫିଟ୍ ଅଛନ୍ତି। ତାଙ୍କର କେବଳ ହଜମ ପ୍ରକ୍ରିୟା ଜନିତ ସମସ୍ୟା ଓ ସଂକ୍ରମଣ ହୋଇଥିଲା, ଯାହାର ଚିକିତ୍ସା କରାଯାଇଛି। ଯଦି ଏଭଳି ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ତାଙ୍କୁ ମୁକ୍ତ କରାଯାଏ, ତେବେ ଆଗକୁ ଅନ୍ୟମାନେ ମଧ୍ୟ ଏହି ଦାବି କରିବେ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା।

## 'ପେଙ୍ଗୁଇନ ଇଣ୍ଡିଆ'କୁ ଦିଲ୍ଲୀ ପୁଲିସର ନୋଟିସ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ପୂର୍ବତନ ସେନା ମୁଖ୍ୟ ଜେନେରାଲ ଏମଏମ ନରବାଣେଙ୍କ ଅପ୍ରକାଶିତ ପୁସ୍ତକ 'ଫୋର ଷ୍ଟାର୍ସ ଅଫ ଡେଷ୍ଟିନି'କୁ ନେଇ ବିବାଦ ବଢ଼ି ଚାଲିଛି। ଏହାର ପ୍ରକାଶନ ଅଧିକାର ପାଇଥିବା ସଂସ୍ଥା 'ପେଙ୍ଗୁଇନ ଇଣ୍ଡିଆ' ଏବଂ ନରବାଣେଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦେଇଥିଲେ ବି ସରକାର ଏବଂ ବିରୋଧୀ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଏପରି ସମୟରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପେଙ୍ଗୁଇନ ଇଣ୍ଡିଆକୁ ନୋଟିସ ଜାରି କରିଛି। ଏହି ନୋଟିସରେ କମ୍ପାନୀକୁ ଅନେକ ପ୍ରଶ୍ନ ପଚରା ଯାଇଛି ଏବଂ ଏହାର ଜବାବ ମଗାଯାଇଛି।




ପୁଲିସ ରୁଜୁ କରିଥିବା ଏତଲାରେ ଆପରାଧିକ ଷଡ଼ଯନ୍ତ୍ରର ଧାରା ସାମିଲ କରାଯାଇଛି। ସାମାଜିକ ଗଣମାଧ୍ୟମ ଏବଂ କିଛି ଅନଲାଇନ ନ୍ୟୁଜ ଫୋରମରୁ ମିଳିଥିବା ଇନପୁଟ ଆଧାରରେ ଏହି ଦାବି କରାଯାଇଛି। ଏହି ପୁସ୍ତକର ପ୍ରି-ପ୍ରିଣ୍ଟ କପି ପ୍ରସାର ହେଉଛି ବୋଲି ଦାବି କରାଯାଇଥିଲା।

# ଶୁଝିପାରୁନାହାନ୍ତି ୯ କୋଟିର ଋଣ; ଜେଲ୍‌ରେ ଅଭିନେତା ରାଜପାଲ ଯାଦବ

ମୁମ୍ବଇ, ୧୧।୨ (ଏଜେନ୍ସି): ଚେକ୍ ବାଉନ୍ସ ମାମଲା ଅଭିନେତା ରାଜପାଲ ଯାଦବଙ୍କ ପାଇଁ ସାଙ୍ଘାତିକ ସ୍ଥିତି ସୃଷ୍ଟି କରିଛି। ଏଥିପାଇଁ ତାଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ପଡ଼ିଛି। ଏହା ପରଠାରୁ ଅଭିନେତା ତିହାର ଜେଲ୍‌ରେ ବନ୍ଦୀ ଅଛନ୍ତି। ଆର୍ଥିକ ସ୍ଥିତି ଭୁଶୁଡ଼ି ଯାଇଥିବାରୁ ସେ ଏହି ଅର୍ଥ ପୈଠ କରିପାରିବେନି। କାରଣ ପାଖରେ ଏତେ ଟଙ୍କା ନାହିଁ ବୋଲି ରାଜପାଲ କହିଛନ୍ତି। ଅଭିନେତା ଏବେ କିଂକର୍ତ୍ତବ୍ୟମୂଢ଼ ହୋଇଯାଇଛନ୍ତି। ଜେଲ୍ ଯିବା ପୂର୍ବର ସେ ଅସହାୟ ହୋଇ ଯାଇଥିଲେ। ରାଜପାଲ କହିଥିଲେ ଯେ କ'ଣ କରିବି? ମୋ ପାଖରେ ଟଙ୍କା ନାହିଁ। କୌଣସି ଉପାୟ ମଧ୍ୟ ଦେଖାଯାଉ ନାହିଁ। ଏଠାରେ ଆମେ ସମସ୍ତେ ଏକାକୀ ଅଛୁ। କୌଣସି ବନ୍ଧୁ ମଧ୍ୟ ନାହାନ୍ତି। ମୋତେ ହିଁ ଏହି ସଙ୍କଟର ସାମ୍ନାକୁ କରିବାକୁ ପଡ଼ିବ ବୋଲି ରାଜପାଲ କହିଥିଲେ।

ଚେକ୍ ବାଉନ୍ସ ମାମଲାରେ ଅର୍ଥ ନ ଫେରାଇବା ପର୍ଯ୍ୟନ୍ତ ସେ ଜେଲ୍‌ରେ ରହିବା ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥଳେ ଚଳଚ୍ଚିତ୍ର ଜଗତ ରାଜପାଲଙ୍କ ପାଇଁ ସହାୟତାର ହାତ ବଢ଼ାଇଛି। ରାଜପାଲଙ୍କ ମ୍ୟାନେଜର ଅନୁରୋଧ କରିବା ପରେ ସହାୟତା ପାଇଁ ଅଭିନେତା, ପ୍ରଯୋଜକ ଏବଂ ବଦାନ୍ୟ ବ୍ୟକ୍ତି ଆଗକୁ ବଢିଛନ୍ତି। ସଲମାନ ଖାନ, ଅଜୟ ଦେବଗନ, ସୋନୁ ସୁଦ ପ୍ରମୁଖ ତାଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି।



ରାଜପାଲଙ୍କ ମ୍ୟାନେଜର ଗୋଲ୍ଡି କହିଛନ୍ତି ଯେ ବୁଧବାର ସଲମାନ, ଅଜୟ, ବରୁଣ ଧାୱନ ଏବଂ ଡେଭିଡ ଧାୱନଙ୍କ ସମେତ ଅନେକ ସେଲିବ୍ରିଟି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଯୋଗାଯୋଗ କରିଥିଲେ। ରାଜପାଲ ଏଥିପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି। ରାଜପାଲ ତିହାର ଜେଲରେ ଆତ୍ମସମର୍ପଣ କରିବା ପୂର୍ବରୁ ସାହାଯ୍ୟ ମାଗିଥିଲେ କି ବୋଲି ପଚାରିବାରୁ ସେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଲେ। ପରିସ୍ଥିତି ଖରାପ ହେବା ପରଠାରୁ ଚଳଚ୍ଚିତ୍ର ଜଗତ ତାଙ୍କ ପଛରେ ଦୃଢ଼ ଭାବରେ ଠିଆ ହୋଇଛି ବୋଲି କହିଥିଲେ। ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଏପରି କାରବାର ତୁରନ୍ତ ହୁଏ ନାହିଁ। ରାଜପାଲ ଜେଲ୍‌ରୁ ବାହାରିବା ନେଇ ମଧ୍ୟ ଆଶା ସଞ୍ଚାର ହୋଇଛି। କାରଣ ଗୁରୁବାର ତାଙ୍କ ଜାମିନ ଆବେଦନର ଶୁଣାଣି ହେବ। ଏହା ପୂର୍ବରୁ ଫେଡେରେସନ ଅଫ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲୋଇଜ ପକ୍ଷରୁ ସମସ୍ତ ଚଳଚ୍ଚିତ୍ର ନିର୍ମାତାଙ୍କୁ ରାଜପାଳଙ୍କୁ ସହାୟତା କରିବା ପାଇଁ ଅନୁରୋଧ କରାଯାଇଥିଲା। ସର୍ବ ପ୍ରଥମେ ଅଭିନେତାଙ୍କୁ ସୋନୁ ସୁଦ ଏବଂ ଲାଲୁ ଯାଦବଙ୍କ ପୁଅ ତେଜ ପ୍ରତାପ ଯାଦବ ସହାୟତା କରିଥିଲେ।

ସୂଚନା ଅନୁଯାୟୀ ୨୦୧୦ରେ ରାଜପାଲ 'ଅତା ପତା ଲାପତା' ଚଳଚ୍ଚିତ୍ର ନିର୍ମାଣ ପାଇଁ ଏକ ପ୍ରାଇଭେଟ କମ୍ପାନୀଠାରୁ ୫ କୋଟି ଟଙ୍କା ଋଣ ନେଇଥିଲେ। ଏହି ଫିଲ୍ମ ଫ୍ଲପ ହେବାରୁ ରାଜପାଲଙ୍କୁ ଆର୍ଥିକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଲା। ସେ ଠିକ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ। ଋଣ ନେବା ସମୟରେ ଯେଉଁ ଚେକ୍ ସେ କମ୍ପାନୀକୁ ଦେଇଥିଲେ ତାହା ବାଉନ୍ସ ହୋଇ ଯାଇଥିଲା। ତେଣୁ କମ୍ପାନୀ ଅଭିନେତାଙ୍କ ବିରୋଧରେ ମାମଲା ରୁଜୁ କରାଇଥିଲା। ସମୟ ସହିତ ଏଥିରେ ସୁଧ ସାମିଲ ହୋଇ ଟଙ୍କା ୯ କୋଟିରେ ପହଞ୍ଚି ଯାଇଥିଲା। ୨୦୧୮ରେ ଦିଲ୍ଲୀର ଏକ କୋର୍ଟ ରାଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ। ଏହା ପରେ ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଏଠାରେ ମଧ୍ୟ କୋର୍ଟ ତାଙ୍କୁ ଅନେକ ଥର ଆଶ୍ୱସ୍ତି ଦେଇଥିଲେ। କିନ୍ତୁ ଟଙ୍କା ପୈଠ ନ କରିବାରୁ କୋର୍ଟ ରାଜପାଲଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ।

# କାଇଁଚ ଦେଇଛି ରୋଜଗାର



ଏବେର ମହିଳାମାନେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି । ଏଥିପାଇଁ କିଏ ଚାଷବାସ, ତ ପୁଣି କିଏ ବ୍ୟବସାୟ କରି ସ୍ୱାବଲମ୍ବୀ ହେଉଛନ୍ତି । ସେହିପରି ଉତ୍ତରାଖଣ୍ଡ ଓଧମସିଂ ନଗରର ରୀତା ଦେବୀ ପାରମ୍ପରିକ କାଇଁଚରୁ ଭଳିକି ଭଳି ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି । ଏହାଦ୍ୱାରା ସେ ଗ୍ରାମବାସୀ ସମେତ ସ୍ଥାନୀୟ ଅଞ୍ଚଳର ୨୦୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାଙ୍କୁ ରୋଜଗାର ଦେଇଛନ୍ତି । ଏପରି କରି ସେ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।

## କୌଳିକ ବୃତ୍ତି

କାଇଁଚ ଏକ ପାରମ୍ପରିକ ହସ୍ତଶିଳ୍ପ ଭାବେ ଜଣାଯାଏ । ଏହା ବିଶେଷ କରି ଉତ୍ତରପ୍ରଦେଶ, ପ୍ରୟାଗରାଜ, ଏବଂ ମଧ୍ୟପ୍ରଦେଶ ପ୍ରଚଳିତ ହୋଇଥାଏ । ଏହା ଏକ ପ୍ରକାର କୁଶ ଜାତୀୟ ଘାସରୁ ପ୍ରସ୍ତୁତ ହୋଇଥାଏ । ପ୍ରାଚୀନ ସମୟରେ ଏହାକୁ ଘରେ ଜେଜେ ମାଆ, ନାନୀ ଆଦି ପ୍ରସ୍ତୁତ କରୁଥିଲେ । ଏହି କଳା କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ଥିଲା । ସମୟକ୍ରମେ ସହ ଏହା ଧୀରେ ଧୀରେ ଲୁପ୍ତ ପାଇବାକୁ ବସିଥିଲା । ହେଲେ ଉଧମସିଂ ନଗରର ରୀତା ଦେବୀ ଏହି କଳାକୁ ପୁନର୍ଜୀବିତ କରିବା ପାଇଁ ସଂକଳ୍ପ ନେଇଥିଲେ । ୨୦୦୨ ମସିହାରେ ସେ ସ୍ୱୟ ସହାୟକ ଗୋଷ୍ଠୀ ସହାୟତା ସାହାଯ୍ୟରେ ମୁଞ୍ଜ କ୍ରାଫ୍ଟ ଆରମ୍ଭ କରିଥିଲେ । ପ୍ରଥମେ ଏଥିରେ ୧୦ ଜଣ ମହିଳା ଥିଲେ, କିନ୍ତୁ ସମୟ କ୍ରମେ ଏଥିରେ ଏବେ ଏଥିରେ ନଅ, ଦଶଟି ଗ୍ରାମର ମହିଳା ସାମିଲ ହୋଇଛନ୍ତି ।

## ଗାଁରୁ ବିଶ୍ୱ ପରିଚିତି

କାଇଁଚ ହସ୍ତଶିଳ୍ପ କେବଳ ସ୍ଥାନୀୟ ଅଞ୍ଚଳରେ ସୀମିତ ନାହିଁ । ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ସମେତ ଓଡ଼ିଶାର ବିଭିନ୍ନ ପ୍ରଦର୍ଶନୀରେ ଏହା ଦେଖିବାକୁ ମିଳିଥାଏ । ଏଥିସହ ଦିଲ୍ଲୀ, ଡେହରାଡୁନ, ସମେତ ଜର୍ମାନୀ ଭଳି ବଡ଼ ଦେଶରୁ ଏହି ହସ୍ତଶିଳ୍ପ ପାଇଁ ବହୁ ସଂଖ୍ୟାରେ ବରାଦ ଆସେ । ତେବେ ପ୍ରାରମ୍ଭରେ ଏହାକୁ ବଜାରରେ ସେତେ ପ୍ରତିକ୍ରିୟା ମିଳିପାରି ନ ଥିଲା । ୨୦୧୪ ମସିହାରେ ତାଙ୍କୁ ପ୍ରଥମ କରି ଏହି ପ୍ରଦର୍ଶନୀ ଷ୍ଟଲ୍ ଲଗାଇବାର ସୁଯୋଗ ମିଳିଥିଲା । ଏହାପରେ ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ କାଇଞ୍ଚ କ୍ରାଫ୍ଟକୁ ଯୋଡ଼ା ଯାଇଥିଲା ।

## ମହିଳାଙ୍କୁ ରୋଜଗାର




ପ୍ରଥମେ ମହିଳାଙ୍କୁ ଘର ଖର୍ଚ୍ଚ ପାଇଁ ଅନ୍ୟ ଉପରେ ନିର୍ଭର ହେବାକୁ ପଡୁଥିଲା । ହେଲେ ଏହି ଯୋଜନାରେ ଯୋଡ଼ି ହେବା ପରେ ମହିଳାମାନେ ନିଜେ ଆତ୍ମନିର୍ଭର ହୋଇପାରିଛନ୍ତି । ନିଜ ଖର୍ଚ୍ଚ ନିଜେ ଉଠାନ୍ତି । ଏଥିରୁ ଭଳିକି ଭଳି ଉପକରଣ ଯଥା- ପେନ୍ ଷ୍ଟାଣ୍ଡ, ଚାବି ରିଙ୍ଗ୍, ଖେଳନା, ଅଳଙ୍କାର, ଗୃହସଜ୍ଜାଉପକରଣ ସମେତ ଅନେକ ଆଧୁନିକ ଉପକରଣ ପ୍ରସ୍ତୁତ କରୁଛନ୍ତି । ଏହାଦ୍ୱାରା ମହିଳାଙ୍କ ଆର୍ଥିକ ଶସକ୍ତ ହୋଇଛନ୍ତି । ତେବେ ଏହି ହସ୍ତଶିଳ୍ପ ଏକ ପ୍ରକାର କୁଶରୁ ପ୍ରସ୍ତୁତ ହୋଇଥାଏ । ଗାଁ ନଦୀ ପଠା, ଜଙ୍ଗଲ, ନଦୀ କୂଳ ଆଦିରେ ଏହି ବୃକ୍ଷ ଉଠିଥାଏ । ମହିଳାମାନେ ଏହାକୁ ଆଣି ଧୋଇ ଶୁଖାନ୍ତି । ଏହାକୁ ବର୍ଷ ସାରା ସୁରକ୍ଷିତ କରି ରଖନ୍ତି ।

## ପରମ୍ପରା ଏବଂ ଆଧୁନିକତାର ସଙ୍ଗମ

ଗାଁର ସ୍ଥାନୀୟ ମହିଳା ଅନିତାଙ୍କ କହିବାନୁଯାୟୀ ଏହି କାର୍ଯ୍ୟ ସେମାନଙ୍କ ପୂର୍ବଜମାନେ କରୁଥିଲେ । ହେଲେ ଗୋଟେ ସମୟରେ ଏହି କଳା ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିଲା । ହେଲେ ଏବେ ମହିଳାଙ୍କ ପ୍ରୟାସ କ୍ରମେ ଏହାକୁ ନୂଆ ପରିଚୟ ମିଳିଛି ।

# ବ୍ୟାକ୍‌ଲେସ୍ କୁର୍ତ୍ତୀ

ସମୟାନୁସାରେ ମହିଳାମାନେ ନୂଆ ଡିଜାଇନ୍‌ର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । କୁର୍ତ୍ତୀ ହେଉ ଅବା ସୁଟ୍ ସବୁକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିଥାନ୍ତି । ଏହି କ୍ରମରେ ଏବେ ବ୍ୟାକ୍‌ଲେସ କୁର୍ତ୍ତୀ ଟ୍ରେଣ୍ଡରେ ରହିଛି । ନିଜକୁ ଟିକେ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ ଏ ପ୍ରକାର କୁର୍ତ୍ତୀ ଡିଜାଇନ୍ କରି ପିନ୍ଧିପାରିବେ । ଏହା ସୁନ୍ଦର ସହ ଆକର୍ଷଣୀୟ ଦିଶିଥାଏ ।



## ହାପ୍ ପାର୍ଟିସନ୍

ଏ ପ୍ରକାର କୁର୍ତ୍ତୀ ଡିଜାଇନ୍ ଏବେ ଟ୍ରେଣ୍ଡରେ ରହିଛି । ଏଥିରେ କୁର୍ତ୍ତୀର ପଛପାର୍ଶ୍ୱରେ ଅଧାରୁ ଅଧିକ ଫାଙ୍କା ଥାଏ । ତେବେ ଏହା ବିଶେଷ କରି ଅନାରକଲି କୁର୍ତ୍ତୀକୁ ଭଲ ମାନିଥାଏ । ସେହିପରି ଏହା ପଛରେ ଦୁଇଞ୍ଚର କପଡ଼ା ଥାଏ । ଯେଉଁଥିରେ ଲଟ୍‌କନ୍ ଲଗାଯାଇଥାଏ । ଅବଶ୍ୟ ଚାହିଁଲେ ଶାମୁକା ଲଗାଇପାରିବେ ।

## ଗୋଲାକାର୍ ଡିଜାଇନ୍ କୁର୍ତ୍ତୀ

ସିମ୍ପଲ୍ ତଥା ଟିକେ ଭିନ୍ନ ଡିଜାଇନ୍ ଚାହୁଁଥିଲେ, ଗୋଲାକାର ଡିଜାଇନ୍ କୁର୍ତ୍ତୀ ସିଲେଇ କରିପାରିବେ । ଏହାର ଚତୁପାର୍ଶ୍ୱରେ ଏମ୍ବ୍ରୋଡୋରୀ ତଥା ଗୋଟାପ୍ରିଣ୍ଟ ଡିଜାଇନ୍ କରିପାରିବେ । ସେହିପରି ଏହା ଉପରେ ଲଟ୍‌କନ୍ ଲଗାଇ ଚାହିଁଲେ, ସୁନ୍ଦର କରିପାରିବେ ।

## ସିମ୍ପଲ୍ ବ୍ୟାକ୍‌ଲେସ୍ କୁର୍ତ୍ତୀ

ଫ୍ୟାନ୍ସି ଡିଜାଇନ୍ ପସନ୍ଦ ନ ଥିଲେ, ଏପରି ସ୍ଥଳେ, ସିମ୍ପଲ୍ ବ୍ୟାକ୍‌ଲେସ୍ ଡିଜାଇନ କୁର୍ତ୍ତୀ କରିପାରିବେ । ଏ ପ୍ରକାର କୁର୍ତ୍ତୀ ପିନ୍ଧିବା ପରେ ଖୁବ୍ ସୁନ୍ଦର ଦିଶିଥାଏ । ସେହିପରି ଚାହିଁଲେ ପଛପଟେ ଭି ବା ପାନପତ୍ର ଡିଜାଇନ କରିପାରିବେ ।

# ଦାଗ ଦୂର କରିବ ଆଇ ପ୍ୟାଚ୍

ସାଧାରଣତଃ ଚିନ୍ତା, ଅବସାଦ ତଥା ନିଦ୍ରାଭାବ ଯୋଗୁଁ ଆଖିତଳ କଳା ଦାଗ, କୁଞ୍ଚନ ପଡ଼ିଯାଏ । ଏହାକୁ ଦୂର କରିବାକୁ ଅନେକେ ଦାମୀ ଆଇ କ୍ରିମ୍ ଲଗାଇଥାନ୍ତି । ହେଲେ ଏଥିରୁ ସେତେ ସୁଫଳ ମିଳି ନ ଥାଏ । ତେଣୁ ଦାଗ ଦୂର ପାଇଁ ଆଇ ପ୍ୟାଚ୍ ଲଗାଇପାରିବେ ।

## ଅଣ୍ଡର ଆଇ ପ୍ୟାଚ୍ କ'ଣ

ଏହା ଆଖିତଳେ ଲଗାଯାଉଥିବା ଏକ ପ୍ରକାର ମାସ୍କ । ଏଥିରେ ଉଭୟ ସିରମ୍ ଏବଂ ଜେଲ୍ ଥାଏ । ଏଥିସହ ହାଲୁରୋନିକ୍ ଏସିଡ୍, କୋଲାଜନ୍, ଭିଟାମିନ୍ ସି, କ୍ୟାଫିନ୍ ଭଳି ତତ୍ୱ ଥାଏ । ଏହା କଳାଦାଗ, ଆଖିଫୁଲା, ଏବଂ କୁଞ୍ଚନ ସମସ୍ୟାକୁ କମ୍ କରିଥାଏ ।




## ଲଗାଇବା ବିଧି

- ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ଭଲ କରି ସଫା କରନ୍ତୁ । ଏହାଦ୍ୱାରା ପ୍ୟାଚ୍‌ରେ ଥିବା ସିରମ୍ ଏବଂ ଜେଲ ତ୍ୱଚାରେ ଭଲରେ ଅବଶୋଷିତ ହୋଇଥାଏ ।
- ଆଖିତଳେ ଫୁଲା ସମସ୍ୟା ଥିଲେ, ଏହାକୁ କମ୍ କରିବା ପାଇଁ ଆଇପ୍ୟାଚ୍‌କୁ କିଛି ସମୟ ଫ୍ରିଜ୍‌ରେ ଥଣ୍ଡା କରି ରଖନ୍ତୁ । ଏହାଦ୍ୱାରା ଆଖିତଳ ତ୍ୱଚାରେ ରକ୍ତ ସଞ୍ଚାଳନ ହୋଇଥାଏ । ଏଥିସହ ସିରମରେ ଥିବା ତତ୍ୱ ଆଖି ତଳେ ଭଲରେ ଅବଶୋଷିତ ହୋଇଥାଏ । ଏହା ଆଖିକୁ ଆରାମ ପ୍ରଦାନ କରିଥାଏ ।
- ସେହିପରି ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ହାତକୁ ଭଲ କରି ସଫା କରନ୍ତୁ । ଏହାପରେ ଆଇପ୍ୟାଚ୍‌କୁ ହାତରେ ନେଇ ଗୋଟିଏ କୋଣରୁ ଖୋଲି ଆଖିରେ ଲଗାନ୍ତୁ । ଏହାକୁ ଲଗାଇ ୧୫-୨୦ ମିନିଟ୍ ରଖନ୍ତୁ । ଏହାକୁ ଲଗାଇବା ପରେ ତ୍ୱଚାକୁ ପାଣି କିମ୍ବା ଫେସୱାସରେ ଧୁଅନ୍ତୁନି ।

# ତୁଳସୀ ଫେସ୍‌ପ୍ୟାକ୍

ସାଧାରଣତଃ ବ୍ରଣ ହେଲେ ମୁହଁ ଅସୁନ୍ଦର ଦେଖାଯାଏ । ଏଥିପାଇଁ ଅନେକ କସ୍‌ମେଟିକ୍ ବ୍ୟବହାର କରିଥାନ୍ତି । ପ୍ରାକୃତିକ ଉପାୟରେ ମୁହଁରୁ ବ୍ରଣ ଦୂର କରିବାକୁ ଚାହୁଁଥିଲେ, ତୁଳସୀ ଲଗାଇପାରିବେ । ଏଥିରେ ବହୁ ଔଷଧୀୟ ଗୁଣ ରହିଛି । ଯାହା ସଂକ୍ରମଣ କମ୍ କରି, ତ୍ୱଚାରେ ଚମକ ଆଣିଥାଏ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିୟଲ୍, ଆଣ୍ଟି ଇନ୍‌ଫ୍ଲାମେଣ୍ଟୋରୀ, ଏବଂ ଆଣ୍ଟି ଅକ୍ସିଡେଣ୍ଟ ତ୍ୱଚାକୁ ସୁନ୍ଦର ଦାଗମୁକ୍ତ ରଖିଥାଏ । ତେଣୁ ତ୍ୱଚାର ବ୍ରଣ ଦୂର ପାଇଁ ତୁଳସୀ ଫେସ୍‌ପ୍ୟାକ୍ ଲାଭଦାୟକ ହୋଇଥାଏ ।

ଏଥିପାଇଁ ୮ ରୁ ୧୦ଟି ସତେଜ ତୁଳସୀ ପତ୍ର ନିଅନ୍ତୁ । ଏହାକୁ ଭଲରେ ଧୋଇ ବାଟି ଅଳ୍ପ ମୁଲତାନୀ ମାଟି, ଅବା ମହୁ ମିଶାଇ ତ୍ୱଚାରେ ଲଗାନ୍ତୁ । ଏହାକୁ ମୁହଁରେ ୧୦-୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ । ଏହା ବ୍ରଣ କମ୍ କରିବା ସହ ତ୍ୱଚାରେ ଥିବା ଦାଗ, ତେଲିଆପଣ ଦୂର କରିଥାଏ । ସପ୍ତାହରେ ଦୁଇ –ତିନିଥର ବ୍ୟବହାର କଲେ ଏଥିରୁ ସୁଫଳ ମିଳିଥାଏ ।



# କୁନ୍ଦନ ପାଉଁଜି



ମହିଳାମାନେ ପାଉଁଜି ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ, କୁନ୍ଦନ ପାଉଁଜି ପିନ୍ଧିପାରିବେ । ଏହା ପାଦକୁ ସୁନ୍ଦର କରିବା ସହ ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ ।

## ଗୋଲ୍ଡ ପ୍ଲେଟେଡ୍ କୁନ୍ଦନ

ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ଚାହୁଁଥିଲେ ଗୋଲ୍‌ଡ ପ୍ଲେଟେଡ୍ କୁନ୍ଦନ ପାଉଁଜି ପିନ୍ଧିପାରିବେ । ଏହା ଖୁବ୍ ସୁନ୍ଦର ଦିଶିଥାଏ । ଏହାକୁ ଯେ କୌଣସି ପୂଜା ଫଙ୍କ୍‌ସନ୍‌ରେ ପିନ୍ଧିପାରିବେ ।

## ଚେନ୍, ମୋତି ଡିଜାଇନ୍

ବିଶେଷ ଅବସରରେ ପାରମ୍ପରିକ ପରିଧାନ ପିନ୍ଧୁଥିଲେ, ଚେନ୍ ବା ରୂପା ପାଉଁଜି ବଦଳରେ ମୋତି ଡିଜାଇନ ପାଉଁଜି ପିନ୍ଧିପାରିବେ । ଏହା ପାଦର ସୁନ୍ଦରତା ବଢ଼ାଇ ଥାଏ । ଏ ପ୍ରକାର ପାଉଁଜି ଅନ୍‌ଲାଇନ୍‌ରୁ ମଧ୍ୟ କିଣିପାରିବେ ।

## ଗୋଲ୍‌ଡ ପ୍ଲେଟେଡ୍ ଗ୍ରୀନ୍ ଏବଂ ହ୍ୱାଇଟ୍ ପର୍ଲ

ସୁନେଲି ରଙ୍ଗର ନୀଳ ଏବଂ ଧଳା ମୋତିଯୁକ୍ତ ପାଉଁଜି ଭଲ ବିକଳ୍ପ ହୋଇଥାଏ । ଏହା ଆକର୍ଷଣୀୟ ହେବା ସହ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ । ଏହାକୁ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରୁ କିଣିପାରିବେ ।

# କାଶ୍ମୀର୍ ଝୁମୁକା

ମହିଳାମାନେ ଲାଟେଷ୍ଟ ତଥା ଭିନ୍ନ ଡିଜାଇନର ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ ବିବାହ, ଫଙ୍କ୍‌ସନ୍ ଆଦି ଉତ୍ସବରେ ଆକର୍ଷଣୀୟ ଲୁକ୍ ନେବାକୁ ଚାହୁଁଥିଲେ, କାଶ୍ମୀର ଝୁମ୍‌କା ପିନ୍ଧିପାରିବେ । ଏ ପ୍ରକାର କାନଫୁଲ ଏବେ ଟ୍ରେଣ୍ଡରେ ରହିଛି । ଏହା ଉଭୟ ଶାଢ଼ି ଏବଂ ସାଲୱାର ସୁଟ୍‌କୁ ଭଲ ମାନିଥାଏ ।



## ଷ୍ଟଡ୍ ଡିଜାଇନ୍

ପାର୍ଟି ଫଙ୍କ୍‌ସନ୍‌ରେ ଏ ପ୍ରକାର ଛୋଟ ଷ୍ଟଡ୍ ଡିଜାଇନ୍ ଝୁମୁକା କାନଫୁଲ ପିନ୍ଧିପାରିବେ । ଏହା କାନକୁ ଖୁବ୍ ସୁନ୍ଦର ଦିଶିଥାଏ । ଏ ପ୍ରକାର ଝୁମୁକା ଯେ କୌଣସି ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

## ଡବଲ୍ ଲେୟାର୍

ଡବଲ ଲେୟାର୍ ଯୁକ୍ତ ପସନ୍ଦ ଥିଲେ, ଏ ପ୍ରକାର କାନଫୁଲ ପିନ୍ଧିପାରିବେ । ଏହା ସିମ୍ପଲ ଶାଢ଼ି ତଥା ସୁଟ୍‌କୁ ବେଶୀ ଭଲ ମାନିଥାଏ । ଏହାର ଭଳିକି ଭଳି ଡିଜାଇନ୍ ରହିଛି ।

# ଛତୁ ମସଲା ଦୋଷା

ମୋ ହାଣ୍ଡିଶାଳରୁ

## ଆବଶ୍ୟକ ସାମଗ୍ରୀ

ଛତୁ –୪୦୦ ଗ୍ରାମ୍, ପିଆଜ – ଦୁଇଗୋଟି, ଲଙ୍କା ଗୁଣ୍ଡ– ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଜିରା – ଏକ ଚାମଚ, ଅଦା ରସୁଣ ପେଷ୍ଟ – ଦୁଇ ଚାମଚ, ଦୋଷା ଆଣ - ଏକ ବାଉଲ୍, ଭୃସଙ୍ଗ ପତ୍ର – ଚାରି, ପାଞ୍ଚୋଟି, ଟମାଟୋ ପେଷ୍ଟ - ଏକ କପ୍, ହଳଦୀଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଧନିଆ ପତ୍ର – ଅଧ ବିଡ଼ା, ଲୁଣ – ସ୍ୱାଦ ଅନୁସାରେ, ସୋରିଷ ତେଲ – ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳି



ଛତୁକୁ ହଳଦୀ ପାଣିରେ ଧୋଇ କାଟି ରଖନ୍ତୁ । ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ, ଜୀରା, ଭୃସଙ୍ଗପତ୍ର ଦିଅନ୍ତୁ । ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରି କଟା ପିଅଜା, ଟମାଟୋ, ଲଙ୍କାଗୁଣ୍ଡ, ଗୋଲମରିଚ ଗୁଣ୍ଡ, ହଳଦୀ, ଲୁଣ ସମେତ ଗରମ ମସଲା ଗୁଣ୍ଡ ଦିଅନ୍ତୁ । ଏହାକୁ ତିନି ଚାରି ମିନିଟ୍ କଷି କାଟି ରଖିଥିବା ଛତୁ ଦିଅନ୍ତୁ । ଏହାକୁ ଭାଜି ଢାଙ୍କୁଣି ଘୋଡ଼ାନ୍ତୁ । ପରେ ଏଥିରେ ଲୁଣ ଧନିଆପତ୍ର ପକାନ୍ତୁ । ମସଲା ପ୍ରସ୍ତୁତ ହୋଇଗଲା । ଏହାକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ଏଥିରେ ସାମାନ୍ୟ ପାଣି ଛିଞ୍ଚି, ଉପରେ ଆଣ ଦେଇ ପତଳା ଦୋଷା ପ୍ରସ୍ତୁତ କରନ୍ତୁ । ଏଥିରେ ଦୁଇ ତିନି ଚାମଚ ଛତୁ ଷ୍ଟଫିଙ୍ଗ୍ ଦିଅନ୍ତୁ । ଏହାକୁ ଖଡ଼ିକାରେ ଓଲଟେଇ ପରଷନ୍ତୁ ସ୍ୱାଦିଷ୍ଟ 'ଛତୁ ମସଲା ଦୋଷା' ।

# ମହାଶିବରାତ୍ରୀ ମେହେନ୍ଦି ଡିଜାଇନ୍

ସାଧାରଣତଃ ମହାଶିବରାତ୍ରୀକୁ ନେଇ ମହିଳାଙ୍କ ମନରେ ଉତ୍କଣ୍ଠା ରହିଥାଏ । ଏହି ଦିନ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରିବା ସହ ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । ସେହିପରି ଚାହିଁଲେ ହାତରେ ଶିବଙ୍କ ନାମରେ ମେହେନ୍ଦି ଲଗାଇ ନିଜକୁ ଏକ ଆଧ୍ୟାତ୍ମିକ ଅନୁଭୂତି ଦେଇପାରିବେ । ଜାଣିବା ସେ ବିଷୟରେ...




- ହାତକୁ ସମ୍ପୂର୍ଣ୍ଣ ମେହେନ୍ଦିରେ ସଜେଇବାକୁ ଚାହୁଁଥିଲେ, ଛୋଟ ଛୋଟ ଫୁଲ କରି, ସେଥିରେ ଓମ୍ ନମଃ ଶିବାୟ ଲେଖିପାରିବେ । ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।
- ସେହିପରି ଚାହିଁଲେ ହାତରେ ଦେବାଳୟ ଚିତ୍ର ମଧ୍ୟ ଆଙ୍କିପାରିବେ । ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ମନରେ ଏକ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିଥାଏ । ଏଥିସହ ଶିବଲିଙ୍ଗ ଏବଂ ଓମ୍ ନମଃ ଶିବାୟ ଲେଖିପାରିବେ ।
- ପୋଟ୍ରେଟ୍ ମେହେନ୍ଦି ସର୍ବଦା ସୁନ୍ଦର ଦେଖାଯାଏ । ହାତରେ ଭୋଳାନାଥ ଏବଂ ମାତା ପାର୍ବତୀଙ୍କ ଚିତ୍ର ଥାଏ । ସେହିପରି ଅଙ୍ଗୁଳିରେ ପଦ୍ମଫୁଲ, ସୂକ୍ଷ୍ମ ଜାଲ କରିଲେ, ଏହା ହାତକୁ ଏକ ରାଜକୀୟ ଲୁକ୍ ଦେଇଥାଏ ।
- ଶିବରାତ୍ରୀ ଭୋଳାନାଥଙ୍କ ଭକ୍ତଙ୍କୁ ସମର୍ପିତ । ତେଣୁ ହାତରେ ଡମ୍ବରୁ, ତ୍ରିନେତ୍ର ତଥା ତ୍ରିଶୂଳ ଚିତ୍ର ଆଙ୍କିପାରିବେ ।

**ଟି-୨୦ ବିଶ୍ୱକପ୍‌ରେ ବିରଳ ମ୍ୟାଚ୍** | **ଆଫଗାନିସ୍ତାନଠୁ ଜିତିବା ଲାଗି ଦ.ଆଫ୍ରିକା ନାକେଦମ୍**

# ଡବଲ୍ ସୁପର୍ ଓଭର ରୋମାଞ୍ଚ





ରହମାନୁଲ୍ଲା ଗୁରବାଜ

ଅହମ୍ମଦାବାଦ, ୧୧।୨ (ଏଜେନ୍ସି)

ଟି-୨୦ ବିଶ୍ୱକପ୍ ଇତିହାସର ସବୁଠୁ ରୋମାଞ୍ଚକ ମ୍ୟାଚ୍ ବୁଧବାର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଦେଖିବାକୁ ମିଳିଛି। ଗ୍ରୁପ୍-ଡି'ର ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ରୋମାଞ୍ଚକ ଭାବେ ଦ୍ୱିତୀୟ ସୁପର୍ ଓଭରରେ ଏସିଆ ମହାଦେଶର ଉଦୀୟମାନ ଦଳ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ ପ୍ରଥମେ ଟାଇ ରହିଥିଲା। ଏହାପରେ ପ୍ରଥମ ସୁପର ଓଭର ମଧ୍ୟ ଟାଇରେ ସମାପ୍ତ ହୋଇଥିଲା। ଶେଷରେ ଚିତାକର୍ଷକ ୨ୟ ସୁପର୍ ଓଭରରେ ଦକ୍ଷିଣ ଆଫ୍ରିକା ମାତ୍ର ୪ ରନରେ ଆଫଗାନିସ୍ତାନକୁ ମାତ୍ ଦେଇଥିଲା। ଆଫଗାନିସ୍ତାନର ରହମାନୁଲ୍ଲା ଗୁରବାଜ ୨ୟ ସୁପର୍ ଓଭରରେ ହ୍ୟାଟ୍ରିକ ଛକା ମାରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଲୁନଗି ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ କାନାଡ଼ାକୁ ହରାଇଥିବା ଆଫ୍ରିକାର ଏହା ୨ୟ ବିଜୟ ହୋଇଛି।

### ଦ.ଆଫ୍ରିକା- ୧୮୭/୬
### ଆଫଗାନିସ୍ତାନ- ୧୮୭/୧୦

ବୁଧବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୭ ରନ କରିଥିଲା। ଦଳ ପକ୍ଷରୁ କ୍ୱିଣ୍ଟନ ଡି କକ୍ (୫୯ ରନ) ଓ ରିୟାନ ରିକ୍ଲେଟନ (୬୧ ରନ, ୨୮ ବଲ) ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଆଫଗାନିସ୍ତାନର ଅଜମାତୁଲ୍ଲା ଓମାରଜାଇଙ୍କୁ ୩ଟି ଓ ଅଧିନାୟକ ରସିଦ ଖାନଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ରହମାନୁଲ୍ଲା ଗୁରବାଜଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ଆଫଗାନିସ୍ତାନ ୨ଟି ବଲ୍ ପୂର୍ବରୁ ସମାନ ୧୮୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪ଟି ଚୌକା ଓ ୭ଟି ଛକା ବଳରେ ଗୁରବାଜ ୪୨ ବଲରୁ ୮୪ ରନ କରିଥିଲେ। ଶେଷ ଓଭରରେ ଜିତିବାକୁ ଆଫଗାନିସ୍ତାନକୁ ୧୩ ରନ ଆବଶ୍ୟକ ହେଉଥିଲା। ଶେଷଯୋଡ଼ି ନୁର ଅହମ୍ମଦ ଓ ଫଜଲ ଫାରୁକି ଯୋଡ଼ି କାଗିସୋ ରାବାଡାଙ୍କ ପ୍ରଥମ ୪ଟି ବଲରେ ୧୨ ରନ ଉଠାଇଥିଲେ। ତେବେ ୪ର୍ଥ ବଲରେ ରନ ନେବା ପ୍ରୟାସରେ ଫାରୁକି ରନଆଉଟ୍ ହୋଇଯାଇଥିଲେ। ଲୁନଗି ଏନଗିଡିଙ୍କୁ ୩ଟି ୱିକେଟ୍ ମିଳିଥିଲା।

### ପ୍ରଥମ ସୁପର୍ ଓଭର
### (ଆଫଗାନ-୧୭/୦; ଦ.ଆଫ୍ରିକା- ୧୭/୧)

ଏହାପରେ ଫଳାଫଳ ପାଇଁ ପ୍ରଥମ ସୁପର୍ ଓଭର ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପାଇଁ ଗୁରବାଜ୍ ଓ ଅଜମାତୁଲ୍ଲା ଓମାରଜାଇ ୬ଟି ବଲରେ କୌଣସି ୱିକେଟ୍ ନ ହରାଇ ୧୭ ରନ ସଂଗ୍ରହ କରିଥିଲା। ଲୁନଗି ଏନଗିଡି ଏହି ଓଭରଟି ପକାଇଥିଲେ। ଏହାପରେ ୧୮ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଡେୱାଲ୍ଡ ବ୍ରେଭିସଙ୍କ ୱିକେଟ୍ ହରାଇ ସମାନ ୧୭ ରନ କରିଥିଲା। ଫଜଲ ଫାରୁକି ଏହି ଓଭରଟି ବୋଲିଂ କରିଥିଲେ। ଫଳରେ ମ୍ୟାଚ୍ ପୁଣିଥରେ ଟାଇ ରହିଥିଲା।

### ଦ୍ୱିତୀୟ ସୁପର୍ ଓଭର
### (ଦ.ଆଫ୍ରିକା- ୨୩/୦; ଆଫଗାନ- ୧୯/୧)

ଦ୍ୱିତୀୟ ସୁପର୍ ଓଭରରେ ଦକ୍ଷିଣ ଆଫ୍ରିକା ପାଇଁ ଡେଭିଡ୍ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସ ଯୋଡ଼ି ଓମାରଜାଇଙ୍କ ଓଭରରୁ ୩ଟି ଛକା ସହ ୨୩ ରନ ଉଠାଇଥିଲେ। ଏହାପରେ ୨୪ ରନକୁ ପିଛା କରିଥିବା ଆଫଗାନିସ୍ତାନ କେଶବ ମହାରାଜଙ୍କ ୨ୟ ବଲରେ ମହମ୍ମଦ ନବିଙ୍କ ୱିକେଟ୍ ହରାଇଥିଲା। ତେବେ ଗୁରବାଜ ପରବର୍ତ୍ତୀ ୩ଟି ବଲକୁ କ୍ରମାଗତ ଛକା ମାରି ବିଜୟ ଆଶା ସଞ୍ଚାର କରିଥିଲେ। ଶେଷ ବଲରେ ୬ ରନ ଆବଶ୍ୟକ ହେଉଥିବାବେଳେ ମହାରାଜ ୱାଇଡ୍ ପକାଇଥିଲେ। ଫଳରେ ଆଉ ୫ ରନ ରହିଥିଲା। ଏହି ଅନ୍ତିମ ବଲକୁ ବଡ଼ ସଟ୍ ମାରିବାକୁ ଯାଇ ଡେଭିଡ୍ ମିଲରଙ୍କ ହାତରେ ଗୁରବାଜ ଧରାପଡ଼ିଥିଲେ। ଫଳରେ ଆଫଗାନିସ୍ତାନ କ୍ରିକେଟ୍ ଇତିହାସର ଏକ ସ୍ମରଣୀୟ ବିଜୟରୁ ଅଳ୍ପକେ ଦୂରରେ ରହିଯାଇଥିଲା।

**ଟି-୨୦ ବିଶ୍ୱକପ୍‌ରେ ଟାଇ**

| ମ୍ୟାଚ୍ | ଟାଇବ୍ରେକର | ବିଜେତା | ବର୍ଷ |
|---|---|---|---|
| ଭାରତ-ପାକିସ୍ତାନ | ବୋଲଆଉଟ୍ | ଭାରତ | ୨୦୦୭ |
| ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା | ସୁପରଓଭର | ଶ୍ରୀଲଙ୍କା | ୨୦୧୨ |
| ୱେଷ୍ଟଇଣ୍ଡିଜ-ନ୍ୟୁଜିଲାଣ୍ଡ | ସୁପରଓଭର | ୱେଷ୍ଟଇଣ୍ଡିଜ | ୨୦୧୨ |
| ଓମାନ-ନାମିବ୍ୟା | ସୁପରଓଭର | ନାମିବ୍ୟା | ୨୦୨୪ |
| ପାକିସ୍ତାନ-ଆମେରିକା | ସୁପରଓଭର | ଆମେରିକା | ୨୦୨୪ |
| ଦ,ଆଫ୍ରିକା-ଆଫଗାନିସ୍ତାନ | ସୁପରଓଭର | ଦ.ଆଫ୍ରିକା | ୨୦୨୬ |

## ଅଷ୍ଟ୍ରେଲିଆକୁ ଜିତାଇଲେ ଏଲିସ୍, ଜାମ୍ପା

କଲମ୍ବୋ, ୧୧।୨ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ଅନ୍ୟତମ ଟାଇଟଲ୍ ଫେଭରାଇଟ୍ ଅଷ୍ଟ୍ରେଲିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅପରାହ୍ଣରେ ସ୍ଥାନୀୟ ଆର୍. ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୬୭ ରନରେ ସହଜରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ନିୟମିତ ଅଧିନାୟକ ମିଚେଲ ମାର୍ଶଙ୍କ ବିନା ଏହି ମ୍ୟାଚ୍ ଖେଳୁଥିବା ଅଷ୍ଟ୍ରେଲିଆ ଟସ୍ ଜିତି ୬ ୱିକେଟରେ ୧୮୨ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର ଜୋଶ ଇଂଲିଶ ଓ ମ୍ୟାଟ୍ ରେନଶ ୩୭ ରନ ଲେଖାଏ, କାମେରନ ଗ୍ରୀନ ୨୨ ରନ କରିଥିଲେ। ତେବେ ଶେଷ ଭାଗରେ ମାର୍କସ ଷ୍ଟୋଇନିସ ୨୯ ବଲରେ ୪୫ ରନ କରିବାରୁ ଅଷ୍ଟ୍ରେଲିଆ ଏକ ଚ୍ୟାଲେଞ୍ଜିଂ ସ୍କୋର ଠିଆ କରିପାରିଥିଲା। କାମଚଳା ଅଧିନାୟକ ଟ୍ରାଭିସ ହେଡ୍ ୬ ରନରେ ଆଉଟ୍ ହୋଇଥିଲେ। ଆୟର୍ଲାଣ୍ଡର ମାର୍କ ଆଦାୟରଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ନାଥନ ଏଲିସ ଓ ଆଦାମ ଜାମ୍ପାଙ୍କ ବୋଲିଂକୁ ସାମ୍ନା କରି ନ ପାରି ଆୟର୍ଲାଣ୍ଡ ୧୬.୫ ଓଭରରେ ୧୧୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜର୍ଜ ଡକ୍‌ଲେ ସର୍ବାଧିକ ୪୧ ରନ କରିଥିଲେ। ବୋଲିଂରେ ଏଲିସ (୩.୫-୧-୧୨-୪) ଓ ଜାମ୍ପା (୪-୦-୨୩-୪) ମିଳିତ ଭାବେ ୮ଜଣ ଆୟର୍ଲାଣ୍ଡ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଏଲିସ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**ଆଜିର ବିଶ୍ୱକପ୍ ମ୍ୟାଚ୍**

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ଶ୍ରୀଲଙ୍କା-ଓମାନ | ପୂର୍ବାହ୍ନ ୧୧ଟା | ପାଲେକେଲେ |
| ନେପାଳ-ଇଟାଲୀ | ଅପରାହ୍ଣ ୩ଟା | ମୁମ୍ବଇ |
| ଭାରତ-ନାମିବ୍ୟା | ରାତି ୭ଟା | ଦିଲ୍ଲୀ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଇଂଲଣ୍ଡର ପ୍ରଥମ ପରାଜୟ

ମୁମ୍ବଇ, ୧୧।୨ (ଏଜେନ୍ସି): ବିଶ୍ୱକପ୍‌ର ଗ୍ରୁପ-ସି'ର ଏକ ମ୍ୟାଚରେ ୱେଷ୍ଟଇଣ୍ଡିଜ ୩୦ ରନରେ ଇଂଲଣ୍ଡକୁ ହରାଇଦେଇଛି। ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ୬ ୱିକେଟ୍ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ଶିର୍ଫାନେ ରଦରଫୋର୍ଡ ୭୬ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୪୨ ବଲର ଏହି ପାଳିରେ ସେ ୭ଟି ଛକା ଓ ୨ଟି ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଷ୍ଟନ ଚେଜ ୩୪, ଜାସନ ହୋଲ୍ଡର ୩୩, ସିମରନ ହେଟମାୟର ୨୩ରନ କରିଥିଲେ। ଜବାବରେ ସାମ କରନ ୩୦ ବଲରେ ୪୩ ରନର ଅପରାଜିତ ଲଢୁଆ ପାଳି ଖେଳିଥିଲେ ମଧ୍ୟ ଇଂଲଣ୍ଡ ଗୋଟିଏ ଓଭର ବଳକାଥାଇ ୧୬୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଫିଲ ସଲ୍ଟ (୩୦ ରନ), ଜ୍ୟାକବ ବେଥେଲ (୩୩ ରନ), ଜୋଶ ବଟଲର (୨୧ ରନ) ଉପଯୋଗୀ ବ୍ୟାଟିଂ କରିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ଗୁଦାକେଶ ମୋତିଙ୍କୁ ୩ଟି ଓ ରୋଷ୍ଟନ ଚେଜ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ସ୍କଟଲାଣ୍ଡକୁ ହରାଇଥିବା ୱେଷ୍ଟଇଣ୍ଡିଜର ଏହା ୨ୟ ବିଜୟ। ସେହିଭଳି ଇଂଲଣ୍ଡ ପ୍ରଥମ ପରାଜୟବରଣ କରିଛି।

## ବିଶ୍ୱ ପାରା କ୍ରୀଡ଼ାରେ ଓଡ଼ିଶାର ରଞ୍ଜିତଙ୍କୁ କାଂସ୍ୟ



ଭୁବନେଶ୍ୱର, ୧୧।୨ (ସମିସ): ଦୁବାଇରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଁପ୍ରି'ରେ ଓଡ଼ିଶାର ରଞ୍ଜିତ ଚାନ୍ଦ କାଂସ୍ୟ ପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ରଞ୍ଜିତ ପୁରୁଷ ଜାଭେଲିନ ଥ୍ରୋ'ର ଏଫ୍-୪୬ ବର୍ଗରେ ଏହି ସଫଳତା ପାଇଛନ୍ତି। ରଞ୍ଜିତ ୫୨.୭୫ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ତଥା ବିଶ୍ୱ ଚାମ୍ପିଅନ ରିଙ୍କୁ ହୁଡା ପ୍ରଭାବୀ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ରିଙ୍କୁ ୫୯.୪୬ ମିଟର ଜାଭେଲିନ ଫିଙ୍ଗିଥିଲେ। ସେହିଭଳି କେନିଆର ନାଥନ କେମ୍ବୋଇ ୫୪.୧୧ ମିଟର ଜାଭେଲିନ ଫିଙ୍ଗି ରୌପ୍ୟ ପଦକ ହାସଲ କରିଥିଲେ। କାଂସ୍ୟ ପଦକ ବିଜୟୀ ରଞ୍ଜିତଙ୍କୁ ଓଡ଼ିଶାର କ୍ରୀଡ଼ା ମହଲରୁ ଶୁଭେଚ୍ଛା ଜଣାଯାଇଛି।


### ଶ୍ରୀୟଙ୍କାଙ୍କୁ ଡବଲ୍ କାଂସ୍ୟ



ଭୁବନେଶ୍ୱର, ୧୧।୨ (ସମିସ): ଓଡ଼ିଶାର ପ୍ରତିଭାବାନ ମହିଳା ସୁଟର୍ ଶ୍ରୀୟଙ୍କା ଷଡ଼ଙ୍ଗୀ ଅନ୍ତର୍ଜାତୀୟ ସୁଟିଂରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ନେଦରଲାଣ୍ଡସର ହଗ୍‌ରେ ଅନୁଷ୍ଠିତ ଇଣ୍ଟର ସୁଟ୍ ସୁଟିଂ ପ୍ରତିଯୋଗିତାରେ ଶ୍ରୀୟଙ୍କା ୨ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କ୍ୱାଲିଫିକେଶନ ପର୍ଯ୍ୟାୟରେ ଶ୍ରୀୟଙ୍କା ୬୩୨.୩ ସ୍କୋର କରି ଶୀର୍ଷରେ ରହିବା ସହ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ଓଡ଼ିଶା କ୍ରୀଡ଼ା ମହଲରୁ ଶ୍ରୀୟଙ୍କାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

**ତମାଣ୍ଡୋ ପ୍ରିମିୟର ଲିଗ୍** | 
## ୬ ରନ୍‌ରେ ଜିତିଲା କାକଟପୁର

ଭୁବନେଶ୍ୱର, ୧୧।୨ (ସମିସ): ତମାଣ୍ଡୋ ପ୍ରିମିଅର ଲିଗ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଏମସିସି (କାକଟପୁର) ୬ ରନରେ ରୋମାଞ୍ଚକ ଭାବେ ମାଇଟୀ ୟଙ୍ଗଷ୍ଟାର୍ (ଭୁବନେଶ୍ୱର)କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କାକଟପୁର ପାଇଁ ଇଲୁ ଗୋଛାୟତ ୩୫, ଆଇଏସ ଗିରି ୪୫, ଉଦୟଯାତ ୪୦ ରନ କରିଥିଲେ। ଜବାବରେ ୟଙ୍ଗଷ୍ଟାର ପକ୍ଷରୁ ଶୁଭମ ବିଷ୍ଟ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଶୁଭମ ୩୫ଟି ବଲରେ ୭୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବିଜୟୀ ଦଳର ଦୀପକ ପାତ୍ର ୩ଟି ଓ ଉଦୟ ୨ଟି ୱିକେ୍ଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଉଦୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଧାକର ପୁହାଣ ଅତିଥିଭାବେ ଯୋଗଦେଇଥିଲେ। ଏହି ମ୍ୟାଚକୁ ସମରେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ ପରିଚାଳନା କରିଥିଲେ। ଗୁରୁବାର ବ୍ରହ୍ମପୁରର ଦୁଇ ଦଳ ବିଜେତା ୱାରିୟର୍ସ ଓ ଆର୍‌ସି କ୍ଲବ ପରସ୍ପର ସାମ୍ନାସାମ୍ନି ହେବେ।




## ନଗେଶ ଟ୍ରଫି: ଆଜି ଓଡ଼ିଶା-କର୍ଣ୍ଣାଟକ ସେମି ଲଢ଼େଇ

ଭୁବନେଶ୍ୱର, ୧୧।୨ (ସମିସ): ନୂଆଦିଲ୍ଲୀରେ ଚାଲିଥିବା ଜାତୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫିରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚରେ ୧୬ ରନରେ ଦିଲ୍ଲୀକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୫ ରନ କରିଥିଲା। ପଙ୍କଜ ଭୁଏ ଓ ଧନପତି ଗୌଡ଼ ୩୪ ରନ ଲେଖାଏ କରିଥିଲେ। ଜବାବରେ ୨୦୬ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦିଲ୍ଲୀ ୬ ୱିକେଟ୍‌ରେ ୧୮୮ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଲିଙ୍ଗରାଜ ରାଉତରାଙ୍କୁ ୨ଟି ଏବଂ ସୁଖରାମ ମାଝି, ଧନପତି ଓ ଅନିଲ ମଲ୍ଲିକଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ଧନପତିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଗୁରୁବାର ସେମିଫାଇନାଲରେ କର୍ଣ୍ଣାଟକକୁ ଭେଟିବ ଓଡ଼ିଶା।

## ଆଜି ଭାରତ-ନାମିବ୍ୟା ଲଢ଼େଇ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ଗୁରୁବାର ନାମିବ୍ୟାକୁ ଭେଟିବ। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ରାତି ୭ଟାରେ ଏହି ଗ୍ରୁପ୍-ଏ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚରେ ଆମେରିକାକୁ ୨୯ ରନରେ ପରାସ୍ତ କରିଥିଲେ ମଧ୍ୟ ଭାରତକୁ ଏହି ମ୍ୟାଚରେ ନାକେଦମ ହେବାକୁ ପଡ଼ିଥିଲା। ଏବେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ସାମ୍ନାରେ ଆଉ ଏକ ଦୁର୍ବଳ ଦଳ ରହିଛି। ଏହି ମ୍ୟାଚରେ ଭାରତ ସହଜରେ ବିଜୟୀ ହେବ ବୋଲି ଆଶା କରାଯାଉଛି। ତେବେ ଚଳିତ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଖେଳାଯାଇଥିବା ୧୫ଟି ମ୍ୟାଚରେ ଆଇସିସିର ସହଯୋଗୀ ରାଷ୍ଟ୍ରଙ୍କ ପ୍ରଦର୍ଶନ ଯେପରି ରହିଛି ସେଥିରୁ ଆଗୁଆ ଅନୁମାନ କରିବା ଏବେ କଷ୍ଟକର ବ୍ୟାପାର ହୋଇପଡ଼ିଛି। ତେବେ ନାମିବ୍ୟା ବିପକ୍ଷ ମ୍ୟାଚ ପୂର୍ବରୁ ଭାରତକୁ ଡବଲ୍ ଝଟକା ଲାଗିଛି। ବୁଧବାର ଅଭ୍ୟାସ କରୁଥିବାବେଳେ ଇନଫର୍ମ ବ୍ୟାଟର ଇଶାନ କିଶାନଙ୍କ ପାଦରେ ଆଘାତ ଲାଗିଥିବା ଜଣାପଡ଼ିଛି। ଯଶପ୍ରୀତ ବୁମ୍‌ରାଙ୍କ ଏକ ୟର୍କର ବଲ ଇଶାନଙ୍କ ପାଦରେ ବାଜିଥିଲା। ଯାହା ଫଳରେ ସେ ୫ ମିନିଟ ଅଭ୍ୟାସ କରି ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ସେହିଭଳି ଅନ୍ୟତମ ଓପନର୍ ଅଭିଷେକ ଶର୍ମାଙ୍କୁ ବୁଧବାର ମେଡିକାଲରୁ ଡିସଚାର୍ଜ କରାଯାଇଛି। ଉଦରଜନିତ ସମସ୍ୟା ଲାଗି ଅଭିଷେକ ୨ ଦିନ ହେବ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତେବେ ସେ ଗୁରୁବାର ନାମିବ୍ୟା ବିପକ୍ଷରେ ଖେଳିବେ କି ନାହିଁ ତାହା ଟିମ ପକ୍ଷରୁ ସ୍ପଷ୍ଟ ହୋଇନାହିଁ। ଦୁଇ ଓପନରଙ୍କ ଆହତ ସମସ୍ୟା ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର କାରଣ ପାଲଟିଛି। ଏପରିସ୍ଥଳେ ଖରାପ ଫର୍ମ ପାଇଁ ବେଞ୍ଚରେ ବସିଥିବା ସଞ୍ଜୁ ସାମସନ ନାମିବ୍ୟା ବିପକ୍ଷ ମ୍ୟାଚରେ ଖେଳିବା ଆଶା ଉଜ୍ଜୀବିତ ହୋଇଛି।

**ଇଶାନ ଆହତ; ଅଭିଷେକ ଅସୁସ୍ଥ**

## ୧୯ରୁ ବିହାରୀଲାଲ୍ କ୍ରିକେଟ୍; ଟି-୧୦ ଫର୍ମାଟ୍‌ରେ ମ୍ୟାଚ୍




ଭୁବନେଶ୍ୱର, ୧୧।୨ (ସମିସ): ବିହାରୀଲାଲ ଜେନା ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨୭ତମ ସଂସ୍କରଣ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେବ। ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ସ୍ଥାନୀୟ ପୋଖରୀପୁଟସ୍ଥିତ ବିହାରୀଲାଲ ଷ୍ଟାଡିୟମରେ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଟି-୧୦ ଫର୍ମାଟରେ ଡ୍ୟୁଜ ବଲରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୧୬ଟି ଦଳ ଅଂଶଗ୍ରହଣ କରିବେ। ସିନିଅର ଓ ସୁପର ସିନିଅର ଦୁଇଟି ବିଭାଗରେ ୮ଟି ଲେଖାଏ ଦଳ ଭାଗନେବେ। ଉଭୟ ବିଭାଗର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଦଳକୁ ୩୦ ହଜାର ଟଙ୍କା ଦିଆଯିବ ବୋଲି ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଟ୍ରଷ୍ଟର ସଭାପତି ଅକ୍ଷୟକୁମାର ଜେନା ସୂଚନା ଦେଇଛନ୍ତି। ଏହି ଅବସରରେ ବିହାରୀଲାଲ ଦଳର ଜର୍ସି ଉନ୍ମୋଚନ ହୋଇଥିଲା। ଏଥିରେ ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଟ୍ରଷ୍ଟର ସଦସ୍ୟ ମନୋଜ ପାତ୍ର, ତାପସ ଦଳେଇ, ତୋଫାନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

**ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍** | 
## ସେମିରେ ହାଇକୋର୍ଟ, ବୋର୍ଡ ଅଫ୍ ରେଭନ୍ୟୁ

ଭୁବନେଶ୍ୱର, ୧୧।୨ (ସମିସ): ଭୁବନେଶ୍ୱର ବାର୍ ଆସୋସିଏସନ ଆନୁକୂଲ୍ୟରେ ବିଜେବି ପଡ଼ିଆରେ ଚାଲିଥିବା ପ୍ରଶାନ୍ତ ରାଉତରାୟ ମେମୋରିଆଲ ଅଲ୍‌ଓଡ଼ିଶା ଆଇନଜୀବୀ କ୍ରିକେଟର ତୃତୀୟ କ୍ୱାର୍ଟରରେ ବୋର୍ଡ ଅଫ୍ ରେଭନ୍ୟୁ ୧୫ ରନରେ ଢେଙ୍କାନାଳ ବାର୍ ସଂଘକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ରେଭନ୍ୟୁ ସଂଘ ୧୫ ଓଭରରେ ୫ ୱିକେଟ୍ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ଢେଙ୍କାନାଳ ସଂଘ ୮ ୱିକେଟରେ ୧୦୫ ରନ କରିଥିଲା। ବିଜୟୀ ଦଳର ରାଜେଶ ରୋଡନ ଦାସ (୪୦ ରନ ଓ ୧ ୱିକେଟ୍) ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ୪ର୍ଥ କ୍ୱାର୍ଟରରେ ଓଡ଼ିଶା ହାଇକୋର୍ଟ ସଂଘ ୧୪୫ ରନ ବଡ଼ ବ୍ୟବଧାନରେ ସମ୍ବଲପୁର ବାର ସଂଘକୁ ପରାସ୍ତ କରିଛି। ଭକ୍ତି ସାମଲଙ୍କ ବିସ୍ଫୋରକ ଶତକ ବଳରେ ହାଇକୋର୍ଟ ଦଳ ୧୮ ଓଭରରେ ୮ ୱିକେଟ୍ ହରାଇ ୨୩୫ ରନ କରିଥିଲା। ଭକ୍ତି ୪୨ ବଲରେ ୧୧୦ ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ଢେଙ୍କାନାଳ ୯୦ ରନରେ ସୀମିତ ରହିଥିଲା। ଆଡଭୋକେଟ ପ୍ରମୋଦ ପଟ୍ଟନାୟକ, ଜଗନ୍ନାଥ ଦାସ, ମଧୁମାଧବ ଜେନା ଓ କୈଳାଶ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇଥିଲେ।

## ଓଡ଼ିଶା ନାଭାଲ ଟାଟା ହକି ଟିମକୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୧୧।୨ (ସମିସ): ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ୧୪ ବର୍ଷରୁ କମ୍ କେଡି ସିଂ ବାବୁ ଚାମ୍ପିଅନସିପ୍ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ନାଭାଲ ଟାଟା ହକି ଗ୍ରାସରୁଟ୍ (ଓଏନଟିଏଲଚ୍) ଟିମ୍ ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇଛି। ଫାଇନାଲରେ ଓଡ଼ିଶା ନାଭାଲ ଟାଟା ଦଳ ୨-୦ ଗୋଲରେ ଆୟୋଜକ ଉତ୍ତର ପ୍ରଦେଶ ଦଳକୁ ପରାସ୍ତ କରିଛି। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ନାଭାଲ ଦଳ ୫-୦ ଗୋଲରେ ପଞ୍ଜାବର ରାଉଣ୍ଡ ଗ୍ଲାସ ଏକାଡେମୀକୁ ଓ କ୍ୱାର୍ଟରରେ ହରିୟାଣାର ଫ୍ଲିକର ବ୍ରଦରକୁ ୪-୨ ଗୋଲରେ ହରାଇଥିଲା। ସେହିଭଳି ଲିଗ୍ ପର୍ଯ୍ୟାୟରେ ୩ଟି ଯାକ ମ୍ୟାଚ୍ ଜିତି ଓଡ଼ିଶା ଅପରାଜେୟ ରହିଥିଲା। ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ ଦଳକୁ ଏହା କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ସଫଳତା ଥିଲା। ସୁମନ କୁମାର ଚୌଧୁରୀ ଦଳର ମୁଖ୍ୟ କୋଚ୍, ଚନ୍ଦ୍ରକାନ୍ତ ବାରିକ ସହାୟକ କୋଚ୍ ଓ ଟିମ୍ ମ୍ୟାନେଜର ଭାବେ ଅମିଲ ଲୁଗୁନ ଦାୟିତ୍ୱ ତୁଲାଇଥିଲେ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

## ବେଲ୍‌ଜିୟମଠାରୁ ହାରିଲା ଭାରତ

ରାଉରକେଲା, ୧୧।୨ (ସମିସ)



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାରା ରାତିରେ ଖେଳାଯାଇଥିବା ମ୍ୟାଚରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ୧-୩ ଗୋଲରେ ଶକ୍ତିଶାଳୀ ବେଲ୍‌ଜିୟମ ନିକଟରୁ ହାରିଯାଇଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ୧-୧ ଗୋଲରେ ବରାବର ରହିଥିଲା। ୨୩ତମ ମିନିଟରେ ନେଲସନ ଓନାନାଙ୍କ ଗୋଲରେ ବେଲ୍‌ଜିୟମ ୧-୦ରେ ଆଗୁଆ ହୋଇଥିଲା। ତେବେ ଏହାର ୬ ମିନିଟ୍ ପରେ ଘରୋଇ ତାରକା ଶିଳାନନ୍ଦ ଲାକ୍ରା ଏହି ଗୋଲଟି ଶୁଝିଦେଇଥିଲେ। ଦ୍ୱିତୀୟାର୍ଦ୍ଧ କିନ୍ତୁ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ତୃତୀୟ କ୍ୱାର୍ଟରରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବେଲ୍‌ଜିୟମ ବାଜି ମାରିନେଇଥିଲା। ୪ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଦେଇ ଭ୍ରମଣକାରୀ ଦଳ ଘରୋଇ ଭାରତୀୟ ପ୍ରଶଂସକଙ୍କୁ ନିରାଶ କରିଥିଲେ। ୫୩ତମ ମିନିଟରେ ଥୋମାସ କାର୍ଲୋସ ଓ ୫୭ତମ ମିନିଟରେ ଆର୍ନୋ ଭାନ ଡିସେଲଙ୍କ ଷ୍ଟିକରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ମଙ୍ଗଳବାର ଆର୍ଜେଣ୍ଟିନାକୁ ୫-୩ ଗୋଲରେ ହରାଇଥିବା ବେଲ୍‌ଜିୟମର ଏହା କ୍ରମାଗତ ୨ୟ ବିଜୟ। ଅପରପକ୍ଷରେ ଭାରତ ଏହାର ୨ୟ ମ୍ୟାଚରେ ଗୁରୁବାର ଆର୍ଜେଣ୍ଟିନାକୁ ଭେଟିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS